# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 17 | ଭାଗ ୩୪ | ସଂଖ୍ୟା ୧୭ — Bhubaneswar | Wednesday 9 April 2025 | Page 8 Rs. 4.00 — ● ଭୁବନେଶ୍ୱର ବୁଧବାର ୯ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଆରସିବି କ୍ୟାପଟେନ୍‌ଙ୍କୁ ଜରିମାନା ପୃଷ୍ଠା ୪

ଆସିଲା ଅଚ୍ଛେ ଦିନ୍: ୧୩ ଏମ୍ଓୟୁ ସ୍ୱାକ୍ଷରିତ, ୧୫ ନିବେଶ ପ୍ରସ୍ତାବ

# ଓଡ଼ିଶା ଆସିବ ଲକ୍ଷେ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି




ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ସମ୍ପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତରେ ଥିବା ବେଳେ ତାଙ୍କର ଏହି ଗସ୍ତ ବ୍ୟାପକ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିପାରିଛି। କାରଣ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ବିଶିଷ୍ଟ ଶିଳ୍ପପତିଙ୍କ ସହ ଆଲୋଚନା କରିବା ସହ ରାଜ୍ୟ ପାଇଁ ଲକ୍ଷେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନିବେଶ ସୁନିଶ୍ଚିତ କରିପାରିଛନ୍ତି। ସେଠାକାର ତାଜ୍ ପ୍ୟାଲେସ୍‌ଠାରେ ଆୟୋଜିତ ଏହି

**୯୫ ହଜାରରୁ ଊର୍ଦ୍ଧ୍ୱଙ୍କୁ ମିଳିବ ନିଯୁକ୍ତି**

**ଆଇଓସିଏଲ୍ ସହ ଯୁଗାନ୍ତକାରୀ ଚୁକ୍ତିନାମା**

କାର୍ଯ୍ୟକ୍ରମରେ ଆଜି ମୋଟ ୧୩ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ବେଳେ ୧୫ଟି ନିବେଶ ପ୍ରସ୍ତାବ ଆସିଛି।

ଏହି ୧୩ଟି ଚୁକ୍ତିନାମା ଜରିଆରେ ଓଡ଼ିଶାରେ ଆଗାମୀ ଦିନରେ ୯୮ ହଜାର ୮୮୦ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ଯାହାକି ପାଖାପାଖି ୬୭ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଥିସହ ୧୫ଟି ନିବେଶ ପ୍ରସ୍ତାବ ଦ୍ୱାରା ସମୁଦାୟ ୧ ଲକ୍ଷ ୩ ହଜାର ୯୦ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ୯୫,୯୧୫ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଆଜି ସ୍ୱାକ୍ଷରିତ ହୋଇଥିବା ୧୩ଟି ଚୁକ୍ତିନାମାଗୁଡିକ ମଧ୍ୟରେ ଆଇଓସିଏଲ୍ ସହ ଚୁକ୍ତି ବେଶ୍ ଗୁରୁତ୍ୱପୂର୍ଣ୍ଣ। ଓଡିଶାରେ ଏକ ଡୁଆଲ୍-ଫିଡ୍ ନାଫ୍‌ଥା କ୍ରାକର ପ୍ରକଳ୍ପ ପାଇଁ ଏହି ଚୁକ୍ତି କରାଯାଇଥିବା ବେଳେ ଏହାଦ୍ୱାରା ଆଇଓସିଏଲ୍ ୫୮,୦୪୨ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏହା ମାଧ୍ୟମରେ ୨୪ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିବ। ➪ପୃଷ୍ଠା-୬

## ପ୍ରଗତି ଓ ସମୃଦ୍ଧିର ନୂଆ ସୂର୍ଯ୍ୟୋଦୟ: ଧର୍ମେନ୍ଦ୍ର



**ନୂଆ ବାୟୋ ଗ୍ୟାସ ପଲିସି ଜରୁରୀ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗଦେଇଥିବା ବେଳେ ଓଡ଼ିଶା ସରକାର ଓ ଉର୍ଜା କ୍ଷେତ୍ରରେ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଓଡ଼ିଶାକୁ ବିଶ୍ୱର ପ୍ରମୁଖ ଶକ୍ତି କେନ୍ଦ୍ରରେ ପରିଣତ କରିବ ଏବଂ ପ୍ରଗତି ଓ ସମୃଦ୍ଧିର ନୂଆ ସୂର୍ଯ୍ୟୋଦୟ ହେବ ବୋଲି ଶ୍ରୀ ପ୍ରଧାନ ମତ ବ୍ୟକ୍ତ କରିଛନ୍ତି। ବ୍ୟାପକ ମାତ୍ରାରେ ଚୁକ୍ତି ସ୍ୱାକ୍ଷର ହୋଇଥିବାରୁ ଏଥିସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଇଣ୍ଡିଆନ ଅଏଲର ପାରାଦୀପ ତୈଳ ବିଶୋଧନାଗାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଓଡ଼ିଶା ପାଇଁ ଅବଦାନ। ଏହାକୁ ବାଜପେୟୀ ଶୁଭ ଦେଇଥିବା ବେଳେ ଶ୍ରୀ ମୋଦି ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟିରେ ଏକ ନୂଆ ଆଶା ଓ ଦିଗ ସୃଷ୍ଟି କରିଛନ୍ତି। ଏହି ସମ୍ଭାବନା ଉପଲବ୍ଧ ପାଇଁ ➪ପୃଷ୍ଠା-୬




**ମାଓ ସଂଗଠନକୁ ଶକ୍ତ ଧକ୍କା**

## ଅସ୍ତ୍ର ଛାଡ଼ିଲେ ୩୧ ମାଓବାଦୀ

**ମାଲକାନଗିରି,୮।୪(ସଂଚାର ବ୍ୟୁରୋ):** ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଛତିଶଗଡ଼ର ମାଓ ପ୍ରଭାବିତ ବସ୍ତର ଜିଲ୍ଲା ଗସ୍ତ କରି ସେଠାରେ ମାଓବାଦୀମାନଙ୍କୁ ବ୍ୟାପକ ମାତ୍ରାରେ ଆତ୍ମସମର୍ପଣ କରିବା ସକାଶେ ନିବେଦନ କରିଥିଲେ। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ସକାଶେ ସ୍ୱତନ୍ତ୍ର ନୀତି ମଧ ଘୋଷଣା କରିଥିଲେ। ଏହି ନୀତିରେ ଆକର୍ଷିତ ହୋଇ ଆଜି ୩୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ପୁଲିସ ନିକଟରେ ଏହି ୨୬ ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ନାରାୟଣପୁର ଏସପିଙ୍କ ନିକଟରେ ୫ ଜଣ ମହିଳା ମାଓବାଦୀ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୩ ଜଣଙ୍କ ନାମରେ ସାଢ଼େ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସେହିପରି ମହିଳା ମାଓବାଦୀଙ୍କ ମଧ୍ୟରୁ ୩ ଜଣଙ୍କ ମୁଣ୍ଡରେ ଲକ୍ଷେ ଟଙ୍କା ଲେଖାଏଁ ପୁରସ୍କାର ରାଶି ରହିଥିବା ଜଣାପଡ଼ିଛି। ଏମାନେ ସମସ୍ତେ ଦକ୍ଷିଣ ବସ୍ତର ମାଓ ସଙ୍ଗଠନରେ ସକ୍ରିୟ ସଦସ୍ୟ ଥିଲେ। ସେମାନେ ଅନେକ ମାଓ ହିଂସାକାଣ୍ଡ ସହ ଜଡିତ ଥିଲେ। ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତିରେ ଆକର୍ଷିତ ହୋଇ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ଜଣ ପିଛା ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସକାଶେ ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଦାନ୍ତେୱାଡା ଓ ନାରାୟଣପୁର ଏସପି କହିଛନ୍ତି। ଛତିଶଗଡ଼ ସରକାରଙ୍କ ପକ୍ଷରୁ ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ସକାଶେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ଅଦ୍ୟାବଧି ଦାନ୍ତେୱାଡା ଜିଲ୍ଲାରେ ୯୫୩ ଜଣ ମାଓବାଦୀ ଅସ୍ତ୍ର ତ୍ୟାଗ କରିସାରିଲେଣି। ଏମାନଙ୍କ ମଧ୍ୟରୁ ୨୨୪ ଜଣଙ୍କ ମୁଣ୍ଡରେ ସରକାର ପୁରସ୍କାର ରାଶି ରଖିଥିଲେ।

## ଆର୍ଶୀବାଦପ୍ରାପ୍ତ ଏବେ ଭସ୍ମାସୁର




ଦିନେ ପାଣ୍ଡିଆନଙ୍କ ଆର୍ଶୀବାଦ ପାଇଁ ନବୀନ ନିବାସ ଦଉଡୁଥିଲେ। କାକୁତିମିନତି ହୋଇ ପାଣ୍ଡିଆନଙ୍କ ସହିତ ଫଟୋଟିଏ ଉଠାଇ ତାକୁ ସୋସିଆଲ ମିଡିଆରେ ଛାଡ଼ି କୃତ୍ୟ କୃତ୍ୟ ହେଉଥିଲେ। ଆଉ ଫଟୋର କ୍ୟାପସନ ଦେଉଥିଲେ 'ଫିଲିଙ୍ଗ ବ୍ଲେସ୍‌ଡ୍' ବା ଆର୍ଶୀବାଦପ୍ରାପ୍ତ। ଆଜି ସେହି ଆର୍ଶୀବାଦପ୍ରାପ୍ତ ଛାତ୍ରନେତା ଆସିଫ ଅମିନ୍ ନବୀନ ନିବାସରେ 'ପାଣ୍ଡିଆନ ଗୋ ବ୍ୟାକ୍' ନାରା ଦେବା ସହିତ ସୋସିଆଲ ମିଡିଆରେ ଭିଡିଓ ଓ ଫଟୋ ଶେୟାର କରିଛନ୍ତି । ହେଲେ ବାବୁ ଆସିଫଙ୍କର ଏଭଳି ଭସ୍ମାସୁର ଅବତାରର କାରଣ ଖୋଜିବା ପରେ ଯେଉଁ ତଥ୍ୟ ମିଳିଛି, ତାହା ଅତି ସାଂଘାତିକ। ବାବୁ କୁଆଡେ ସାଂସଦ ଦେବାଶିଷଙ୍କର ଏକାନ୍ତ ଅନୁଗତ। ଯେହେତୁ ଦେବାଶିଷ ହଠାତ୍ ପାଣ୍ଡିଆନଙ୍କ ବିରୁଦ୍ଧରେ ବିଷ ଓଗାଳୁଛନ୍ତି, ତେଣୁ ବାବୁ ଆସିଫ ସ୍ୱରରେ ସ୍ୱର ମିଳାଇ ମଉକା ଦେଖି ପାଣ୍ଡିଆନ ମୁର୍ଦ୍ଦାବାଦ ପକାଉଛନ୍ତି। ହେଲେ ଏହି ଆସିଫଙ୍କୁ ସାଂସଦ ମୁନ୍ନା ଖାଁ ଏବଂ ତାଙ୍କ ଟିମ୍ କିଭଳି ନବୀନ ନିବାସ ଆଣିଲେ, ତାହା ବଡ଼ ପ୍ରଶ୍ନବାଚୀ ହୋଇଛି। ଏମାନେ ଆସିଫ୍‌ଙ୍କ ଯୋଜନା ସଂକ୍ରାନ୍ତରେ ଅବଗତ ଥିଲେ ନା ନାହିଁ, ତାହାର ତଦନ୍ତ ପାଇଁ ବିଜେଡି ନେତାମାନେ ମତ ଦେଲେଣି। କିନ୍ତୁ କଟକରୁ ଦୁଇ ଥର ହାରିବା ପରେ ପାଣ୍ଡିଆନଙ୍କ ଶରଣ ପଶି ସାଂସଦ ହୋଇଥିବା ଦେବାଶିଷ ଓ ଜୀବନରେ ୱାର୍ଡମେମ୍ବରଟିଏ ହୋଇପାରିନଥିବା ମୁନ୍ନା ଖାଁ ପାଣ୍ଡିଆନଙ୍କ କୃପାରୁ ସାଂସଦ ହୋଇଥିବା ବେଳେ ସେମାନଙ୍କ ବୁଦ୍ଧିରେ ପଡି ଆସିଫ କ'ଣ ପାଇଁ ନିଜର ରାଜନୈତିକ ଭବିଷ୍ୟତ ଉପରେ କଳା ବୋଳିଲେ, ତାହା ଏବେ ବିଜେଡି ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

## ଜଙ୍ଗଲ ନିଆଁ ଜଗୁଛି ଡ୍ରୋନ

ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ରାଜ୍ୟରେ ଡ୍ରୋନ ଜଗୁଛି ଜଙ୍ଗଲ ନିଆଁ। ପାହାଡିଆ ଅଞ୍ଚଳରେ ନିଆଁ ଲାଗିଲେ ଚିହ୍ନଟ କରୁଛି ଡ୍ରୋନ। ଜଙ୍ଗଲ ନିଆଁ ନେଇ ସୂଚନା ପାଇଁ ଶିମିଳିପାଳ ସହ କିଛି ଜଙ୍ଗଲରେ ଏଆଇ କ୍ୟାମେରା ବ୍ୟବହାର କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପ୍ରାୟ ୨୫ ହଜାର ପଏଣ୍ଟରେ ଜଙ୍ଗଲ ନିଆଁ ଲାଗିଛି। ୯୯

**ଶିମିଳିପାଳରେ ଲାଗିଛି ଏଆଇ କ୍ୟାମେରା**

ପ୍ରତିଶତ ନିଆଁ ଲିଭାଯାଇଛି। ତେବେ ବର୍ଷା ହେଲେ ବଡ଼ ଆଶ୍ୱସ୍ତି ମିଳିପାରେ ବୋଲି ଜଙ୍ଗଲ ବିଭାଗ ଆଶା କରୁଛି। ବର୍ଷା ହେଲେ ନିଆଁ ଲିଭିବା ସହ ଦିନରାତି ଲଗାତାର ନିଆଁଲିଭାରେ ନିୟୋଜିତ ବନ କର୍ମଚାରୀଙ୍କୁ ବିଶ୍ରାମ ପାଇଁ କିଛି ସମୟ ବି ମିଳିଯିବ ।

ପ୍ରତି ସ୍ଥାନରେ ଫାୟାର ଲାଇନ କରାଯାଉଛି। ଜଙ୍ଗଲ ନିକଟରେ ଥିବା ପ୍ରାୟ ୫୦୦ ଗାଁକୁ ସଚେତନ କରାଯାଉଛି। ୩୩୪ ବନ ସ୍କ୍ୱାଡ୍ ନିୟୋଜନ ହୋଇଛନ୍ତି। ଅନେକ ଜଙ୍ଗଲ ସ୍ଥାନରେ ➪ପୃଷ୍ଠା-୬

## ଶକ୍ତି ପୀଠକୁ ଯୋଡ଼ିବ ଶକ୍ତି କରିଡର

**ପର୍ଯ୍ୟଟନ ଓ ପୂର୍ତ୍ତ ବିଭାଗର ମିଳିତ ଯୋଜନା**

**ଖୁବଶୀଘ୍ର ପ୍ରସ୍ତୁତ ହେବ ଚୂଡାନ୍ତ ରୂପରେଖ**



**ବ୍ରହ୍ମପୁର,୮।୪(ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ଶକ୍ତି ପୀଠକୁ ନେଇ ହେବ ସ୍ୱତନ୍ତ୍ର ଶକ୍ତି କରିଡ଼ର। ଏହାରି ମାଧ୍ୟମରେ ରାଜ୍ୟରେ ରହିଥିବା ସମସ୍ତ ପ୍ରମୁଖ ଶକ୍ତି ପୀଠକୁ ଯୋଡାଯିବ। ଏହି ଶକ୍ତି କରିଡ଼ର ସମ୍ପର୍କରେ ଖୁବଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯିବ ବୋଲି ଆଦି ଶକ୍ତିପୀଠ ଭାବେ ପରିଚିତ ମା' ତାରାତାରିଣୀ ମନ୍ଦିରରେ ଚୈତ୍ରପର୍ବ ଅବସରରେ ଦର୍ଶନ କରିବା ପରେ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ରାଜ୍ୟରେ ଗତ କିଛି ମାସ ଧରି ଏକ ଶକ୍ତି କରିଡ଼ର କରିବା ପାଇଁ ପ୍ରସ୍ତାବ ରହିଥିବା ବେଳେ ସରକାରଙ୍କ ଏହି ଶକ୍ତି କରିଡର ଗଞ୍ଜାମ ଜିଲ୍ଲାର ମା' ତାରାତାରିଣୀ ପୀଠ ସହିତ ବିରଜାଙ୍କ ପୀଠ, ମଙ୍ଗଳା, ଭଗବତୀ, ଉଗ୍ରତାରା, ନାରାୟଣୀ, କାଳିଜାଇ, ଭୈରବୀଙ୍କ ମନ୍ଦିରକୁ ଯୋଡି ଏକ ଶକ୍ତି କରିଡର କରାଯିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ମା' ତାରାତାରିଣୀ ପୀଠର ➪ପୃଷ୍ଠା-୬

## ସଭାପତି, ୧୪ ବିଧାୟକଙ୍କ ନାଁରେ ମାମଲା



**୫ ହଜାର କର୍ମୀଙ୍କ ବିରୋଧରେ ବି ଏତଲା**

**ଆଗୁଆ ଜାମିନ ଆବେଦନ କଲେ ନେତା**

ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ରାଜ୍ୟ କଂଗ୍ରେସର ସଭାପତି ଭକ୍ତ ଦାସଙ୍କ ସହ ସବୁ ବିଧାୟକ ଓ ୫ ହଜାର କଂଗ୍ରେସ କର୍ମୀଙ୍କ ନାଁରେ ମାମଲା ରୁଜୁ କରିଛି କମିଶନରେଟ ପୁଲିସ। ଗତ ୨୭ ତାରିଖରେ କଂଗ୍ରେସର ବିଧାନସଭା ଘେରାଉ କାର୍ଯ୍ୟକ୍ରମ ସମୟରେ ଉପୁଜିଥିବା ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏତେ ସଂଖ୍ୟକ କଂଗ୍ରେସ କର୍ମୀଙ୍କ ବିରୋଧରେ ମାମଲା କରିଛି କ୍ୟାପିଟାଲ ଥାନା ପୁଲିସ। ସମ୍ଭବତଃ ଏତେସଂଖ୍ୟକ କର୍ମୀଙ୍କ ବିରୋଧରେ ଏକ ରାଜନୈତିକ କାର୍ଯ୍ୟକ୍ରମରେ ମାମଲା କରିବା ଓଡ଼ିଶା ଇତିହାସରେ ପ୍ରଥମ। ରାଜ୍ୟ କଂଗ୍ରେସକୁ ମହଙ୍ଗା ପଡିଲା ବିଧାନସଭା ଘେରାଉ କାର୍ଯ୍ୟକ୍ରମ ବେଳେ ➪ପୃଷ୍ଠା-୬

## ଔଷଧ ଦୋକାନରେ ଇଞ୍ଜେକ୍ସନ ମନା



- ସିଡିଏମଓଙ୍କୁ ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ
- ଲାଇସେନ୍ସ ଯାଞ୍ଚ ପାଇଁ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ):** ଔଷଧ ଦୋକାନରେ ରୋଗୀଙ୍କୁ ଇଞ୍ଜେକ୍ସନ ଫୋଡ଼ିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ। ଏହି ମର୍ମରେ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛି ସ୍ୱାସ୍ଥ୍ୟ ବିଭାଗ। ଘରୋଇ ଔଷଧ ଦୋକାନରେ ଅନଅଭିଜ୍ଞ ଫାର୍ମାସିଷ୍ଟମାନେ ଇଞ୍ଜେକ୍ସନ ଦେଉଥିବାରୁ ରୋଗୀଙ୍କ ଠାରେ ହେଉଥିବା ପାର୍ଶ୍ୱପ୍ରତିକ୍ରିୟାକୁ ରୋକିବାକୁ ଏହି ପଦକ୍ଷେପ ନିଆଯାଉଛି। ଚିଠିରେ କୁହାଯାଇଛି, ଅଣତାଲିମପ୍ରାପ୍ତ ଓ ନନ୍ ପ୍ରାକ୍ଟିସନରମାନେ ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଥିବା ନେଇ ବିଭିନ୍ନ ଅଞ୍ଚଳରୁ ଅଭିଯୋଗ ଆସୁଛି। ଏହି କାରଣରୁ କିଛି ମାମଲାରେ ରୋଗୀଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥିବା ବେଳେ କିଛି ସ୍ଥାନରେ ରୋଗୀର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତି ରୋକିବାକୁ ନିୟମିତ ସମୟ ବ୍ୟବଧାନରେ ଘରୋଇ ମେଡିସିନ୍ ଷ୍ଟୋରଗୁଡ଼ିକର ଲାଇସେନ୍ସ ଅପ୍-ଟୁ-ଡେଟ୍ ଅଛି କି ନାହିଁ, ତାହା ଯାଞ୍ଚ ପାଇଁ ସବୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷିତ ଇଞ୍ଜେକ୍ସନ ପ୍ରାକ୍ଟିସ୍ ପାଇଁ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି ହିଁ କେବଳ ଇଞ୍ଜେକସନ ଦେଇପାରିବେ ବୋଲି ଉକ୍ତ ଚିଠିରେ କୁହାଯାଇଛି।

ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଚିଠି ପରେ ସିଡିଏମଓମାନେ ଔଷଧ ଦୋକାନୀମାନଙ୍କୁ ମେସେଜ ମାଧ୍ୟମରେ ଅବଗତ କରିଛନ୍ତି। ଏଥିସହ ଏହା ଉପରେ ନଜର ରଖିବାକୁ ଗଠନ କରାଯାଇଛି ସ୍କ୍ୱାଡ୍। ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଶାକର୍ମୀଙ୍କ ଜରିଆରେ ଜନସାଧାରଣଙ୍କୁ ମଧ ଏନେଇ ସଚେତନ କରାଯାଉଛି। ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## କନ୍ଦଳ ଗନ୍ଧ ବାରିଥିଲେ ଉତ୍କଳ

**ବର୍ଷକ ତଳୁ କରିଥିଲେ ପୂର୍ବାନୁମାନ**

**ଚିଠିରେ ନବୀନଙ୍କୁ ଚେତାଇଥିଲେ**





ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ବିଜେଡିରେ ଏବେ ଯେଉଁ ପାଲା ଚାଲିଛି ତାହାର ଗନ୍ଧ ପ୍ରାୟ ବର୍ଷେ ତଳୁ ବାରିପାରିଥିଲେ ପୂର୍ବତନ ବିଧାକୟକ ତଥା କେନ୍ଦ୍ରାପଡା ବିଜେଡିର ପୂର୍ବତନ ସଭାପତି ଉତ୍କଳ କେଶରୀ ପରିଡା। ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଶଯ୍ୟାଶାୟୀ ଥିବା ସମୟରେ ୨୦୨୪ ଫେବୃୟାରୀ ମାସରେ ଶ୍ରୀ ପରିଡା ନବୀନଙ୍କ ନିକଟକୁ ଭାବବିହ୍ୱଳ ହୋଇ ଯେଉଁ ଚେତାବନୀପୂର୍ଣ୍ଣ ଚିଠିଟି ଲେଖିଥିଲେ ତାହା ଆଜି ଅକ୍ଷରେ ଅକ୍ଷରେ ସତ ହେଉଥିବାରୁ ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ରୀ ପରିଡା ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଥିବାବେଳେ ତାଙ୍କୁ ଜିଲ୍ଲା ସଭାପତି ପଦରୁ ହଟାଇ ଦିଆଯାଇଥିଲା। ଏଥିରେ ଅତ୍ୟନ୍ତ ମର୍ମାହତ ହୋଇ ଶ୍ରୀ ପରିଡା ଦେଢ଼ ପୃଷ୍ଠାର ଏକ ଭାବବିହ୍ୱଳ ଚିଠି ଦଳ ସଭାପତି ନବୀନ ପଟ୍ଟନାୟକ ନିକଟକୁ ଲେଖିଥିଲେ। ଏଥିରେ ଶଯ୍ୟାଶାୟୀ ଅବସ୍ଥାରେ ତାଙ୍କୁ ଜିଲ୍ଲା ସଭାପତି ପଦରୁ ହଟାଇବା ନେଇ ଦୁଃଖ ପ୍ରକାଶ କରିବା ସହିତ ଏଭଳି ଷଡଯନ୍ତ୍ର ପଛରେ ଥିବା କିଛି ନେତାଙ୍କ ନାମ ବି ପ୍ରକାଶ କରିଥିଲେ। ଏଥି ସହିତ ଦର୍ଶାଇଥିଲେ ଯେ ସେତେବେଳର ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଲୋକପ୍ରିୟତା ହରାଇ ସାରିଛନ୍ତି। ତେଣୁ ନିଜର ବିଜୟ ସୁନିଶ୍ଚିତ କରିବାପାଇଁ ସେ ଚିର ଶତ୍ରୁ ବିଜୟ ମହାପାତ୍ରଙ୍କ ସହିତ ହାତ ମିଳାଇବେ ଓ ତାଙ୍କ ପୁଅଙ୍କୁ ବିଜେଡିକୁ ଆଣିବାକୁ ଉଦ୍ୟମ କରିବେ। ବିଜୟ ବିଜେଡିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ହସ୍ତକ୍ଷେପ କରିବେ ଏବଂ ସାଧାରଣ ନିର୍ବାଚନ ପରେ ଏହାକୁ ନେଇ ଦଳରେ ବିଭାଜନର ପ୍ରକ୍ରିୟା ଆରମ୍ଭ ହେବ। ➪ପୃଷ୍ଠା-୬

# ଗହୀରମଥାରୁ ଗିଲନେଟର ଜବତ, ୧୭ ମତ୍ସ୍ୟଜୀବୀ ଗିରଫ




**ରାଜନଗର,୮।୪ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଗିଲନେଟର ଜବତ କରିବା ସହ ଏଥିରେ ଥିବା ୧୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଡେ଼ପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ଏକକୁଳା ନିକଟରେ ମହିମା ମୟୀ ମା -୧ ନାମକ ଗିଲନେଟରକୁ ଜବତ କରିଥିଲେ। ଜବତ ଗିଲନେଟରରୁ ୧୮ କୁଇଣ୍ଟାଲ ମାଛ, ୧ ଟି ଜିପିଏସ, ୩ଟି ଭିଏଚଏଫ, ୧ଟି ଫିସଫାଇଣ୍ଡର, ୨ଟି ଗିଲି ଜାଲ ଓ ୧ଟି ମୋବାଇଲ ଜବତ କରାଯାଇଛି। ଟ୍ରଲରରେ ଥିବା ବିଶ୍ୱଜିତ ମଣ୍ଡଳ, କନ୍ହେଇ ସାହୁ, ଅଚିନ୍ତା ମଣ୍ଡଳ, ଅର୍ଜ୍ଜୁନ ମଣ୍ଡଳ, ବିଶ୍ୱଜିତ ସିଂ, ଶ୍ରୀପତି ମଣ୍ଡଳ, ଭକ୍ତହରି ମଣ୍ଡଳ, ଗୌରାଙ୍ଗ ମଣ୍ଡଳ, ମାନସ ଜେନା, ତାପସ ଲୟ, ସମୀରଣ ସାହୁ, ରାଜେଶ କୁମାର ମଳିକ, ଅର୍ଜୁନ ପାତ୍ର, ଶମ୍ଭୁ କୟାଲ, ବିନୟ ସାମଲ, ଗୋଲେଖ ମଳିକ, ସୁକୁମାର ତରାଇ ପ୍ରମୁଖ ୧୭ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନି ୧୯୭୨ ରେ କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ଗିରଫ ମତ୍ସ୍ୟଜୀବ ମାନେ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି।

### ଚୋରା ମଦ କାରବାର ବନ୍ଦ ପାଇଁ ଦାବି

# ହ୍ୟୁମ୍ୟାନ ରାଇଟ୍ସ ପ୍ରୋଟେକ୍ସନ ସେଲ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ରାଜନଗର,୮।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଣ୍ଟି ଗାଁରେ ବେଧଡକ ଭାବେ ଚୋରା ମଦ ବିକ୍ରି କରାଯାଉଛି।ଚୋରା ମଦ କାରବାର ବିରୁଦ୍ଧରେ ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଡିସେମ୍ବର ୩୧ ତାରିଖ ଦିନ ଶତାଧିକ ମହିଳା ରାସ୍ତା ଅବରୋଧ କରିଥିଲେ। ପୁଲିସ ଚୋରା ମଦ ବେପାରୀ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ବଦଳରେ ୨୦ ଜଣ ମହିଳାଙ୍କ ବିରୁଦ୍ଧରେ କେସ କରିବା ଘଟଣାରେ ସ୍ଥାନୀୟ ଅଞ୍ଚଳରେ ପତିକ୍ରିୟା ବଢ଼ିବାରେ ଲାଗିଛି। ମହିଳାଙ୍କ ଆନ୍ଦୋଳନ ପରେ ମଧ କୁରୁଣ୍ଟି ଗାଁରେ ଚୋରା ମଦ କାରବାର ବନ୍ଦ ହେବା ପରିବର୍ତ୍ତେ ବଢ଼ି ଥିବାରୁ ଏହି ଚୋରା ମଦ କାରବାର ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଠୋସ ପଦକ୍ଷେପ ନେବାକୁ ହ୍ୟୁମ୍ୟାନ ରାଇଟ୍ସ ପ୍ରୋଟେକ୍ସନ ସେଲର ରାଜନଗର ବ୍ଲକ ସଭାପତି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ୫ ଦିନ ତଳେ କୁରୁଣ୍ଟି ଗାଁର କଞ୍ଚାନେଶ୍ୱର ବଣିକ ସଂଘ, କଞ୍ଚନେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ କମିଟି, ମହିଳା ମହାସଂଘ ପକ୍ଷରୁ କେନ୍ଦ୍ରପଡା ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

# ଅଗ୍ନିକାଣ୍ଡରେ ଜଳିଗଲା ଡ୍ରେସ୍ ଦୋକାନ




**କେନ୍ଦ୍ରାପଡ଼ା,୮।୪ (ସଂଚାର ବ୍ୟୁରୋ):** ମାର୍ଶାଘାଇ ତହସିଲ ଅଧିନସ୍ଥ କରିଲୋ ପାଟଣାରେ ଘଟିଛି ଏକ ଅଭାବନୀୟ ଘଟଣା । ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଜଳିଯାଇଛି ଏମ୍ ଏସ୍ ଫେସନ୍ ନାମକ ଏକ ଡ୍ରେସ ଦୋକାନ । ମାଲିକ ଶିବ ପ୍ରସାଦ ମଲ୍ଲଙ୍କ କହିବା ଅନୁଯାୟୀ ଗାଁ ଗହଳିର ଗଢ଼ି ଉଠିଥିବା ଏକ ଛୋଟ ବଜାରରେ କରିଥିବା ନିଜ ଡ୍ରେସ ଦୋକାନରେ ନିଆଁ ଲାଗିବାର ଖବର ପାଇ ଦୋକାନକୁ ଆସି ଦେଖିଲେ ଯେ ନିଆଁ ଲାଗି ଜଳି ଯାଉଛି ଲକ୍ଷ ଲକ୍ଷ ଟଙ୍କାର ଡ୍ରେସ୍। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବୋଲି ସୂଚନା ଦେଇଛନ୍ତି । ପାରିପାର୍ଶ୍ୱିକ ସ୍ଥିତି ଦେଖି ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥାଇ ପାରେ ବୋଲି ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ମାର୍ଶାଘାଇ ତହସିଲଦାରଙ୍କ ପ୍ରତିକ୍ରିୟା ଅନୁସାରେ, ସେ ଏ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି ଏବଂ ଏହାର ତଦନ୍ତ କରାଯାଇ ଯାହା ପ୍ରଶାସନିକ ନିୟମାବଳୀ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ମାର୍ଶାଘାଇ ତହସିଲଦାର ।

### ଅନ୍ତ୍ୟୋଦୟ ଗୃହ ବଣ୍ଟନରେ ଅନିୟମିତତା

# ବିଡିଓଙ୍କୁ ଫେରାଦ ହେଲେ ଅଯୋଗ୍ୟ ହିତାଧିକାରୀ

**ଡେରାବିଶ,୮।୪ (ସଂଚାର ବ୍ୟୁରୋ):** ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ ପର୍ଯ୍ୟାୟ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଦୁରାରୋଗରେ ପୀଡ଼ିତ ବ୍ୟକ୍ତି, ସହିଦଙ୍କ ପରିବାର, ଗୁରୁତର ଭିନ୍ନକ୍ଷମ, ସନ୍ତାନ ଥିବା ଅସହାୟ ବିଧବା, ପ୍ରାକୃତିକ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ପରିବାରକୁ ପକାଘର ପ୍ରଦାନ ପାଇଁ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି । ହେଲେ, ବ୍ଲକ୍‌ରେ ଅଯୋଗ୍ୟ ଓ ଥିଲାବାଲାଙ୍କୁ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ବୋଲି ବେଣୀପୁର ପଞ୍ଚାୟତବାସୀ ଆଜି ଡେରାବିଶ ବିଜିଓ ନମିତା ବାରିକଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏପରି କି, ସୁସ୍ଥ ଥିବା ବ୍ୟକ୍ତି, ଚାରିବଖରା କୋଠାଘର ଥିବା ବ୍ୟକ୍ତିଙ୍କ ସମେତ




ବହୁ ଅଯୋଗ୍ୟଙ୍କୁ ତାଲିକାଭୁକ୍ତ କରାଯାଇଥିବା ନେଇ ରଶ୍ମିରଞ୍ଜନ ସାହୁ, କମଳାକାନ୍ତ ନାୟକ, ଅଭିଜିତ୍ ପରିଡ଼ା, ଅନାମ ବେହୁରା, ପ୍ରଭାତ ରଞ୍ଜନ ସାହୁ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିପାଇଁ ସେମାନେ ସରପଞ୍ଚ ଓ ପିଇଓଙ୍କୁ ଦାୟୀ କରିଛନ୍ତି।

ଏ ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ପଞ୍ଚାୟତବାସୀଙ୍କ ଅଭିଯୋଗ ପରେ ତଦନ୍ତ ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଅନ୍ୟପଟେ, ଘଟଣା ସମ୍ପର୍କରେ ବେଣୀପୁର ସରପଞ୍ଚ ମୋହନଚରଣ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବେଆଇନ କାର୍ଯ୍ୟାଦେଶ ନେଇ ଅଭିଯୋଗ ହେଉଥିବା ବ୍ୟକ୍ତିଜଣକ ଭିନ୍ନକ୍ଷମ ବୋଲି ସମ୍ପୃକ୍ତ ୱାର୍ଡ ସଭ୍ୟ ସୁପାରିଶ କରିଥିଲେ। ସେହିପରି ସରକାରୀ ନିୟମ ଅନୁସାରେ ଅଧିକାରୀମାନେ ତଦନ୍ତ କରି ଯୋଗ୍ୟ ତାଲିକା ପ୍ରସ୍ତୁତ କରିଛନ୍ତି। ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ତାଙ୍କ ବିରୋଧରେ ଅଭିଯୋଗ ଭିତ୍ତିହୀନ ବୋଲି ସରପଞ୍ଚ କହିଛନ୍ତି।



# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବି

**କେନ୍ଦ୍ରାପଡା,୮।୪ (ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ଯାହାର ଉଦାହରଣ ପୁରୀରେ ଦେଖିବାକୁ ମିଳିଛି। ଜଣେ କର୍ତ୍ତବ୍ୟରତ ମହିଳା ସାମ୍ବାଦିକ ଏବଂ ତାଙ୍କ ସହଯୋଗୀକୁ ପୁରୀ ଶ୍ରୀମନ୍ଦିର ସେବାୟତ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରାଯାଇ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ଓ ସାମ୍ବାଦିକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସାମ୍ବାଦିକ ଦ୍ୱାରା ଜିଲ୍ଲା ସଂଗଠନ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଭାରପ୍ରାପ୍ତ ଜିଲ୍ଲପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

# ଜେଏନ କଲେଜରେ ରକ୍ତଦାନ ଶିବିର

**ମାହାଙ୍ଗା,୮।୪ (ସଂଚାର ବ୍ୟୁରୋ):** ମାହଙ୍ଗା ଜବାହରଲାଲ ନେହେରୁ ମହାବିଦ୍ୟାଳୟ କୁଆଁପାଳ ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଚିତ୍ତ ରଞ୍ଜନ ଦାସ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ମହଙ୍ଗା ର ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ଦ୍ୱାରା ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।



ଯୁବ ରେଡ୍‌କ୍ରସ କାଉନ୍‌ସେଲର ଅଧାପକ ରୁଦ୍ର ନାରାୟଣ ଦାଶ , ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଅଧାପିକା ଗୀତାଞ୍ଜଳି ଆର୍ଯ୍ୟ ଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧାପକ ରବି ନାରାୟଣ ବାରିକ, ପ୍ରାଧାପକ ନିଖିଳେଶ ମହାନ୍ତି , ପ୍ରାଧାପକ କୃଷ୍ଣଚନ୍ଦ୍ର ବେହେରା, ଅଧାପକ ଦାଶରଥି ସ୍ୱାଇଁ, ଅଧାପକ ବସନ୍ତ କୁମାର ସେଠୀ, ଅଧାପକ ମଳୟ ନାୟକ, ଅଧାପିକା ଡ଼ ଜୟଶ୍ରୀ ରାଉତ, ଅଧାପିକା ସଂଘାରଣୀ ମହାପାତ୍ର, ଅଧାପିକା ମହେଶ୍ୱେତା ଲେଙ୍କା, ଅଧାପିକା ବିଜେଲକ୍ଷ୍ମୀ ମିଶ୍ର, ଗୌତମ ରାଉତ ରାଏ, ଧରଣୀଧର ଦାସ, ଅରୁଣ କୁମାର ବାରିକ ଓ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ମାନେ ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧରେ ଉପସ୍ଥିତ ଥିଲେ ଜିତେନ୍ଦ୍ର ଶତପତି, ଅଜୟ ନାୟକ, ଧ୍ରୁବ ଚରଣ ସାମଲ, ଭକ୍ତ ସ୍ୱାଇଁ, ନିର୍ମଳ ରାଉତ ଏବଂ ଅନ୍ୟ ନେତୃମଣ୍ଡଳୀମାନେ ।

# ଦୁମୁକା ହନୁଆଗଣ୍ଡରେ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ଡେରାବିଶ,୮।୪ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକା ଗ୍ରାମର ହନୁଆଗଣ୍ଡସ୍ଥିତ ବନବିହାରୀ ମହାପୁରୁଷଙ୍କ ମହାବୀର ନୂତନ ପୀଠରେ ଶ୍ରୀ ହନୁମାନଜିଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଲାଲା, ସୀତାମାତା, ପ୍ରଭୁ ଲକ୍ଷ୍ମଣ ଓ ମହାବୀର ହନୁମାନଙ୍କ ସମେତ ବନବିହାରୀ ମହାପୁରୁଷଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଯାଇଛି। ଗତ ଶନିବାର ଅଙ୍କୁରାରୋପଣ, ରବିବାର ଧନ୍ୟାଧିବାସ, ସୋମବାର ଯଜ୍ଞକର୍ମ ଓ ପୂର୍ଣ୍ଣାହୁତି ପରେ ନବଯୌବନ ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେହିପରି ତିନିଦିନ ଧରି ମନ୍ଦିର ପରିସରରେ ଭଜନ, ସଙ୍କୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ବିଜେଡି ଜିଲ୍ଲା ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ବିଜେପି ନେତା ତେଜେଶ୍ୱର



ପରିଡ଼ା, ବିଜେଡି ନେତା ତଥା ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ନାୟକ, ବିଜେପି ନେତ୍ରୀ ମନୀଷା ପଣ୍ଡା, ସରପଞ୍ଚ କାଶୀନାଥ କାଣ୍ଡି ପ୍ରମୁଖ ବିଭିନ୍ନ ଦିବସରେ ଠାକୁର ଦର୍ଶନ କରିଥିଲେ । ମନ୍ଦିର କମିଟି କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ ।



# ଭୁଇଁପୁର ପଞ୍ଚାୟତ ତରଫରୁ ଜଳଛତ୍ର ଉଦ୍‌ଘାଟିତ

**ଆଳି,୮।୪ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଭୁଇଁପୁର ପଞ୍ଚାୟତ ପକ୍ଷରୁ ଭୁଇଁପୁର ବଜାର ଠାରେ ଖୋଲାହେଲା ଜଳ ଛତ୍ର। ଏହାକୁ ଫିତା କାଟି ଉଦଘାଟନ କରିଛନ୍ତି ରେଶ୍ମା ରାଣୀ ମଲ୍ଲିକ। ପ୍ରଚଣ୍ଡ ଖରାକୁ ଅସହ୍ୟ ଗୁଳୁଗୁଳି ଅସ୍ତ ବ୍ୟସ୍ତ ଜନଜୀବନ ତୃଷାରେ ଶହ ଶହ ବାଟୋଇ ଯାହାକୁ ଅନୁଭବ କରି ଖୋଲାଯାଇଛି ଜଳଛତ୍ର। ପ୍ରତିବର୍ଷ ପରି ଚଳିତ ବର୍ଷ ସରପଞ୍ଚ ଓ ପଞ୍ଚାୟତ ପାଖରୁ ବାଟୋଇ ମାନଙ୍କ ତୃଷା ନିବାରଣ ନିମନ୍ତେ ଜଳଛତ୍ର ଖୋଲାଯିବା ପରେ ଆଶ୍ୱସ୍ତି ମିଳିବା ସହିତ ଖୁସି ପ୍ରକଟ କରିଛନ୍ତି ଶହ ଶହ ବାଟୋଇ। ଏହି ବାଟ ଦେଇ ସଦର ମହକୁମା ଆଳି ବ୍ଲକ୍, ତହସିଲ, ଥାନା, ମେଡ଼ିକାଲ ଶହ ଶହ ଲୋକ ଯାଇଥାନ୍ତି ନିଜର କାର୍ଯ୍ୟ କରିବାକୁ। ଏହି ଜଳ ଛତ୍ର ଖୋଲିଲା ପରେ ବୋହୁତ ଲୋକେ ନିଜର ତୃଷା ମେଣ୍ଟାଉଥିବା ଦେଖା ଯାଇଛି। ଯାହା ଫଳରେ ପଂଚାୟତର ସରପଞ୍ଚଙ୍କୁ ଧନ୍ୟ ବାଦ ଦେବା ସହ ଛକ ଛକରେ ଜଳଛତ୍ର ଖୋଲିବାକୁ ପ୍ରଶାସନକୁ ଦବିକରିଛନ୍ତି।ଅନ୍ୟ ପଟେ ଏହି ଜଳ ଛତ୍ର ଦୁଇ ମାସରୁ ତିନି ମାସ ରହିବ ବୋଲି କହିଛନ୍ତି ସରପଞ୍ଚ ଶ୍ରୀମତୀ ମଲ୍ଲିକ। ଉଦଘାଟନୀ ପର୍ବରେ ପାନୀୟ ଜଳ ଦହିପାଣି ଲେମ୍ବୁ ପାଣି ସହିତ ପଣା ବଣ୍ଟନ କରାଯାଇଥିଲା।ଏହି ଜଳ ଛତ୍ର ଉଦଘାଟନ ରେ ଯୋଗ ଦେଇଥିଲେ ପଞ୍ଚାୟତର ନିର୍ବାହୀ ଯନ୍ତ୍ରୀ ମନିନ୍ଦ୍ର ପ୍ରଧାନ ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ର ଓ ଉଷା କାନ୍ତ ସାମଲ, ଅରୂପ ପରିଡ଼ା ସତ୍ୟ ରଞ୍ଜନ ବିଶ୍ୱାଳ, ସମସ୍ତ ୱାଡ ମେମ୍ବର ଏହି ମହାନ ପ୍ରୟାସ ସଭିଙ୍କର ତୃଷା ମେଣ୍ଟାଇବାରେ ସହାୟକ ହୋଇଛନ୍ତି।

# ସମବାୟ ସମିତି ଅଚଳ, ୧୫ରେ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ

**ପଟ୍ଟାମୁଣ୍ଡାଇ,୮।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସମବାୟ ସମିତି ଆଜକୁ ପ୍ରାୟ ୪/୫ ବର୍ଷ ହେବ ଅଚଳ ହୋଇ ପଡିଛି । ଯାହାଫଳରେ ଚାଷୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏହାର ପ୍ରତିବାଦରେ ଆସନ୍ତା ୧୫ ତାରିଖରେ ପଟ୍ଟାମୁଣ୍ଡାଇ ସମବାୟ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେବା ପାଇଁ ପଟ୍ଟାମୁଣ୍ଡାଇ ସମବାୟ ମଂଚ ଓ ସମବାୟ ଅଧିନସ୍ଥ ସମସ୍ତ କୃଷକମାନେ ନିଷ୍ପତ୍ତି ନେଇଛନ୍ତି ।

ଏ ସମ୍ପର୍କରେ ସମବାୟ ମଂଚର ସଭାପତି ବ୍ରଜବନ୍ଧୁ ଦାଶ ଓ ସଭ୍ୟମାନେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଆଜକୁ ୪/୫ ବର୍ଷ ହେବତକ୍ାଳୀନ ସରକାର ପଟ୍ଟାମୁଣ୍ଡାଇ ସମବାୟ ସମିତିକୁ ବସ୍ତୁତଃ ଅଚଳ କରିଦେଇଛନ୍ତି। ଯାହାଫଳରେ ଏହି ସମବାୟ ସମିତି ଅଧୀନରେ ଥିବା ଚାଷୀମାନେ ରାଜ୍ୟ ସରକାରଙ୍କ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏପରିକି ଯେଉଁ ଚାଷୀ ମାନେ କୃଷି ଋଣ କରିଥିଲେ ତାହାର ପି ଟି ନହେବାରୁ ଋଣ ଭାର ବଢ଼ି ବଢ଼ି ଚାଲିଛି । ଏହାଛଡା ସମିତିର ସଭ୍ୟମାନଙ୍କ ଜମା ବହି ଋଣ ପ୍ରମାଣପତ୍ରକୁ ଉଦ୍ଦେଶ୍ୟମୂଳକ ଭାବେ ନଷ୍ଟ କରି ଦିଆଯାଇଛି। ଯାହାଫଳରେ ଚାଷୀମାନେ ଚାହିଁଲେ ବି ଋଣ ପରିଶୋଧ କରି ପାରୁନାହାନ୍ତି। ଏଭଳି ଦୁସ୍ଥିତିରେ ଚାଷୀମାନେ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । ରାଜ୍ୟ ସରକାର ଚାଷୀମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଦେଉଥିବାବେଳେ ପଟ୍ଟାମୁଣ୍ଡାଇ ସମବାୟ ସମିତି ଅଚଳ ହୋଇ ପଡିଥିବାରୁ ଏହାର ଚାଷୀ ମାନେ ଦୀର୍ଘଦିନ ହେବ ସରକାରୀ ସୁବିଧା ସୁଯୋଗରୁ ବଂଚିତ ହୋଇଛନ୍ତି ।

ଏହାର ପ୍ରତିବାଦରେ ଆସନ୍ତା ୧୫ ତାରିଖରେ ପଟ୍ଟାମୁଣ୍ଡାଇ ସମବାୟ ମଂଚ ପକ୍ଷରୁ ପଟ୍ଟାମୁଣ୍ଡାଇ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଆନ୍ଦୋଳନ କରାଯିବ ବୋଲି ସଭାପତି ଶ୍ରୀଦାଶ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ସମବାୟ ମଞ୍ଚ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ଜିଲ୍ଲାପାଳ, ସମବାୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି ।

# ସିଆରସିସି ଓ ପ୍ରଧାନଶିକ୍ଷକଙ୍କ ୨ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି,୮।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣପତି ଭବନ ପରିସରରେ ସିଆରସିସି ଓ ପ୍ରଧାନଶିକ୍ଷକ ମାନଙ୍କୁ ୟୁ.ଏ.ଏ.ସ୍ ପ୍ରଶିକ୍ଷଣ ଶିବିର ପ୍ରଦାନ ଦୁଇଦିନ ବ୍ୟପି ଅନୁଷ୍ଠିତ ହୋଇ ଆଜି ଉଦଯାପିତ ହୋଇଯାଇଛି। ପ୍ରଥମ ଦିନରେ ସମସ୍ତ ସିଆରସିସି, ପ୍ରଧାନ ଶିକ୍ଷକଙ୍କ ସହିତ ୨୩୯ଜଣ ପ୍ରଧାନଶିକ୍ଷକ,ଶିକ୍ଷୟିତ୍ରୀ, ସିଅରସିସି ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଧଳପଡ଼ା କ୍ଲଷ୍ଟର ସିଆରସିସି ନରେନ୍ଦ୍ରନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ କାର୍ଯ୍ୟାଳୟର ଏମ୍ଆଇଏସ୍ ଅଶୋକ କୁମାର ସେଠୀ ଓ ସମଗ୍ର ଶିକ୍ଷାର ଡିଇଓ ଅମର ସାମଲ ପ୍ରଶିକ୍ଷକ ଭାବେ ଯୋଗଦେଇ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ଭାରାପ୍ରାପ୍ତ ଏବିଇଓ ତଥା ବିଆରସିସି ସୁଶୀଲ



ଚକ୍ରବର୍ତ୍ତୀ ଯୋଗଦେଇ ପ୍ରଶିକ୍ଷଣ ଶିବିର କାର୍ଯକ୍ରମ ତଦାରଖ କରିଥିଲେ। ପୂର୍ବରୁ ଶିକ୍ଷା ବିଭାଗର ପ୍ରତ୍ୟେକ କାର୍ଯ୍ୟ ଅନଲାଇନ ଦ୍ୱାରା ଭିନ୍ନ ଭିନ୍ନ ପୋଟାର୍ଲ ଆପରେ କରାଯାଉଥିଲା ବେଳେ ଏହାକୁ ସହଜ ସରଳ କରିବା ପାଇଁ ଏଥର ସମସ୍ତ କାର୍ଯ୍ୟକୁ ଏକମାତ୍ର (ୟୁନିଫାଏଡ଼େ ଅଟୋମେସନ୍ ସିଷ୍ଟମ) ପୋର୍ଟାଲରେ କରାଯିବା ପାଇଁ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଶାସନିକ କାର୍ଯ୍ୟକୁ ସରଳ କରିବା ଏବଂ ଶିକ୍ଷାଗତ ସେଟିଙ୍ଗସ ରେ ଦକ୍ଷତା ବୃଦ୍ଧି କରିବା ପାଇଁ ଏହି ପ୍ରଶିକ୍ଷଣର ଆୟୋଜନ କରାଯାଇଥିଲା। ଏଥିରେ ସିଆରସିସି ଓ ପ୍ରଧାନଶିକ୍ଷକ ମାନେ ସେମାନଙ୍କର ବିଦ୍ୟାଳୟର ସମସ୍ତ ଡ଼ାଟା ତଥା ଶିକ୍ଷକଙ୍କ ଡ଼ାଟା, ଛାତ୍ରଛାତ୍ରୀଙ୍କ ଡ଼ାଟା,ସ୍କୁଲର ବିଭିନ୍ନ ଡ଼ାଟା ଓ ଅନ୍ୟାନ୍ୟ ଡ଼ାଟା ଏହି ଗୋଟିଏ ପୋର୍ଟାଲରେ ସହଜରେ କରିପାରିବେ। ଏହାଛଡ଼ା ସିଆରସିସି ମାନେ ମଧ ସେମାନଙ୍କର ବିଭିନ୍ନ ତଥ୍ୟ ଓ ବିଦ୍ୟାଳୟର ପରିଚାଳନା ଓ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଏହି ପୋର୍ଟାଲରେ ତଥ୍ୟ ପ୍ରଦାନ କରିପାରିବେ ବୋଲି ଜଣାଯାଇଛି।

### ମହଙ୍ଗା ପଡ଼ିଲା ଜାଲ୍ ଜାତି ପ୍ରମାଣପତ୍ରରେ ସରକାରୀ ଚାକିରି ହାତେଇବା

# ଚାକିରିରୁ ବିଦା ସହ ଅପରାଧିକ ମାମଲା ରୁଜୁ ପାଇଁ ଆରଡିସିଙ୍କ ନିର୍ଦ୍ଦେଶ

**ମହାକାଳପଡ଼ା,୮।୪ (ସଂଚାର ବ୍ୟୁରୋ):** ଜାଲ ପ୍ରମାଣପତ୍ର ହାତେଇ ସରକାରୀ ଚାକିରି କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଞ୍ଚଳିକ ବିଭାଗୀୟ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଚାକିରିରୁ ବିଦା, ଚାକିରି ଜୀବନରେ ନେଇଥିବା ବେତନ ଫେରସ୍ତ ଓ ଜାଲ୍ ଜାତି ପ୍ରମାଣପତ୍ରରେ ସରକାରୀ ଚାକିରି ହାତେଇ ଥିବାରୁ ସେମାନଙ୍କ ନାମରେ ଅପରାଧିକ ମାମଲା ରୁଜୁ କରିବାକୁ ମଧ ଚିଠିରେ ଉଲ୍ଲେଖ କରାଯାଇଛି।

### ଫେରାଇବେ ନେଇଥିବା ବେତନ ରାଶି
### ଭାରି ପଡ଼ିଲେ ସୂଚନା ଅଧିକାର କର୍ମୀ

ଏତଦବ୍ୟତୀତ ଜମି ପଟ୍ଟାରେ ଭୁଲ୍ ଉଲ୍ଲେଖ ଥିବା ଜାତି ନାମକୁ ସୁଧାରିବା ପାଇଁ ମଧ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଆରଡିସି। ମହାକାଳପଡ଼ା ଜଙ୍ଗଲ ଜମି ଦୁର୍ନୀତିର ଖବର ଥମିନଥିବା ବେଳେ ଏବେ ଜାଲ ଜାତି ପ୍ରମାଣପତ୍ରରେ ସରକାରୀ ଚାକିରି ହାତେଇବା ଘଟଣାର ଖବର ସାମ୍ନାକୁ ଆସିବା ପରେ ତହସିଲ ପ୍ରଶାସନର ଗୁମର ଫିଟୁଛି।





ରାମନଗର ଗ୍ରାମର ସନ୍ତୋଷ ଦେବନାଥ ଜଣେ ଯୋଗୀ ଜାତିର ଯାହା ଓବିସି ଅଧୀନରେ ରହିଛି। ହେଲେ ଜାତି ପ୍ରମାଣପତ୍ରରେ ସେ ଓବିସିରୁ ଏସସି ଅର୍ଥାତ ହରିଜନ ବୋଲି ପରିଚୟ ହାତେଇଛନ୍ତି। ସନ୍ତୋଷ ଦେବନାଥଙ୍କ ପୁଅ ଶୁଭ୍ରାଂଶୁ ଶେଖର ଦେବନାଥ ଓ ଝିଅ ନିଳିମା ଦେବନାଥ ଜାଲ୍ ଜାତି ପ୍ରମାଣପତ୍ର ଦେଇ ସରକାରୀ ଚାକିରି ହାତେଇଛନ୍ତି। ନିଳିମା ଦେବନାଥ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ ଭୁବନେଶ୍ୱରରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲେ। ଶୁଭ୍ରାଂଶୁ ଶେଖର ଦେବନାଥ କୋଲ୍ ଇଣ୍ଡିଆ ଲିମିଟେଡ୍, ବ୍ରଜରାଜନଗର, ଝାରସୁଗୁଡା ଠାରେ ଡେପୁଟି ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲେ। ଜାଲ ଜାତି ପ୍ରମାଣପତ୍ର ସମ୍ପର୍କିତ ତଦନ୍ତ ରିପୋର୍ଟ ଦାଖଲ ପରେ ଆରଡ଼ିସ୍ଥି ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ ଓ କୋଲ୍ ଇଣ୍ଡିଆ ଲିମିଟେଡକୁ ଚିଠି ଲେଖି ସେମାନଙ୍କୁ ଚାକିରିରୁ ବିଦା କରିବା ସହ ନେଇଥିବା ବେତନ ରାଶି ଫେରସ୍ତ ଓ ଜାଲ୍ ଜାତି ପ୍ରମାଣପତ୍ରରେ ଚାକିରି କରିଥିବାରୁ ଅପରାଧିକ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆରଡିସିଙ୍କ ନିର୍ଦ୍ଦେଶ ପରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ ତରଫରୁ ନିଳିମା ଦେବନାଥଙ୍କୁ ୫ ଏପ୍ରିଲ୍ ୨୦୨୫ ରେ ଚାକିରିରୁ ବହିଷ୍କୃତ କରିବା ସହିତ ଚାକିରୀ ଜୀବନରେ ନେଇଥିବା ଆର୍ଥିକ ଲାଭାଂଶ ଫେରସ୍ତ ପାଇଁ ଚିଠି କରିଛନ୍ତି।

ସେହିପରି ଅନ୍ୟଜଣେ ପରିବାର ହେଉଛନ୍ତି ସନ୍ୟାସୀ ଦେବନାଥ। ସନ୍ୟାସୀ ଙ୍କ ପରିବାର ମଧ ଜାତି ପ୍ରମାଣପତ୍ରରେ ଜାଲିଆତି କରି ସରକାରୀ ସୁବିଧା ସୁଯୋଗ ହାତେଇଛନ୍ତି। ସନ୍ନ୍ୟାସୀଙ୍କ ପୁଅ ମନୋଜ ଦେବନାଥ ଜାଲ୍ ଜାତି ପ୍ରମାଣପତ୍ର ଦେଇ କଲିକତାରେ ପୋଷ୍ଟ ଗ୍ରାଜୁଏଟ ମେଡିକାଲ୍ ଏଜୁକେଶନ ଓ ରିସର୍ଚ୍ଚରେ ଅଧ୍ୟୟନ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ତହସିଲର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠିଛି।

ଏହି ଜାଲ ଜାତି ପ୍ରମାଣପତ୍ର ସମ୍ପର୍କିତ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ଜାଣିବା ପରେ ରାମନଗର ଗ୍ରାମର ସୂଚନା ଅଧିକାର କର୍ମୀ ଅମିତାଭ ଚାନ୍ଦ ଓ ନିମାଇ ବାଡ଼େଇ ୨୦୧୬ ମସିହାରେ ଆରଡ଼ିସ୍ଥିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆରଡିସିଙ୍କ ନିର୍ଦ୍ଦେଶ ପରେ ତହସିଲଦାର ଓ ଏସଡିପିଓ ରାମନଗରରେ ପହଞ୍ଚି ଜନସାଧାରଣଙ୍କ ମତାମତ ଓ ବିଦ୍ୟାଳୟ ଆଦିରୁ ତଦନ୍ତ କରି ୪ ଡିସେମ୍ବର ୨୦୨୦ରେ ଜାତି ପ୍ରମାଣପତ୍ରରେ ଜାଲିଆତି ହୋଇଥିବା ରିପୋର୍ଟ ଆରଡିସିଙ୍କୁ ଦାଖଲ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ



**ପଟ୍ଟାମୁଣ୍ଡାଇ,୮।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସରସ୍ୱତୀ ବିଦ୍ୟା ମନ୍ଦିର ଠାରେ ପ୍ରଧାନ ଗୁରୁଜୀ ପ୍ରଭାତ କିଶୋର ନାୟକଙ୍କ ତତ୍ତ୍ୱାବଧାନରେ ପବିତ୍ର ରାମ ନବମୀ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଗୁରୁଜୀଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରହରାଜପୁର ଠାରୁ ଆରମ୍ଭ ହୋଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ବାଇପାସ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିବାବେଳେ ସ୍କୁଲର ଅମର ଗୁରୁଜୀ, ବାନାମ୍ବର ଗୁରୁଜୀ ଓ ପରିଚାଳନା କମିଟି ସଦସ୍ୟ ପ୍ରମୁଖ ପରିଚାଳନା କରିବା ସହିତ ଯୋଗ ଦେଇଥିଲେ। ପ୍ରଭୁ ଶ୍ରୀରାମ, ମା ସୀତା, ଲକ୍ଷ୍ମଣ, ହନୁମାନ ବେଶ ଧାରଣ କରି ଶିଶୁମାନେ ଏକ ସୁସଜ୍ଜିତ ରଥରେ ନଗର ପରଭ୍ରମଣ କରିଥିଲେ। ବିଭିନ୍ନ ଛକମାନଙ୍କରେ ମାଆମାନେ ବନ୍ଦପନା ମଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୃତ୍ୟୁଞ୍ଜୟ ଗୁରୁଜୀ, କୈଳାସ ଗୁରୁଜୀ, ପ୍ରଦୀପ ଗୁରୁଜୀ, ପ୍ରଶାନ୍ତ ଗୁରୁଜୀ, ମନୋଜ ଗୁରୁଜୀ, ପ୍ରଦୀପ୍ତ ଗୁରୁଜୀ, ପ୍ରବୋଧ ଗୁରୁଜୀ, କାହ୍ନୁ ଗୁରୁଜୀ ଓ ଗୁରୁମାଆମାନେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଛକ, ଛକରେ ଲୋକମାନଙ୍କ ଭିଡ ଦେଖିବାକୁ ମିଳିଥିଲା।

# ୩୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ନେବେ ନେତୃତ୍ୱ

## ମାସକରେ ସରିବ ଏସ୍‌ଏଚ୍‌ଜି ପୁନର୍ଗଠନ ପ୍ରକ୍ରିୟା

ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନଗୁଡିକର ପୁନର୍ଗଠନ କରିବା ପାଇଁ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗଙ୍କ ପ୍ରଣୀତ ନିର୍ଦ୍ଦେଶାବଳୀ ଅନୁଯାୟୀ ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାରେ ସମନ୍ୱୟ ରକ୍ଷା କରାଯାଇ ନୂତନ ମାର୍ଗଦର୍ଶିକା ପ୍ରଣୟନ କରାଯାଇଛି। ଏହାଦ୍ୱାରା ଏହି ଗୋଷ୍ଠୀଭିତ୍ତିକ ଅନୁଷ୍ଠାନମାନଙ୍କରେ ବର୍ତ୍ତମାନ ଗଣତାନ୍ତ୍ରିକ ପଦ୍ଧତିରେ ନେତୃତ୍ୱ ପରିବର୍ତ୍ତନର ଆବଶ୍ୟକତାକୁ ପୂରଣ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ଏସ.ଏଚ.ଜି ମହିଳାମାନେ ସେମାନଙ୍କ ଅନୁଷ୍ଠାନରେ ନେତୃତ୍ୱ ପରିବର୍ତ୍ତନ ପ୍ରକ୍ରିୟାରେ ସକ୍ରିୟ ଅଂଶ ଗ୍ରହଣ କରିବା ସହିତ ନିଜର ଦକ୍ଷତା ମାଧ୍ୟମରେ ନେତୃତ୍ୱ ହାସଲ କରିବାର ସୁଯୋଗ ପାଇ ପାରିବେ। ଏହି ପଦକ୍ଷେପ ଏସଏଚ.ଜି ମା 'ମାନଙ୍କର ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ସେମାନଙ୍କର ଆତ୍ମବିଶ୍ୱାସର ବୃଦ୍ଧି କରାଇବ। ଏହି ପରିବର୍ତ୍ତନ ଗୋଷ୍ଠୀର ସମସ୍ତ ସଦସ୍ୟା ମାନଙ୍କୁ ସଶକ୍ତିକରଣ ପ୍ରକ୍ରିୟାରେ ସମାନ ଭାଗୀଦାର ବୃଦ୍ଧି ଗୋଷ୍ଠୀ ଗୁଡିକ ଅଧିକ ସକ୍ରିୟ ହେବାରେ ସହାୟକ ହେବ। ଏଥିସହିତ ସହରାଞ୍ଚଳ ଏସଏଚଜି ଓ ଏହାର ମହାସଂଘମାନଙ୍କର ସୁଦୃଢ଼ୀକରଣ ତଥା ତ୍ୱରିତ ବିକାଶ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ସରକାରଙ୍କର ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନ୍‌ୟୁଏଲ୍‌ଏମ୍)ରୁ ବାହ୍ ପଡିଥିବା ସହରାଞ୍ଚଳ ଏସଏଚଜିମାନଙ୍କୁ ଅତିଶୀଘ୍ର ଅନ୍ତର୍ଭୁକ୍ତିକରଣ କରାଇବା ସହ ସେମାନଙ୍କର ବିଭିନ୍ନ ମହାସଂଘ ଯଥା ଏଏଲ୍‌ଏଫ୍ ଓ ସିଏଲ୍‌ଏଫ୍‌ଗୁଡିକର ଗଠନ ଓ ପୁନର୍ଗଠନ ପାଇଁ ଅତିଶୀଘ୍ର ନିର୍ଦ୍ଦେଶାବଳୀ ପ୍ରଣୟନ କରାଯାଉଛି।



ଏହି ପରିବର୍ତ୍ତନ ପ୍ରକ୍ରିୟା ଦ୍ୱାରା ଏସଏଚଜି ସ୍ତରରେ ୧୨ ଲକ୍ଷ ୪୨ ହଜାର ୯୪୦ ଜଣ ନୂତନ ପଦାଧିକାରୀ, ଆଞ୍ଚଳିକ ମଞ୍ଚ ସ୍ତରରେ ୧୧ ଲକ୍ଷ ୫୮ ହଜାର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟା ସହ ସର୍ବମୋଟ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟା ନୂତନ ଭାବେରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ପଦପଦବୀରେ ରହି ନେତୃତ୍ୱ ନେଇପାରିବେ। ବର୍ତ୍ତମାନର ନିଷ୍ପତ୍ତି ଅନୁସାରେ, ପ୍ରତି ୩ ବର୍ଷରେ ଥରେ ଏହି ନେତୃତ୍ୱ ପରିବର୍ତ୍ତନ କାର୍ଯ୍ୟକ୍ରମ ଆଗକୁ ଚାଲୁ ରହିବ ଓ କୌଣସି ସଦସ୍ୟ କ୍ରମାଗତ ଭାବେ ଦୁଇ ଥରରୁ ଅଧିକ ରହିପାରିବେ ନାହିଁ। ବର୍ତ୍ତମାନ ଏହି ପ୍ରକ୍ରିୟା ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳମାନଙ୍କ ତତ୍ତ୍ୱାବଧାନରେ ଗଠନ ହୋଇସାରିଛି। ଆସନ୍ତା ମାସକ ମଧ୍ୟରେ ସମସ୍ତ ଏସଏଚଜିରେ ନେତୃତ୍ୱ ପରିବର୍ତ୍ତନ କାର୍ଯ୍ୟ ସାରିବାକୁ ନିଷ୍ପତ୍ତି ହୋଇଛି। କ୍ରମାନ୍ୱୟରେ ଦ୍ୱିତୀୟ ଓ ତୃତୀୟ ମାସରେ ଯଥାକ୍ରମେ ଆଞ୍ଚଳିକ ମଞ୍ଚ (ସିଏଲ୍‌ଏଫ୍) ଓ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ (ଜିପିଏଲ୍‌ଏଫ୍) ଓ ଚତୁର୍ଥ ମାସରେ ବ୍ଲକସ୍ତରୀୟ ମହାସଂଘ (ବିଏଲ୍‌ଏଫ୍) ଓ ଜିଲ୍ଲାସ୍ତରୀୟ ମହାସଂଘ (ଡିଏଲ୍‌ଏଫ୍) ରେ ଏହି କାର୍ଯ୍ୟକ୍ରମ ଶେଷ କରାଯିବାକୁ ଲକ୍ଷ୍ୟ ରହିଛି। ଅଦ୍ୟାବଧି ୩୦ ହଜାରରୁ ଊର୍ଦ୍ଧ୍ୱ ଏସଏଚଜିରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇସାରିଛି।

## ଚଳିତ ମାସ ଶେଷ ସୁଦ୍ଧା ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା



ପୁରୀ,୮।୪(ସଂଚାର ବ୍ୟୁରୋ): ଚଳିତ ମାସ ଶେଷ ସୁଦ୍ଧା ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଧାଡ଼ି ଦର୍ଶନ ପାଇଁ ସବୁକିଛି ବ୍ୟବସ୍ଥା କରାଯାଇଛି। ଚଳିତ ସପ୍ତାହରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବା ପରେ ନାଟ ମଣ୍ଡପ ଭିତରେ ଥିବା ହୁଣ୍ଡିର ସ୍ଥାନାନ୍ତର ପ୍ରକ୍ରିୟା ହେବ। ହୁଣ୍ଡି ସ୍ଥାନାନ୍ତର ପାଇଁ ପରିଚାଳନା କମିଟି ଓ ସରକାରଙ୍କ ଅନୁମତିର ଆବଶ୍ୟକତା ରହିଛି। ଅନୁମତି ମିଳିବା ପରେ ହୁଣ୍ଡି ସ୍ଥାନାନ୍ତର ହେବ ଓ ତୁରନ୍ତ ଧାଡ଼ି ଦର୍ଶନ ବ୍ୟବସ୍ଥା ଚଳିତ ଶେଷ ସୁଦ୍ଧା ଆରମ୍ଭ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## ୧୨ ଯାଏଁ କାଳବୈଶାଖୀ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେଲା ଲଘୁଚାପ କ୍ଷେତ୍ର । ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେଲା ଲଘୁଚାପ ।ଆଗାମୀ ୨୪ ଘଣ୍ଟା ଯାଏ ତୀବ୍ରତା ବଜାୟ ରଖିବ । ପରବର୍ତ୍ତୀ ୨୪ ଘଣ୍ଟାରେ ଗତିର ଦିଗ ପରିବର୍ତ୍ତନ ସହ ଉତ୍ତର- ଉତ୍ତର ପୂର୍ବ ଦିଗରେ ଗତିକରି କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦୁର୍ବଳ ହେବ ଲଘୁଚାପ । ଏହା ପ୍ରଭାବରେ ୧୦ ଓ ୧୧ ତାରିଖରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି । ତେବେ ଆଜି ଓ ଆସନ୍ତାକାଲି ପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ସେହିପରି ଆଜି କିଛି କିଛି ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ରହିଛି । ୯ତାରିଖରେ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ପାଇଁ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅନ୍ୟପଟେ ଗତକାଲ୍ ରାଜ୍ୟର ୧୦ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ୪୨.୭ ଡିଗ୍ର ସହ ଅନୁଗୁଳ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା ।

## ସଡ଼କ ଦୁର୍ଘଟଣାରେ ଖୋର୍ଦ୍ଧା ସହକାରୀ ଜିଲ୍ଲାପାଳ ଆହତ



ଯାଜପୁର,୮।୪(ସଂଚାର ବ୍ୟୁରୋ): ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଖୋର୍ଦ୍ଧା ଜିଲ୍ଲା ସହକାରୀ ଜିଲ୍ଲାପାଳ ଅଶ୍ୱିନୀ ନାୟକ ଗୁରୁତର ଭାବେ ଆହତ। ଏଥିସହ ଗାଡି ଚାଳକ ମଧ୍ୟ ସାମାନ୍ୟ ଆହତ ହେଇଛନ୍ତି । ଆଜି ଶ୍ରୀ ନାୟକ ଭୁବନେଶ୍ୱରରୁ ଏକ ଇନୋଭା ଗାଡିରେ ବାଲେଶ୍ୱର ଯାଉଥିବା ବେଳେ ଯାଜପୁର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥର ମୁଳାପାଳ ଛକ ନିକଟରେ ଏକ ଟ୍ରକ ଧକ୍କା ଦେଇଥିଲା । ଫଳରେ ଏହି ଦୁର୍ଘଟଣାରେ ସହକାରୀ ଜିଲ୍ଲାପାଳଙ୍କ ଗୋଡ ହାତ ଭାଙ୍ଗିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଦୁର୍ଘଟଣା ସ୍ଥଳରୁ ସ୍ଥାନୀୟ ଲୋକେ ସହକାରୀ ଜିଲ୍ଲାପାଳଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲକୁ ଆଣିଥିଲେ । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରିଯିବା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରଯାଇଛି । ସହକାରୀ ଜିଲ୍ଲାପାଳ ଜଣକ ଗୋଲ ଇଣ୍ଡିଆର କାର୍ଯ୍ୟ ତଦାରଖ କରିବାକୁ ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି ।

## ଟ୍ରେନ୍ ଧକ୍କାରେ ମା' ମୃତ, ବର୍ତ୍ତିଗଲା ଶିଶୁକନ୍ୟା

ଝାରସୁଗୁଡା,୮।୪(ସଂଚାର ବ୍ୟୁରୋ): ମାଆ ତା ନାଁ ଯେମିତି ତାର ସ୍ନେହ ବି ସେମିତି। କଥାରେ ଅଛି ମାଆ ଯାହାର ଅଛି ସାହା ତାର ଅଛି । ମାଆ ନାମଟି ଯେତିକି ମଧୁର ତାର ମମତା ମଧ୍ୟ ତା ଠାରୁ ଅଧିକ ମଧୁର । କଷ୍ଟ ହେଲେ ଯିଏ ଆହା ବୋଲି କହି କୋଳେଇ ନିଏ ସେ ହେଉଛି ମାଆ । ମାର ମମତା ବିଷୟରେ ଯେତେ କହିଲେ ବି ସରିବନାହିଁ । ଆଜି ପୁଣି ମାଆର ବିଶାଳ ହୃଦୟକୁ ନେଇ ଘଟିଯାଇଛି ଏକ ଦୁଃଖଦ ଘଟଣା । ନିଜ ସନ୍ତାନକୁ ବଞ୍ଚାଇବାକୁ ଯାଇ ନିଜ ଜୀବନକୁ ବାଜି ଲଗାଇ ଦେଇଛି ଜଣେ ମାଆ ।ହଁ ଆଖ୍ଯା ଛୁଆ ଆଗରେ ଚାଲିଗଲା ମାଆର ଜୀବନ । ଆଉ ତଳେ ହତବାକ ହୋଇ ବସିଥିଲା ନିରୀହ ଶିଶୁ । ଝାରସୁଗୁଡା ଜିଲ୍ଲା ବେଲପାହାଡ଼ ରେଳ ଫାଟକ ନିକଟରେ ଘଟିଛି ଏହି ଅଭାବନୀୟ ଘଟଣା। ଉତ୍କଳ ଏକ୍ସପ୍ରେସ୍ ଧକ୍କାରେ ମାଆର ମୃତ୍ୟୁ ହୋଇଥିବାବେଳେ ୪ ବର୍ଷୀୟ ଶିଶୁକନ୍ୟା ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ମୃତ ମହିଳା ଜଣକ ମଞ୍ଜୁ ଯାଦବ ବୋଲି ପୋଲିସ୍ ସୂଚନା ଦେଇଛି । ମୃତ ମହିଳା ଯାଯାବର ଭାବେ ବେଲପାହାଡ଼ ଅଞ୍ଚଳରେ ଏଣେ ତେଣେ ବୁଲି ଭିକ୍ଷାବୃତ୍ତି କରିଥାନ୍ତି । ତେଣୁ ସେ କେଉଁ ସ୍ଥାନର ମୂଳ ନିବାସୀ ତାହା ଜଣା ପଡ଼ିପରିନାହିଁ । ଅନ୍ୟପଟେ ତାଙ୍କ ୪ ବର୍ଷର ଶିଶୁକନ୍ୟାକୁ ଏବେ ଉଦ୍ଧାର କରାଯାଇ ଝାରସୁଗୁଡ଼ା ସିଡ଼ବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଛି ।

## ତହସିଲ ଅଫିସରେ ମହିଳା କିରାଣୀ ଚେତାଶୂନ୍ୟ



ବଲାଙ୍ଗୀର,୮।୪(ସଂଚାର ବ୍ୟୁରୋ): ବଲାଙ୍ଗୀର ତହସିଲ ଅଫିସର ଜଣେ ମହିଳା କିରାଣି ମଙ୍ଗଳବାର ଅସୁସ୍ଥ ହୋଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ମହିଳା କର୍ମଚାରୀ ଜଣକ ମଙ୍ଗଳବାର ଅଫିସ ଭିତରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ ।
ତହସିଲଦାର ଲଗ୍ନଜିତ ବେହେରା ଓ ଷ୍ଟାଫ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ନେଇଥିଲେ। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ମହିଳା ୱାର୍ଡରେ ତାଙ୍କୁ ଭର୍ତ୍ତି କରାଯାଇଛି । କେଉଁ କାରଣରୁ ସେ ଅସୁସ୍ଥ ହୋଇ ପଡିଲେ ତାହା ଜଣାପଡିନାହିଁ।
ତହସିଲଦାର ବେହେରାଙ୍କୁ ପଚାରିବାରୁ ଡାକ୍ତରୀ ରିପୋର୍ଟ ଆସିବା ପରେ ଅସୁସ୍ଥତାର କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି। ମହିଳା କର୍ମଚାରୀଙ୍କ ଅସୁସ୍ଥତାର କାରଣ ଜଣାପଡ଼ି ନ ଥିଲେ ମଧ୍ୟ କର୍ମଚାରୀଙ୍କ ବିବାଦ କାରଣ ହୋଇପାରେ ବୋଲି ତହସିଲ ଅଫିସରେ ଚର୍ଚ୍ଚା ହେଉଛି ।

## ରତନସରାରେ ଚୋରା କୋଇଲା ଖଣି ଠାବ, ଚଢ଼ାଉ ଜାରି



ସୁନ୍ଦରଗଡ଼,୮।୪(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ର ଜିଲ୍ଲା ପ୍ରଶାସନ ବେଆଇନ କୋଇଲା ଖଣି ଉପରେ ଚଢ଼ାଉ ଜାରି କରିଛି । ପୂର୍ବରୁ ତେଲେନଡିହି ପରେ ଆଜି ରତନସରାରେ ଚୋରା କୋଇଲା ଖଣି ଠାବ କରି ତନାଘନା ଯାଞ୍ଚ ଆରମ୍ଭ କରାଯାଇଛି। ଏହି ଚଢ଼ାଉରେ ଉପଜିଲ୍ଲାପାଳ, ପୋଲିସ ଓ ତହସିଲ ଟିମ ସାମିଲ ହୋଇଛନ୍ତି। ସୂଚନା ଅନୁସାରେ, ତେଲେନଡିହିରେ ବେଆଇନ କୋଇଲା ଖଣି ଉପରେ ଚଢ଼ାଉ ହେବା ପରେ ଜିଲ୍ଲା ପ୍ରଶାସନ ସଜାଗ ହୋଇପଡିଛି ।
ଆଜି ରତନସରାରେ ମିଳିତ ଭାବରେ କୋଇଲା ଖଣି ଉପରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଚୋରା କୋଇଲା ଜବତ ହୋଇଥିଲା । ବେଆଇନ ଭାବରେ କାହାକୁ ଖାତିର ନ କରି ମାଫିଆମାନେ ଚୋରା କୋଇଲା କାରବାର କରୁଛନ୍ତି।
ଉକ୍ତ କାରବାରରେ ସମ୍ପୃକ୍ତ ମାଫିଆଙ୍କୁ ଧରିବାକୁ ପ୍ରଶାସନ ତଦନ୍ତ ଆରମ୍ଭ କରିଛି । କୋଇଲା ଚାଲାଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ପୋଖରୀରେ ବୁଡ଼ି ଚାଲିଗଲା ବୃଦ୍ଧାଙ୍କ ଜୀବନ

ସୋର,୮।୪(ସଂଚାର ବ୍ୟୁରୋ): ପୋଖରୀରେ ବୁଡ଼ି ଚାଲିଗଲା ଜଣେ ବୃଦ୍ଧାଙ୍କ ଜୀବନ। ଶୌଚ ହେବାବେଳେ ଆଖି ବୁଜି ଦେଲେ ବୃଦ୍ଧା। ଖନ୍ତାପଡ଼ା ଥାନା ତୁଣ୍ଡରା ଚନକ ଗାଁ ପୋଖରୀରେ ଏହି ଦୁଃଖଦ ଘଟଣା ଘଟିଛି। ତେବେ ପୋଖରୀରୁ ବୃଦ୍ଧାଙ୍କୁ ଉଦ୍ଧାର କରି ଆଣିଲା ବେଳକୁ ଶ୍ୱାସରୁଦ୍ଧ ହୋଇ ବୃଦ୍ଧାଙ୍କର ମୃତ୍ୟୁ ହୋଇଯାଇଥିଲା।
ସୂଚନା ଅନୁସାରେ , ଆଜି ବୃଦ୍ଧା ଜଣଙ୍କ ତୁଣ୍ଡରା ଚନକ ଗାଁ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଶୌଚ ହେବାବେଳେ ହଠାତ ପୋଖରୀରେ ତାଙ୍କର ଗୋଡ଼ ଖସି ଯାଇଥିଲା। ଫଳରେ ବୃଦ୍ଧା ଜଣଙ୍କ ପୋଖରୀ ଭିତରେ ବୁଡ଼ି ଯାଇଥିଲେ।
ବୃଦ୍ଧା ବୁଡିଯିବାର ଦେଖି ସ୍ଥାନୀୟ କିଛି ଯୁବକ ତାଙ୍କୁ ଉଦ୍ଧାର କରି ଆଣିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ତେବେ ଉକ୍ତ ଘଟଣା ପରେ ତୁଣ୍ଡରା ଚନକ ଗାଁରେ ଶୋକର ଛାୟା ଖେଳି ଯାଇଛି।

## ଯୁବଚାଷୀଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ନିର୍ଦ୍ଦେଶ

### ସରକାରୀ ସହାୟତା ଯୋଗାଇଦେବାକୁ ନିବେଦନ

ଯାଜପୁର,୮।୪(ସଂଚାର ବ୍ୟୁରୋ): ସରକାର କୃଷି ଓ କୃଷକଙ୍କ ବିକାଶ ସହ ବେକାରଙ୍କ ଆତ୍ମନିଯୁକ୍ତି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ କେତେକ ସ୍ଥାନରେ ବ୍ୟାଙ୍କଗୁଡିକର ସ୍ୱେଚ୍ଛାଚାରୀ ମନୋଭାବ ଯୋଗୁଁ ଅନେକ ଚାଷୀ ସର୍ବସ୍ୱାନ୍ତ ହେଉଛନ୍ତି। ଏପରି ସ୍ୱେଚ୍ଛାଚାରିତାର ସମ୍ମୁଖୀନ ହୋଇ ଧର୍ମଶାଳାର ଯୁବଚାଷୀ ତଥା ସାମ୍ବାଦିକ ତୁଷାର ଖୁଣ୍ଟିଆ ଆତ୍ମହତ୍ୟା କରିଛନ୍ତି ବୋଲି ଯୁବନେତା ସତୀଶ ବିଶ୍ୱାଳ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ତୁଷାରଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ଆଧାରରେ ସ୍ୱତନ୍ତ୍ର ରିଲିଫ କମିଶନ (ଏସ୍‌ଆର୍‌ସି) ଓ ଯାଜପୁର ଜିଲ୍ଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିନେଇ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ନିକଟରେ ଶ୍ରୀ ବିଶ୍ୱାଳ ଅଭିଯୋଗ କରିବା ପରେ ଏସ୍‌ଆର୍‌ସିଙ୍କ ପକ୍ଷରୁ ଯୁଗ୍ମ ସଚିବ ସ୍ନିଗ୍ଧା ଚମ୍ପତିରାୟ ଗତ ୩ ତାରିଖରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତାଙ୍କ ଅଭିଯୋଗକୁ ଆଧାର କରି ଯାଜପୁର ଜିଲ୍ଲାପାଳ ପି. ଅନ୍ୱେସା ରେଡ୍ଡୀ ମଧ୍ୟ ତୁରନ୍ତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ତଦନ୍ତ ରିପୋର୍ଟ ୫ ଦିନ ଭିତରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୁମାରୀ ପଞ୍ଚାୟତ ଦେଉଳିପାଳ ଗ୍ରାମର ତୁଷାର ଓ ତାଙ୍କ ପତ୍ନୀ ସସ୍ମିତା ସଫଳ ଚାଷୀ ହୋଇଥିଲେ ମଧ୍ୟ ସେମାନଙ୍କୁ ସ୍ଥାନୀୟ ଜାରକା ଗ୍ରାମ୍ୟ ବ୍ୟାଙ୍କ ଋଣ ପ୍ରଦାନ କରିନଥିଲା। ତେବେ ପରବର୍ତ୍ତୀ ସମୟରେ ସେମାନଙ୍କୁ ସାଢ଼େ ୭ ଲକ୍ଷ ମଧ୍ୟରୁ ୫ ଲକ୍ଷ ଟଙ୍କାର ଋଣ ଦିଆଯାଇଥିଲା। ଏପରିକି ନିୟମ ନ ଥିଲେ ମଧ୍ୟ ସେମାନଙ୍କଠାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ୭୦ ହଜାର ଟଙ୍କାର ସିକ୍ୟୁରିଟି ଜମା ରଖିଥିଲେ। ତା'ଛଡ଼ା ୫ ଲକ୍ଷ ଟଙ୍କାର ଋଣ ନେଇ ୯ ଲକ୍ଷ ଟଙ୍କା ମୂଲ୍ୟର ଘରବାଡ଼ି ବନ୍ଧକ ରଖିଥିଲେ। ବ୍ୟାଙ୍କ୍ ସହଯୋଗ ନ କରିବାରୁ ପରେ ସେମାନେ ଏସ୍‌ଏଚ୍‌ଜିରୁ ମଧ୍ୟ ଋଣ ଆଣିଥିଲେ। ତେବେ କୁକୁଡ଼ା ଚାଷରେ ସେମାନେ କ୍ଷତି ସହିବା ଫଳରେ ଋଣ ପରିଶୋଧ କରିପାରିନଥିଲେ। ତେଣୁ ଗତ ବର୍ଷ ଏସ୍‌ଏଚ୍‌ଜିର କେତେକ ସଦସ୍ୟ ତୁଷାରଙ୍କୁ ମାଡ଼ ମାରିଥିଲେ। ଋଣ ଚାପ ସହି ନପାରି ସସ୍ମିତା ଗତ ୧୨ ତାରିଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ବେଦାନ୍ତର 'ପ୍ରକଳ୍ପ ବିଦ୍ୟା' ଓ 'ପ୍ରକଳ୍ପ ନିର୍ମଳ'

### ଉପକୃତ ହେଉଛନ୍ତି ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ




ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାର ହେମଗିର ଓ କୁରାଲୋଇ ଅଞ୍ଚଳରେ ଶିକ୍ଷା, ଜଳ ଯୋଗାଣ ଏବଂ ପରିମଳ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ଜୀବନର ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। କମ୍ପାନୀ ପକ୍ଷରୁ ଦୁଇଟି ପ୍ରଭାବଶାଳୀ ସିଏସ୍‌ଆର୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି, ଯାହାର ନାମ ରହିଛି 'ପ୍ରକଳ୍ପ ବିଦ୍ୟା' ଓ 'ପ୍ରକଳ୍ପ ନିର୍ମଳ' ରହିଛି। ଏଥିରୁ ପାଖାପାଖି ୩୦ ହଜାର ଲୋକ ଉପକୃତ ହେଉଛନ୍ତି। ନିକଟରେ ମୁଣ୍ଡେରଖେଟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ଅତିରିକ୍ତ ବିଡିଓ ଜିତେନ୍ଦ୍ର ମୁଣ୍ଡା, ଅତିରିକ୍ତ ବିଇଓ କପିଳ ଚନ୍ଦ୍ର ଦାସ, ମୁଣ୍ଡେରଖେଟର ସରପଞ୍ଚ ସନ୍ନ୍ୟାସୀ ବାଗ, ଗର୍ଜନଜୋରର ସରପଞ୍ଚ ସୁନନ୍ଦା କାଲୋ ଓ ଚକ୍ର କ୍ଲଷ୍ଟରର ସିଆରସିସି ନିତ୍ୟାନନ୍ଦ ପାଧନଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରକଳ୍ପ ବିଦ୍ୟା ଏହି ଅଞ୍ଚଳର ଆଖପାଖର ୨୦ଟି ସ୍କୁଲରେ ୨୨ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିୟୋଜିତ କରି ସରକାରୀ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବକୁ ଦୂର କରିବା ସହ ଗଣିତ, ବିଜ୍ଞାନ ଓ ଇଂରାଜୀ ପରି ପ୍ରମୁଖ ବିଷୟରେ ଛାତ୍ର-ଶିକ୍ଷକ ଅନୁପାତ ଓ ଶିକ୍ଷାରେ ଉନ୍ନତି ଆଣିଥାଏ। ଏହା ପ୍ରାଥମିକ ସ୍ତରରେ ମୌଳିକ ସାକ୍ଷରତାକୁ ବୃଦ୍ଧି କରିଥାଏ। ଘୋଘରପାଲି ଅଞ୍ଚଳରେ ହିତାଧିକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସରକାରୀ ବିଦ୍ୟାଳୟ ଅନ୍ତର୍ଭୁକ୍ତ। ୟୁପିଏସ୍ ମୁଣ୍ଡେରଖେଡ୍, ଭୋଗ୍ରାକାଛର, ଘୋଘରପଲ୍ଲୀ, ପୋଡାଜାଲାଙ୍ଗା, ରେଙ୍ଗଲପାଣି, ଛତାବର ହାଇସ୍କୁଲ ଓ ବିଲେମୁଣ୍ଡା। ଜାମଖାନୀ ଅଞ୍ଚଳର ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସରକାରୀ ବିଦ୍ୟାଳୟ ଅନ୍ତର୍ଭୁକ୍ତ। ସେହିପରି ଜାମଖାନୀ ଓ ଆରଆଣ୍ଡଆର କଲୋନୀ, ୟୁପିଏସ. ଗିରିସିମା ଏବଂ ଝାରପାଲମ ହାଇସ୍କୁଲରେ ପ୍ରାଥମିକ ବିଦ୍ୟାଳୟ। ଝାରସୁଗୁଡା ଜିଲ୍ଲାର କୁରାଲୋଇ ଅଞ୍ଚଳରେ ମୋହନପୁର, ଉଲପଗଡ଼, ଲିଆଖାଇ, ପିପ୍ଲିମାଲ ହାଇସ୍କୁଲ, ଖୈରକୁନି, କୁରାଲୋଇ ଆଶ୍ରମ ସ୍କୁଲ, ବଞ୍ଜାରୀ ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ଆଶ୍ରମ ସ୍କୁଲ, ସରକାରୀ ହାଇସ୍କୁଲ ବଞ୍ଜାରୀ ଓ କାର୍ଲାଖମାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନ୍ତର୍ଭୁକ୍ତ । ନିର୍ମଳ ପ୍ରକଳ୍ପ ଜରିଆରେ ୧୨ଟି ଗ୍ରାମରେ ୧୧ଟି ସୌରଶକ୍ତି ଚାଳିତ ବୋରୱେଲ, ୫୦ଟି ବାୟୋ ଶୌଚାଳୟ ଓ ୨୦ଟି ଜଳ ବିଶୋଧକ ସ୍ଥାପନ ମାଧ୍ୟମରେ ସ୍ଥାୟୀ ଜଳ ଏବଂ ପରିମଳ ସମାଧାନ ପ୍ରଦାନ କରିଥାଏ। ସୁନ୍ଦରଗଡ଼ ଉପଜିଲ୍ଲାପାଳ ଦଶରଥି ସରାବୁ ଏ ସଂକ୍ରାନ୍ତରେ କହିଛନ୍ତି ଯେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ସହଯୋଗ ମୌଳିକ। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ସେମାନଙ୍କ ଶିକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ପାନୀୟ ଜଳ ଭିତ୍ତିଭୂମିର କାର୍ଯ୍ୟାନ୍ୱୟନ, ସ୍ୱଚ୍ଛତା ବୃଦ୍ଧି ଓ ଏହି ଅଞ୍ଚଳରେ ଶିକ୍ଷାର ଉନ୍ନତି ଦିଗରେ ବେଦାନ୍ତର ପଦକ୍ଷେପକୁ ଉପଜିଲ୍ଲାପାଳ ପ୍ରଶଂସା କରିଛନ୍ତି।

## ସୁନା ଦୋକାନରୁ ଚୋରି ଅଭିଯୋଗରେ ଦୁଇ ଗିରଫ

● ୨୮୭ ଗ୍ରାମ୍ ସୁନା ଜବତ

କଟକ,୮।୪(ସଂଚାର ବ୍ୟୁରୋ): କମିଶନରେଟ୍ ପୁଲିସ୍ ଦୁଇ ଜଣଙ୍କୁ ସୁନା ଚୋରି ଅଭିଯୋଗରେ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ଜଣେ ଉକ୍ତ ସୁନା ଦୋକାନରେ ଚାକିରି କରୁଥିବା ବେଳେ ଅନ୍ୟ ଜଣେ ତା'ର ସମ୍ପର୍କୀୟ ଓ ତା'ଠାରୁ ଚୋରା ସୁନା କିଛି ଜବତ ହୋଇଛି। ସୁନା ଦୋକାନରେ ଚାକିରି କରୁଥିବା ଯୁବକ ଜଣଙ୍କ ସେଠାରୁ ପ୍ରାୟ ଏକ କିଲୋଗ୍ରାମ୍ ଓଜନର ସୁନା ଚୋରି କରିନେଇଥିଲା। କଟକ ମର୍କତନଗରନିବାସୀ ସୁକୁମାର ବୋଇତାଲ୍ (୪୯) ଗତ ୨୬ ତାରିଖରେ ପୁରୀଘାଟ ଥାନାରେ ସୁନା ଚୋରି ନେଇ ଦୋକାନର କର୍ମଚାରୀ ସତ୍ୟନାରାୟଣ ସାହୁଙ୍କ ନାମରେ ଏତଲା ଦେଇଥିଲେ। ଏନେଇ ପୁଲିସ୍ ଗତ ୧୦ ତାରିଖରେ ପୁଲିସ୍ ସିସିଟିଭି ଫୁଟେଜ୍ ଯାଞ୍ଚ୍ କରିବା ସହ ଉକ୍ତ ଦୋକାନର କର୍ମଚାରୀ ସତ୍ୟନାରାୟଣ ସାହୁଙ୍କୁ ଗିରଫ କରିଥିଲା। ସତ୍ୟନାରାୟଣଙ୍କୁ ପଚରାଉଚରା ସମୟରେ ସେ ଚୋରି କରିଥିବା ସୁନାରୁ କିଛି ତା'ର ବାଲିଚନ୍ଦ୍ରପୁର ନିବାସୀ ଶାଳକ ମନୋଜ କୁମାର ସାହୁଙ୍କୁ ଦେଇଥିବା ସ୍ୱୀକାର କରିଥିଲା। ତେବେ ସେତେବେଳେ ପୁଲିସ୍ ମନୋଜକୁ ଗିରଫ କରିବା ପାଇଁ ଉଦ୍ୟମ କରିଥିଲେ ହେଁ ସେ ଫେରାର୍ ହୋଇଯାଇଥିଲା।

### ପୁଲିସର ମୋବାଇଲ ମେଳା

## ଫେରସ୍ତ ହେଉଛି ଚୋରା ମୋବାଇଲ୍



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): କମିଶନରେଟ ପୁଲିସ ପକ୍ଷରୁ ମୋବାଇଲ ମେଳା ଆରମ୍ଭ କରାଯାଇଛି। ମୋବାଇଲ ମେଳାର ଆୟୋଜନ ମାଧ୍ୟମରେ କମିଶନରେଟ୍ ପୁଲିସ୍ ଚୋରା ମୋବାଇଲ ଫେରସ୍ତ କରୁଛି। ରାଜଧାନୀରୁ ୧୦୦ଟି ଚୋରି ମୋବାଇଲ ଉଦ୍ଧାର କରାଯିବା ପରେ ସେଗୁଡ଼ିକ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଉଛି। କମିଶନରେଟ ପୁଲିସର ସ୍ୱତନ୍ତ୍ର ଟିମ ଏହି ଚୋରି ମୋବାଇଲ ଟ୍ରାକ କରି ଠାବ କରିଛନ୍ତି। ମୋବାଇଲର ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ମାଲିକମାନେ ସେମାନଙ୍କ ମୋବାଇଲ୍ ନେଉଛନ୍ତି। କମିଶନରେଟ ପୁଲିସର ସ୍ୱତନ୍ତ୍ର ଟିମ ଏହି ମୋବାଇଲ ଟ୍ରାକ କରି ଠାବ କରିବା ପରେ ସେଗୁଡ଼ିକୁ ଉଦ୍ଧାର କରିଛନ୍ତି। ତେବେ ନିଜ ନିଜ ଚୋରି ଯାଇଥିବା ମୋବାଇଲ ପାଇବା ପରେ ଲୋକେ ବେଶ୍ ଖୁସି ପ୍ରକାଶ କରୁଥିବା ଦେଖିବାକୁ ମିଳିଛି।

## ଗୋଚର ଜମିରେ ଘରକୁ ବିରୋଧ, ଗଣ୍ଡଗୋଳରେ,୧୫ ଆହତ

ମାର୍ଶାଘାଇ,୮।୪(ସଂଚାର ବ୍ୟୁରୋ): ଗୋଚର ଜମିରେ ଘର କରିବା ନେଇ ୨ ଗୋଷ୍ଠି ମୁହାଁମୁହିଁ ହୋଇଛନ୍ତି । ଉଭୟ ଗୋଷ୍ଠିରୁ ୧୫ ଜଣ ଆହତ ହୋଇଛନ୍ତି । କେନ୍ଦ୍ରାପଡା ମାର୍ଶାଘାଇ ଥାନା ତୁଳସୀପୁର ଗାଁ ହରିଜନ ସାହିରେ ଏପରି ସଂଘର୍ଷ ହୋଇଛି । ଗୁରତର ଆହତଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଉଭୟ ପକ୍ଷରୁ ୫ଜଣଙ୍କୁ ଅଟକ ରଖିଛି ପୋଲିସ । ପୂର୍ବରୁ ଅଷ୍ଟପ୍ରହରୀ ନାମଯଜ୍ଞ ହେଉଥିବା ସ୍ଥାନରେ କିଛି ଲୋକ ଘର କରି ରହୁଛନ୍ତି । ଯାହାକୁ ଗୋଟିଏ ଗୋଷ୍ଠୀ ବିରୋଧ କରିଥିଲା। ଏହାପରେ ଉଭୟ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା।

## ବରୁଣେଇ ସ୍ମାରକୀ ନିର୍ମାଣ ସରିବ କେବେ ?

ଭୁବନେଶ୍ୱର,୮।୪: ଓଡ଼ିଶାରେ ହୋଇଥିବା ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ପାଳନର ସାତ ବର୍ଷ ଅତିକ୍ରାନ୍ତ କରିଯାଇଥିଲେ ମଧ୍ୟ ଖୋରଧା ନିକଟବର୍ତ୍ତୀ ବରୁଣେଇ ଠାରେ ପାଇକ ବିଦ୍ରୋହର ସ୍ମାରକୀ ଏଯାବତ୍ ନିର୍ମିତ ହୋଇପାରି ନାହିଁ। କେବେ ସୁଦ୍ଧା ଏହି କାର୍ଯ୍ୟ ସରିବ ସେ ସଂକ୍ରାନ୍ତରେ ବି କେହି ନିର୍ଦ୍ଦିଷ୍ଟ ଭାବେ କିଛି ତଥ୍ୟ ଦେଇପାରୁ ନାହାନ୍ତି। ପାଇକ ବିଦ୍ରୋହର ଭବ୍ୟ ସ୍ମାରକୀ ନିର୍ମାଣ ପାଇଁ ଭାରତ ସରକାରଙ୍କ ଏକ ତୈଳ କମ୍ପାନୀ ୧୦୦ କୋଟି ଟଙ୍କା ଦେଇଥିବାବେଳେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ବି ଏଥିଲାଗି ଆର୍ଥିକ ଅନୁଦାନ ଦେବ ବୋଲି ଘୋଷଣା କରିଥିଲା। ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦ ଦେଶରେ ଏହି ସ୍ମାରକୀପାଇଁ ଶିଳାନ୍ୟାସ କରିଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏବଂ ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ୨୦୧୭ ମସିହାରେ ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଥିଲା। ଏଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଓ ରାଜ୍ୟର ବହୁ ମନ୍ତ୍ରୀଙ୍କ ସମେତ ରାଜନେତା, ଐତିହାସିକ ଆଦି ଅଂଶଗ୍ରହଣ କରିଥିଲେ। ଏହି ସ୍ମାରକୀ ନିର୍ମାଣ ଲାଗି ବରୁଣେଇ ପାଦଦେଶରେ ରାଜ୍ୟ ସରକାର ୧୦ଏକର ଜମି ଯୋଗାଇ ଦେଇଥିବାବେଳେ ସ୍ମାରକୀପାଇଁ କିନ୍ତୁ ଅଧିକ ଜମି ଆବଶ୍ୟକ ଥିବା କୁହାଯାଉଛି। ଏଠାରେ ଉଲ୍ଲେଖନୀୟ ଯେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାପାଇଁ ସେତେବେଳେ ଘୋଷଣା କରାଯାଇଥିଲା। ଏହି ଅବସରରେ ପାଇକ ବିଦ୍ରୋହର ଇତିହାସକୁ ଆଧାର କରି ଅନେକ ପୁସ୍ତକ ବି ରଚନା ହୋଇଥିଲା। ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଳନର ପ୍ରାୟ ୧୫ବର୍ଷ ପୂର୍ବରୁ ଦିଲ୍ଲୀର ସଂସଦ ଭବନ ପରିସରରେ ବକ୍ସି ଜଗବନ୍ଧୁଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିଲେ। ସଂସଦଭବନ ପରିସରରେ ଛତ୍ରପତି ଶିବାଜୀ, ମହାରାଣା ପ୍ରତାପ, କିତ୍ତୁର ରାଣୀ ଚେନ୍ନାମା ଆଦିଙ୍କ ଭବ୍ୟ ପ୍ରତିମୂର୍ତ୍ତି ରହିଥିବାବେଳେ ବକ୍ସି ଜଗବନ୍ଧୁଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କିନ୍ତୁ ଏଯାବତ୍ ସେଠାରେ ୩୦୦ ବର୍ଗଫୁଟର ଜାଗା ଖଣ୍ଡେ ମିଳିପାରୁ ନାହିଁ। ସଂସଦ ଭବନ ପରିସରରେ ବିଭିନ୍ନ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନଙ୍କ ପ୍ରତିମୂର୍ତ୍ତି ରହିଥିଲେ ମଧ୍ୟ ଏଯାବତ୍ କୌଣସି ଓଡିଆଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ ହୋଇନାହିଁ। ଏ ସଂକ୍ରାନ୍ତରେ ବାରମ୍ବାର କେନ୍ଦ୍ର ସରକାରଙ୍କୁ ପ୍ରାୟ ୪୦ବର୍ଷ ଧରି ଅବଗତ କରାଯାଉଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ହେଉନଥିବା ସଂସ୍କୃତି ପ୍ରେମୀମାନେ କହୁଛନ୍ତି। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, କୃତୀବାସ ପାଟ୍ଟଶାଣୀ, ଭାଗୁ ହରିଚନ୍ଦନ, ବ୍ରଜାନନ୍ଦ ସିଂହ, ପିଣ୍ଡିକି ବାହୁବଳେନ୍ଦ୍ର, ପଦ୍ମନାଭ ଛୋଟରାୟ, ଧରମୁ ହରିଚନ୍ଦନଙ୍କ ଭଳି ଅଗ୍ରଗଣ୍ୟ ପାଇକ ନେତାମାନଙ୍କର ସେଭଳି ସୁଦୃଶ୍ୟ ସ୍ମାରକୀ ନିର୍ମିତ ହୋଇନାହିଁ। ଏହାଛଡା ପାଇକ ବିଦ୍ରୋହ କାଳରେ ପିପିଲି, ପଟ୍ଟାମୁଣ୍ଡାଇ, କୋଠଦେଶ, କୁଜଙ୍ଗ, ହରିଶପୁର, ମରିଚପୁର, ଅସୁରେଶ୍ୱର, ପ୍ରହରାଜପୁର, ଗୋପ, ଖୋରଧା, ବାଣପୁର, କନିକା, ଘୁମୁଷର ଆଦିର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଯେଭଳି ସଶସ୍ତ୍ର ସଂଗ୍ରାମ ହୋଇଥିଲା ତାହାର ମଧ୍ୟ ଉପଯୁକ୍ତ ମୂଲ୍ୟାୟନ କରାଯାଇନାହିଁ। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା
ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର

୪ ବୁଧବାର ୯ ଏପ୍ରିଲ ୨୦୨୫, ଭୁବନେଶ୍ୱର
Wednesday 9 April 2025 Bhubaneswar

# ଏନଡିଏ ଅଂଶୀଦାର ଦଳରେ ବିଦ୍ରୋହ

ବିବାଦୀୟ ୱାକଫ ବିଲ ସଂସଦରେ ଗୃହୀତ ହେବା ସହ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଛି। ଅବଶ୍ୟ ଏହା ବିରୋଧରେ ସୁପ୍ରିମକୋର୍ଟରେ ଏକାଧିକ ପିଟିସନ ଦାଖଲ ହୋଇଛି। ଏହା ମଧ୍ୟ ପୂର୍ବାନୁମାନ କରାଯାଉଥିଲା। ସଂସଦରେ ଯେ କୌଣସି ବିଲ ଗୃହୀତ ହେଲେ ଏବେ ଏହା ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଚାଲୁଛି। ସିଏଏ ହେଉ ବା ଟ୍ରିପଲ ତଲାକ ଉଚ୍ଛେଦ ଅଥବା ଧାରା ୩୭୦ ଉଚ୍ଛେଦ, ସବୁ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି। ଫଳ କିଛି ହୋଇନି। ସୁପ୍ରିମକୋର୍ଟ ବାରମ୍ବାର କହି ଆସିଛନ୍ତି ଯେ, ସଂସଦ ହେଉଛି ସର୍ବୋଚ୍ଚ। ସଂସଦର କାର୍ଯ୍ୟ ହେଲା ଆଇନ ପ୍ରଣୟନ କରିବା। ଏହା ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ହେବା ଉଚିତ। ପ୍ରଣୀତ ଆଇନର ସୁରକ୍ଷା ଦାୟିତ୍ୱ ଅଦାଲତର। ୱାକଫ ସଂଶୋଧନ ବିଲ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ହୋଇଛି। ସଂସଦର ଉଭୟ ଗୃହରେ ବହୁମତ ସହ ଏହା ଗୃହୀତ ହୋଇଛି। ତେଣୁ ଏହାର ବୈଧତାକୁ ଚାଲେଞ୍ଜ କରିବାର କିଛି ମାନେ ନାହିଁ। କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ଏହା କରାଯାଉଛି। ୱାକଫ ଆଇନକୁ ନେଇ ଅଯଥା ବିବାଦ ଏବଂ ବିଭ୍ରାନ୍ତ ସୃଷ୍ଟି କରାଯାଉଛି। ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟକୁ ଉସୁକାଉଛି ଯେମିତିକି ସେମାନେ ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇବେ ଏବଂ ପରିସ୍ଥିତି ଅଶାନ୍ତ ହେବ। ସିଏଏକୁ ନେଇ ମଧ୍ୟ ଅନୁରୂପ ବିଭ୍ରାନ୍ତି ସୃଷ୍ଟି କରାଯାଇଥିଲା। କିନ୍ତୁ ତାହା ବିଫଳ ହେଲା। ସଂସଦରେ ୱାକଫ ସଂଶୋଧନ ବିଲକୁ ବିରୋଧ କରିଥିବା ବିରୋଧୀ ଦଳର କହିବା କଥା ହେଲା ଏହା ଏକ ଅସାମ୍ବିଧାନିକ ଏବଂ ଅଗଣତାନ୍ତ୍ରିକ ପ୍ରକ୍ରିୟା। ଏହା ସଂଖ୍ୟାଲଘୁ ସମ୍ପ୍ରଦାୟ ବିରୋଧରେ ଉଦ୍ଦିଷ୍ଟ। ନାଗରିକର ଧାର୍ମିକ ସ୍ୱାଧୀନତା ଏହା ଦ୍ୱାରା କ୍ଷୁର୍ଣ୍ଣ ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ବିଲକୁ ସେମାନେ ବିଜେପିର ସାମ୍ପ୍ରଦାୟିକ ଏଜେଣ୍ଡା ବୋଲି କହିଛନ୍ତି। ମୁସଲମାନ ଧର୍ମାବଲମ୍ବୀଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ହେଉଛି ଏହାର ଉଦ୍ଦେଶ୍ୟ। ସଂସଦର ଉଭୟ ଗୃହରେ ବିଜେପିର ବହୁମତ ନାହିଁ। ତେଣୁ ଏହି ବିଲ ଗୃହୀତ ହେବା ନେଇ ସନ୍ଦେହ ଥିଲା। କିନ୍ତୁ ଏନଡିଏର ସବୁ ଅଂଶୀଦାର ଦଳ ଏହାକୁ ସମର୍ଥନ କରିବା ପରେ ସବୁ ସନ୍ଦେହ ଦୂର ହୋଇଗଲା ଏବଂ ବିଲ ଗୃହୀତ ହେଲା। ବିଜେପିକୁ ବାଦ ଦେଲେ ଏନଡିଏର



ଅନ୍ୟ ଦୁଇଟି ପ୍ରମୁଖ ଅଂଶୀଦାର ଦଳ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଜେଡିୟୁ ଏବଂ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଏହି ବିଲକୁ ସମର୍ଥନ କରିବେ କି ନାହିଁ ତାହା ସନ୍ଦେହ ଥିଲା। ଲୋକସଭାରେ ଏହି ଦୁଇ ଦଳର ମୋଟ ସଦସ୍ୟ ସଂଖ୍ୟା ହେଉଛି ୨୮। ଏହା ବ୍ୟତିତ ରାଜ୍ୟସଭାରେ ମଧ୍ୟ ଏମାନଙ୍କର ସଦସ୍ୟ ରହିଛନ୍ତି। ଏହି ଦୁଇ ଦଳ ୱାକଫ ବିଲକୁ ସମର୍ଥନ କରିବା ଫଳରେ ବିଲ ସଂସଦର ଅନୁମୋଦନ ପାଇବା ସହଜ ହେଲା। ଏଥିରେ ଗୃହମନ୍ତ୍ରୀ ଅମିତ ଶାହାଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଉଭୟ ଚନ୍ଦ୍ରବାବୁ ନାଇଡୁ ଏବଂ ନୀତିଶ କୁମାରଙ୍କୁ ବୁଝାଇବାରେ ସେ ସକ୍ଷମ ହେଲେ। ଏହି ବିଲ ସାମ୍ପ୍ରଦାୟିକ ଉଦ୍ଦେଶ୍ୟରେ ଆଗତ ହୋଇନି, ଏହା ଦ୍ୱାରା ମୁସଲମାନ ସମ୍ପ୍ରଦାୟର ଧାର୍ମିକ ସ୍ୱାଧୀନତା କ୍ଷୁର୍ଣ୍ଣ ହେବନି କିମ୍ବା ସେମାନଙ୍କର କିଛି କ୍ଷତି ହେବନି ଏହାକୁ ବୁଝାଇବାରେ ଶାହା ସଫଳ ହେବାରୁ ବିଲ ଗୃହୀତ ହୋଇପାରିଲା। କିନ୍ତୁ ବିଲ ଗୃହୀତ ହେବା ପରେ ଏନଡିଏର କିଛି ଅଂଶୀଦାର ଦଳରେ ଅସନ୍ତୋଷ ଏବଂ ବିଦ୍ରୋହ ଦେଖିବାକୁ ମିଳିଛି। ନୀତିଶଙ୍କ ଜେଡିୟୁରୁ କିଛି ନେତା ୱାକଫ ଆଇନରେ ସଂଶୋଧନ ପ୍ରତିବାଦରେ ଦଳତ୍ୟାଗ କରିଛନ୍ତି। ସେହିପରି ଜୟନ୍ତ ଚୌଧୁରୀଙ୍କ ଦଳ ରାଷ୍ଟ୍ରୀୟ ଲୋକଦଳ (ଆରଏଲଡି)ରେ ମଧ୍ୟ ବିଦ୍ରୋହ ସୃଷ୍ଟି ହୋଇଥିବା ଶୁଣାଯାଉଛି। ଏହାର ପ୍ରଭାବ ସୀମିତ। ଯେଉଁମାନେ ୱାକଫ ବିରୋଧ କରୁଛନ୍ତି ସେମାନଙ୍କ ଧାରଣା ହେଲା ଏହି ବିଲକୁ ସମର୍ଥନ କରିବା ଦ୍ୱାରା ସେମାନଙ୍କ ଦଳର ଧର୍ମନିରପେକ୍ଷ ଭାବମୂର୍ତ୍ତୀ କ୍ଷୁର୍ଣ୍ଣ ହୋଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟ ଦଳରୁ ଦୁରେଇ ଯିବେ। ସେମାନଙ୍କ ସମର୍ଥନ ମିଳିବନି। ଏହା ଦଳର କ୍ଷତି କରିବ ବୋଲି ନୀତିଶଙ୍କ ଜେଡିୟୁ ଏବଂ ଆରଏଲଡିର କିଛି ନେତା ମତପ୍ରକାଶ କରୁଛନ୍ତି। କହିବା ବାହୁଲ୍ୟ ଯେ, ୟୁପି ଓ ବିହାର ହେଉଛି ମୁସଲମାନ ବହୁଳ ରାଜ୍ୟ। ଏହି ଦୁଇ ରାଜ୍ୟର ଏଭଳି ଅନେକ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି ଯେଉଁଠି ମୁସଲମାନ ଭୋଟରଙ୍କ ରାୟ ନିର୍ଣ୍ଣର୍ାୟକ ସାବ୍ୟସ୍ତ ହୋଇଥାଏ। କିନ୍ତୁ ୟୁପି ଓ ବିହାରର ମୁସଲମାନ ଭୋଟରମାନେ କେବେ ବି ବିଜେପି ବା ଏହାର ସହଯୋଗୀ ଦଳଙ୍କୁ ସମର୍ଥନ କରନ୍ତି ନାହିଁ। ୱାକଫ ବିଲ ପାଇଁ ସେମାନେ ଏନଡିଏକୁ ନିର୍ବାଚନରେ ଭୋଟ ଦେବେ ନି ଏଥିରେ କିଛି ନୂତନତ୍ୱ ନାହିଁ। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଦୁଇ ବର୍ଷ ପରେ ୟୁପିରେ ମଧ୍ୟ ବିଧାନସଭା ନିର୍ବାଚନ ହେବ। ଏହି ଦୁଇ ରାଜ୍ୟରେ ଏନଡିଏ ସରକାର ଚାଲିଛି। ୱାକଫ ଆଇନ ପ୍ରସଙ୍ଗ ଉଭୟ ରାଜ୍ୟ ବିଧାନସଭା ନିର୍ବାଚନରେ ଉଠିବ। ବିଶେଷ କରି ବିହାରରେ ଏହା ଏକ ବଡ଼ ପ୍ରସଙ୍ଗ ହେବ। ଏଥିରୁ ଆରଜେଡି, କଂଗ୍ରେସ ଫାଇଦା ଉଠାଇବାକୁ ଆଶା ରଖିଛନ୍ତି। କିନ୍ତୁ ୱାକଫ ଆଇନରେ ସଂଶୋଧନ ଦ୍ୱାରା ମୋଦି ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି ଏବଂ ଏହା ଦ୍ୱାରା ବିଜେପି ତଥା ଏହାର ସହଯୋଗୀ ଦଳ ଗୁଡ଼ିକ ଫାଇଦା ମଧ୍ୟ ହାସଲ କରିପାରନ୍ତି। ଧାରା ୩୭୦ ଉଚ୍ଛେଦ, ସିଏଏ ଏବଂ ଟ୍ରିପଲ ତଲାକ ଉଚ୍ଛେଦ ଦ୍ୱାରା ବିଜେପିକୁ ରାଜନୈତିକ ଫାଇଦା ମିଳିଛି। ୱାକଫ ଆଇନରେ ସଂଶୋଧନ ଦ୍ୱାରା ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟ ସାମଗ୍ରୀକ ଭାବେ ବିଜେପି ବା ଏନଡିଏ ବିରୋଧରେ ଭୋଟ ଦେବେ ବୋଲି ଭାବିବା ଭୁଲ। ଅନେକ ଉଦାରବାଦୀ ମୁସଲମାନ ଏହାକୁ ସମର୍ଥନ କରୁଛନ୍ତି। ୱାକଫ ବୋର୍ଡ ଦ୍ୱାରା ସାଧାରଣ ମୁସଲମାନଙ୍କର କୌଣସି ଫାଇଦା ହେଉନଥିଲା। ମୁସଲମାନ ସମ୍ପ୍ରଦାୟର ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକମାନେ ଏହା ଭଲଭାବେ ବୁଝିଛନ୍ତି। ତେଣୁ ସେମାନେ ୱାକଫ ଆଇନରେ ସଂଶୋଧନ ପାଇଁ ଏନଡିଏକୁ ସମର୍ଥନ କରିବେନି, ଭୋଟ ଦେବେ ନି ସେ କଥା ଭାବିବା ଭୁଲ। ଅନେକ ସଚେତନ ଏବଂ ଉଦାରବାଦୀ ମୁସଲମାନ ମୋଦିଙ୍କୁ ସମର୍ଥନ କରନ୍ତି। ବିହାରରେ ନୀତିଶ କୁମାରଙ୍କ ଭାବମୂର୍ତ୍ତୀ ଜଣେ ଧର୍ମନିରପେକ୍ଷ ନେତାଭାବେ ରହିଛି। ୱାଫ୍ ବିଲକୁ ସମର୍ଥନ ଦ୍ୱାରା ଏହା କ୍ଷୁର୍ଣ୍ଣ ହୋଇନି। ଜେଡିୟୁ ଏବଂ ଆରଏଲଡିରେ ଯେଉଁ ସାମାନ୍ୟ ବିଦ୍ରୋହ ସୃଷ୍ଟି ହୋଇଛି ତାହା ଖୁବ ସାମାନ୍ୟ। କିନ୍ତୁ ଯଦି ୱାକଫ ଆଇନରେ ସଂଶୋଧନ ବିରୋଧରେ ବଡ଼ ଧରଣର ଆନ୍ଦୋଳନ ହୁଏ ଏବଂ ସାମ୍ପ୍ରଦାୟିକ ହିଂସାକାଣ୍ଡ ସୃଷ୍ଟି ହୁଏ ତେବେ ଏହାର ପ୍ରଭାବ କ'ଣ ପଡ଼ିବ ତାହା କୁହାଯାଇପାରିବ ନାହିଁ। ଏହା ଦ୍ୱାରା ଧର୍ମ ଆଧାରରେ ନୂଆ ଭୋଟ ସମୀକରଣ ମଧ୍ୟ ସୃଷ୍ଟି ହୋଇପାରେ। ଏଥିରେ ବିଜେପି ବା ଏହାର ସହଯୋଗୀଦଳ ମାନେ ଫାଇଦା ପାଇବେ ନାହିଁ ବୋଲି କୁହାଯାଇପାରିବନି। ବିହାର ବିଧାନସଭା ନିର୍ବାଚନରେ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

# ଆଦିବାସୀ ଅଞ୍ଚଳରେ ଜଳବାୟୁ ଉପଯୋଗୀ ଚିରସ୍ଥାୟୀ ଜୀବିକା: ପରିବେଶକୁ ସୁରକ୍ଷିତ ରଖିପାରିବା

**ଲୋକନାଥ ପଣ୍ଡା**

ମିଳିତ ଜାତିସଂଘ ସାରା ବିଶ୍ୱରେ ଜଳବାୟୁ ଅନୁକୂଳ କୃଷି କ୍ଷେତ୍ରରେ ୨୦୧୯ରୁ ୨୦୨୮ ପର୍ଯ୍ୟନ୍ତ ଫ୍ୟାମିଲ ଫାର୍ମିଂକୁ ଗୁରୁତ୍ୱ ଦେଇଛି। ଏହି ପ୍ରେରଣାଯୁକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ସହିତ ଅନେକ ସାମାଜିକ ଅନୁଷ୍ଠାନ ମଧ୍ୟ ଫ୍ୟାମିଲି ଫାର୍ମିଂକୁ ଗୁରୁତ୍ୱ ଦେଉଛନ୍ତି। ଫ୍ୟାମିଲ ଫାର୍ମିଂରେ ଥିବା ମୂଳ ଲକ୍ଷ୍ୟ ହେଉଛି ଚିରସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ସହିତ ପରିବେଶ ଉପଯୋଗୀ କୃଷିକୁ ପ୍ରୋତ୍ସାହନ ଦେବା। ଏହା ଦ୍ୱାରା ଜଙ୍ଗଲ ବଂଚିବ, ଗଛ ବଂଚିବ, ଚାଷୀ ବଂଚିବ, ପରିବେଶ ମଧ୍ୟ ବଂଚିବ। ଆଦିବାସୀ, ଯୁବ ବର୍ଗ,ମହିଳା ଚାଷୀଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଧିକ ମାତ୍ରାରେ ସାମିଲ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି।

ନିକଟରେ ରାୟଗଡ଼ା ସହରରେ ମାଟି, ବିହନ ଓ ପରିବେଶକୁ ସୁରକ୍ଷିତ ରଖିବା ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଗ୍ରଗାମୀ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷିକୁ ଜୀବିକା କରି ବଂଚୁଥିବା ଚାଷୀ, କୃଷି ଗବେଷକ, ସାମାଜିକ କର୍ମୀ, ସରକାରୀ କୃଷି ଅଧିକାରୀ, କୃଷି ପ୍ରାଧ୍ୟାପକ, କୃଷି ବିଶାରଦ, ଜଳ ସଂରକ୍ଷଣ ବିଶେଷଜ୍ଞ, ମୃତ୍ତିକା ବିଶେଷଜ୍ଞ, ଜୈବିକ ଚାଷରେ ବିଶ୍ୱାସ କରୁଥିବା କୃଷି , ସାମାଜିକ କର୍ମୀ ଓ ବିଶେଷଜ୍ଞ ଯୋଗ ଦେଇଥିଲେ। ଏହି ଦୁଇଦିନିଆ ଆଲୋଚନା ଚକ୍ରରେ ମାଟିକୁ କିପରି ସୁରକ୍ଷିତ ରଖିବା, ସ୍ଥାୟୀ ଚାଷ ଜୀବିକା ନିମନ୍ତେ ପରିବେଶ ଅନୁକୂଳ ଚାଷ କରିବା, ବିହନ ସଂରକ୍ଷଣ କରିବା ଏବଂ ପରିବେଶକୁ ସନ୍ତୁଳିତ କରିବା, ବାଡ଼ିବଗିଚା କୃଷିକୁ ପ୍ରାଧାନ୍ୟ ଦେବା, ଯାହାକି ପରିବେଶ ଅନୁକୂଳ ହୋଇପାରିବ, ଏହିପରି ଜଳବାୟୁ ଉପଯୋଗୀ ନିରନ୍ତର କୃଷି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ସାରା ଦେଶରେ କୃଷି ସମ୍ବନ୍ଧରେ ତିନୋଟି ବିଷୟରେ ଆଲୋଚନା କରିବାରେ ଆବଶ୍ୟକତା ରହିଛି। ସେଗୁଡ଼ିକ ମଧ୍ୟରେ ପ୍ରଥମେ ରହିଛି ପ୍ରଥମ କଥା ହେଲା ମାଟି। ମାଟି ଦିନକୁ ଦିନ ଅଧିକ ପ୍ରଦୂଷିତ ହେବା ସହିତ ଏହାର ଗୁଣବର୍ତ୍ତା ନଷ୍ଟ ହେବାରେ ଲାଗିଛି। ମାଟିର ସୁରକ୍ଷା ପାଇଁ ସାରା ବିଶ୍ୱରେ ଚିନ୍ତା କରାଯାଉଛି ଏବଂ ମାଟି ପାଇଁ ଦିନଟିଏ ଡିସେମ୍ବର ୫ ତାରିଖରେ ପ୍ରତିବର୍ଷ ବିଶ୍ୱ ପାଳନ କରୁଛି। ଗତ କିଛି ବର୍ଷ ଧରି ମାଟିକୁ ସୁରକ୍ଷିତ ରଖିବା, ମାଟିକୁ ନେଇ ପରୀକ୍ଷା କରିବା, ମାଟିରେ କେଉଁ ସାର ଆବଶ୍ୟକତା ରହିଛି,କେଉଁ ମାଟିରେ କେଉଁ ଚାଷ ଭଲ ହୋଇପାରିବ, ତାହା ସମ୍ପର୍କରେ ଜଣାଯାଉଛି। କିନ୍ତୁ ମାଟିକୁ ନେଇ ଯେଉଁ ରାସାୟନିକ ପ୍ରୟୋଗ ହେଉଛି, ତାହା ଭବିଷ୍ୟତ ପାଇଁ ବେଶ୍ ଅନ୍ଧାର ସୃଷ୍ଟି କରୁଛି। ଅନେକ ସମୟରେ ମାଟି ଲାଂଚୁଆ ହୋଇଯାଉଛି ବୋଲି କୃଷକମାନେ କହନ୍ତି।

ସେହିଭଳି ବିହନକୁ ନେଇ ମଧ୍ୟ ସାରା ବିଶ୍ୱରେ ଉଦ୍ବେଗ ପ୍ରକାଶ ପାଉଛି। ଦେଶୀ ବିହନଗୁଡ଼ିକ ଏବଂ ପରିବେଶ ଅନୁକୂଳ ବିହନ ଆସ୍ତେ ଆସ୍ତେ ଲୋପ ପାଇଯାଉଛି। ବିହନକୁ ନେଇ ବ୍ୟବସାୟ ହେବା ସହିତ ବିହନର ଅଧିକାର ଚାଷୀ ବଦଳରେ ବ୍ୟବସାୟୀଙ୍କ ନିକଟରେ ରହୁଛି ଏବଂ ଅନେକ ଆଂଚଳିକ ଅନୁକୂଳ ବିହନ ଲୋକ ପାଇଯାଉଛି! କିଛି ମହତ୍ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ସ୍ଥାନୀୟ ବିହନକୁ ସଂରକ୍ଷଣ କରି ରଖିବା ପାଇଁ ପ୍ରୟାସ ଲାଗି ରହିଛନ୍ତି , କିନ୍ତୁ ତାହା ଯଥେଷ୍ଟ ହୋଇପାରୁନାହିଁ, କାରଣ ସରକାର ହେଉ ସମାଜ ହେଉ କିମ୍ବା ବ୍ୟବସାୟୀ ହୁଅନ୍ତୁ ବା ବିଜ୍ଞାପନ ଦାତା ହୁଅନ୍ତୁ, ନିଜର ବ୍ୟବସାୟୀକ ଓ ନିଜର ସ୍ୱାର୍ଥ ନିମନ୍ତେ ସମସ୍ତେ ହାଇବ୍ରିଡ୍ ବିହନକୁ ଉତ୍ସାହିତ କରୁଛନ୍ତି ! ଅନ୍ୟ ଏକ ବିଶେଷ ଚିନ୍ତାର ବିଷୟ ହେଲା ପରିବେଶ ଅସନ୍ତୁଳିତ ହେବାରୁ ଏହାର ପ୍ରଭାବ ସାରା ବିଶ୍ୱରେ ପଡ଼ୁଛି। ଯାହା ହେଉ ପରିବେଶ ପରିବର୍ତ୍ତନରେ ସହନଶୀଳ ଥିବା ଚାଷ ତଥା କ୍ଷୁଦ୍ର ଦାନା ଶସ୍ୟକୁ ଚାଷ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦିଆଯାଉଛି,ଯାହା ବେଶ୍ ପ୍ରଣିଧାନଯୋଗ୍ୟ। ଆଦିବାସୀ ଓ ପାହାଡ଼ିଆ ଅଂଚଳରେ ଆଦି ଅଂଚଳରେ ଦେଖୁଯାଉଛି ସନ୍ଧ୍ୟା ହୋଇଗଲେ ଜଙ୍ଗଲ, ପାହାଡ଼ରେ ନିଆଁ। ପ୍ରକୃତରେ ଏହା କେତେ ସମସ୍ୟା ସୃଷ୍ଟି କରୁଛି, ଲୋକଙ୍କ ମଧ୍ୟରେ ସଚେତନତା ନାହିଁ, କିମ୍ବା କ୍ଷଣିକ ଲାଭ ନିମନ୍ତେ ବାଡ଼, ଜଙ୍ଗଲ, ପତ୍ର ପୋଡ଼ି ସଫା କରିବା ପାଇଁ ନିଆଲଗାଇ ଦେଉଛନ୍ତି। ଏ ସମ୍ପର୍କରେ ସ୍କୁଲ ସ୍ତରରେ ହେଉ, ଗୋଷ୍ଠୀ ସ୍ତରରେ ହେଉ ସକାରାତ୍ମକ ଭାବରେ ଏହାକୁ ଆଲୋଚନା କରିବାର ରହିଛି। ଏହାକୁ ଗଣମାଧ୍ୟମ ମଧ୍ୟ ତୃଣମୂଳ ସ୍ତରକୁ କିପରି ଏହାକୁ ଅନୁଭବ କରିବେ, ଏହାକୁ ଜଙ୍ଗଲ ନିଆଁ କିପରି ଜଙ୍ଗଲର ପରିବେଶକୁ ଅସୁନ୍ତଳିତ କରୁଛି, ଅନେକ ଜୀବଜଗତ ନଷ୍ଟ ହେଉଛି, ଏହାକୁ କ୍ରୀୟାଶୀଳ ଭାବରେ ବଣଜଙ୍ଗଲ ନିଆଁ କିପରି ପ୍ରଦୂଷଣ ବଢ଼ାଇବା ସହିତ ତାପବୃଦ୍ଧି ଦିଗରେ ସହାୟ ହେଉଛି, ତାହାକୁ ମଧ୍ୟ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା କରିପାର ଅଛି। ଏଥିସହିତ ଜଙ୍ଗଲ ନିଆଁ ବଦଳରେ ବିକଳ୍ପ କ'ଣ କରାଯାଇପାରିବ, ତାହାକୁ ମଧ୍ୟ ଚିନ୍ତା କରିବାର ଆବଶ୍ୟକତା ରହିଛି।



ବର୍ତ୍ତମାନ ପରିପ୍ରେକ୍ଷୀରେ ଅନେକ ଚାଷୀ ଫ୍ୟାମିଲ ଫାର୍ମିଂ କରି ଆତ୍ମନିର୍ଭରଶୀଳ ଚାଷୀ ହୋଇପାରିଛନ୍ତି । ଇତି ମଧ୍ୟରେ ରାୟଗଡ଼ ବ୍ଲକର ମଧ୍ୟ କିଛି ଚାଷୀ, କନ୍ଧମାଳ ଜିଲ୍ଲାର ମଧ୍ୟ କିଛି ଚାଷୀଙ୍କ ସହିତ ଆଲୋଚନା ବେଳେ ଏହାକୁ ମୁଁ ଅନୁଭବ କରୁଥିଲି। ଫ୍ୟାମିଲି ଫାର୍ମିଂ ମାଧ୍ୟମରେ ଅନେକ ନିଜର କୃଷି ଭିତ୍ତିକ ଆୟରେ ଉନ୍ନତି ଆଣିପାରିଛନ୍ତି,ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।

ସବୁଠାରୁ ବଡ଼କଥା ହେଲା, ଏହି ଆଲୋଚନା ଚକ୍ରକୁ ଅନେକ କୃଷକ ଆସିଥିଲେ, ଯେଉଁମାନେ ଜଳବାୟୁ ଉପଯୋଗୀ କୃଷିକୁ ଆପଣାଇଛନ୍ତି, ନିଜର ଫ୍ୟାମିଲି ଫାର୍ମିଂ ମାଧ୍ୟମରେ ନିଜର ଜୀବିକାରେ ଉନ୍ନତି ଆଣିପାରିଛନ୍ତି, ନିଜର ଆୟ ବୃଦ୍ଧି ହେବା ଦ୍ୱାରା ନିଜର ଜୀବିକାରେ ପରିବର୍ତ୍ତନ ଆସିବା ସହିତ ନିଜର ପିଲାମାନଙ୍କର ପାଠପଢ଼ା ପ୍ରତି ଅଧିକ ଖର୍ଚ୍ଚ କରିପାରିଛନ୍ତି, ଏବଂ ଏକ ସମ୍ମାନଜନକ ଜୀବିକା ଆପଣାଇଛନ୍ତି। ଏବଂ ନିରନ୍ତର ସେମାନଙ୍କର ଆୟ ବୃଦ୍ଧି ହେବାରେ ଲାଗିଛି। ଏହି କାର୍ଯ୍ୟକ୍ରମରେ କିଛି ଚାଷୀ ନିଜର ଅନୁଭୂତରୁ ପ୍ରକାଶ କରିଥିଲେ ଯେ, ସେମାନେ ବିନା ହଳରେ ଚାଷ କରି ମଧ୍ୟ ନିଜର ଜୀବିକା ଅର୍ଜନ କରିପାରିଛନ୍ତି। ମାଟିକୁ ସେମାନେ ଯତ୍ନ କରିଛନ୍ତି, କାରଣ ସେମାନେ ଅନୁଭବ କରିଛନ୍ତି ଯେ ମାଟି ହେଉଛି ମାଆ।

କିଛି ଯୁବ ବର୍ଗ ଆସିଥିଲେ ଯେଉଁମାନେ ନିଜ ନିଜ ଗ୍ରାମରେ ଫ୍ୟାମିଲ ଫାର୍ମକୁ ଗୁରୁତ୍ୱ ଦେବା ସହିତ କୃଷି ବିଦ୍ୟାଳୟ ଭାବରେ ସନ୍ଧ୍ୟାରେ କିଛି ଗାଁରେ ପ୍ରାକୃତିକ କୃଷି, ମାଟିକୁ ବିଷାକ୍ତ ସାରରୁ ଦୂରରେ ରଖିବା, ମାଟିର ସୁରକ୍ଷା, ପରିବେଶ ସୁରକ୍ଷା, ଫ୍ୟାମିଲ ଫାର୍ମ କିପରି ନିଜର ପରିବାରର ଆୟ ବୃଦ୍ଧି କରିବା ସହିତ ନିଜ ନିଜର ଗାଁ କିପରି ପରିବେଶ ଅନୁକୂଳ ଗାଁ ବା ଇକୋ-ଭିଲେଜ ହୋଇପାରିବ, ସେଥିନିମନ୍ତେ ପ୍ରୟାସ କରୁଛନ୍ତି। ସେମାନେ ନିଜର ଉନ୍ନତି କରିବା ସହିତ ନିଜ ଗାଁର , ଜିଲ୍ଲାର, ରାଜ୍ୟର ତଥା ଦେଶର ପରିବେଶ ସନ୍ତୁଳିତ ରଖିବାରେ ଗୁଣ୍ଡୁଚି ମୂଷା ସଦୃଶ୍ୟ ସାହାଯ୍ୟ କରୁଛନ୍ତି, ସେମାନଙ୍କରୁ ସେହି ଦୃଷ୍ଟିରୁ ସେମାନେ ବେଶ୍ ପ୍ରଶଂସାଯୋଗ୍ୟ।

ଅଗ୍ରଗାମୀ ତରଫରୁ ଫ୍ୟାମିଲି ଫାର୍ମ ମାଧ୍ୟମରେ ଅନେକ ଯୁବ କୃଷକଙ୍କୁ ଉତ୍ସାହିତ କରାଯାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ ମଧ୍ୟ କରିବା ପାଇଁ ପ୍ରୟାସ କରାଯାଇଛି। ସେଦିନ ଦିନୁ ମାଝୀ, ସୁଶାନ୍ତ ମିଣିଆକା, ତଥା ଅନେକ ଚାଷୀ ନିଜେ କିପରି ପ୍ରାକୃତିକ ଉପାୟରେ ଚାଷ କରିବା ସହିତ ନିଜର ଫ୍ୟାମିଲ ଫାର୍ମ ମାଧ୍ୟମରେ ଉପକୃତ ହେଉଛନ୍ତି, ନିଜର ଅନୁଭୂତିକୁ ଉପସ୍ଥାପନା କରୁଥିଲେ।ଫସବୁଠାରୁ ବଡ଼ କଥା ହେଲା,ଅଗ୍ରଗାମୀ ଦୀର୍ଘ ୨୦ ବର୍ଷ ହେବ, ପ୍ରାକୃତିକ କୃଷି, ହେଉ କିମ୍ବା ଜୈବିକ କୃଷି ହେଉ, ପରମ୍ପରାଗତ କୃଷି, କୃଷକର ଆୟ ଫ୍ୟାମିଲି ଫାର୍ମିଂ ମାଧ୍ୟମରେ ଉନ୍ନତିର ସହାୟକ ହେବ, ସବୁଠାରୁ ବଡ଼ କଥା ହେଲା ଗାଁକୁ ଇକୋ-ଭିଲେଜ ଭାବରେ ଗଢ଼ିବା ପାଇଁ ପ୍ରୟାସ କରିବା, ଗ୍ରାମବାସୀଙ୍କ ମଧ୍ୟରେ ଇକୋ-ଭିଲେଜ ଧାରଣା ଦେବା ସହିତ ପରିବେଶ ଅନୁକୂଳ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା, ସବୁଠାରୁ ବଡ଼ କଥା ହେଲା, ଦେଶାନ୍ତର ନଯାଇ ନିଜ ବାଡ଼ି ବଗିଚାରେ ଅଧିକ ଖର୍ଚ୍ଚ ନକରି ଆୟ ସୃଷ୍ଟି କରିବା, ଇତ୍ୟାଦି ପ୍ରତି ବେଶ୍ ଗୁରୁତ୍ୱ ଦିଆଯାଇଛି,

ବର୍ତ୍ତମାନ ସରକାରଙ୍କର ତରଫରୁ ବ୍ୟକ୍ତିଗତ ଭାବରେ କୃଷକର ଆୟବୃଦ୍ଧି ନିମାନ୍ତେ ପରିବେଶଭିତ୍ତିକ କୃଷିକୁ ଆପଣାଇବା ସହିତ ତୃଣମୂଳ ସ୍ଥଳରେ ଛୋଟ ଛୋଟ ଚାଷୀଙ୍କୁ ସୁଯୋଗ ଦେବାକୁ ପଡ଼ିବ। ଏହା କେବଳ ସରକାରୀ ସ୍ତରରେ କାର୍ଯ୍ୟକାରି ହେବାର ଭାରି କଷ୍ଟ। ଏଥିପାଇଁ ସରକାର ଓ ବେସରକାରୀ ଅନୁଷ୍ଠାନ ମିଳିତ ଭାବରେ ଏହାକୁ କାର୍ଯ୍ୟକାରି କରିବାକୁ ପଡ଼ିବ। ଯଦି ପରିବାରର କିଛି ଚାଷ ଜମି ଥାଏ, କିମ୍ବା ଜଙ୍ଗଲ ଜମି ଥାଏ କିମ୍ବା ଅନ୍ୟ କାହାର ଜମିରେ ଚାଷ କରୁଥାଏ, ଏହି ଦୃଷ୍ଟିରୁ ସରକାର,ସାମାଜିକ ଅନୁଷ୍ଠାନର ମିଳିତ ସହାୟତାରେ ଗ୍ରାମୀଣ ଅଂଚଳରେ ତଥା ଆଦିବାସୀ ଅଂଚଳରେ ଆଦିବାସୀ ଯୁବକ ଟିଏ ଆତ୍ମନିର୍ଭରଶୀଳ ହୋଇ ଫ୍ୟାମିଲ ଫାର୍ମ କରି ଆତ୍ମମର୍ଯ୍ୟାଦାର ସହିତ ବଂଚିପାରିବ ଓ ପରିବେଶ ସନ୍ତୁଳିତ ରଖିବାରେ ନିଜର ଭାଗିଦାରିତା ରହିପାରିବ। ଅନେକ ଚାଷୀ ଅଛନ୍ତି, ଯେଉଁମାନେ ପରିବେଶ ଅନୁକୂଳ ଚାଷ କରୁଛନ୍ତି, କିନ୍ତୁ ସେମାନେ ଲୋକ ଲୋଚନକୁ ଆସିପାରୁନାହାନ୍ତି କିମ୍ବା ତାହା ଗଣମାଧ୍ୟମ ହେଉ ପ୍ରସାରଣ ସେମାନେ କରୁନାହାନ୍ତି କିମ୍ବା ସେମାନଙ୍କପାଇଁ କେହି କରୁନାହାନ୍ତି। ବର୍ତ୍ତମାନ ବିଜ୍ଞାପନ ଯୁଗରେ ଭ୍ରମ ଓ କଳ୍ପନାକୁ ଅଧିକ ବିଜ୍ଞାପନରେ ପ୍ରଚାର କରାଯାଉଛି, କିନ୍ତୁ ମଣିଷ ସମାଜ ପାଇଁ ଯାହା ଆବଶ୍ୟକତା ରହିଛି ଓ ଯେଉଁମାନେ ମଣିଷ ସମାଜ ଓ ପରିବେଶର ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ସମ୍ପର୍କରେ ଗୌଣ ଭାବରେ ପ୍ରଚାର କରାଯାଉଛି। ଏହି ଦୃଷ୍ଟିରୁ ପରିବେଶ ଅନୁକୂଳ ଚାଷୀ, ଫ୍ୟାମିଲ ଫାର୍ମ କରୁଥିବା ଚାଷୀଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର କାହାଣୀକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପନା କରିବାକୁ ପଡ଼ିବ ଯାହା ଦ୍ୱାରା କି ସଫଳ ଚାଷୀ ନିଜର ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହିତ ଅନ୍ୟ କୃଷକମାନଙ୍କୁ ପ୍ରେରଣା ଯୋଗାଇବାରେ ସାହାଯ୍ୟ କରିବ। ଏଥିସହିତ କୃଷକ ଓ ଜନସାଧାରଣଙ୍କ ମଧ୍ୟରେ ପରିବେଶର ବ୍ୟବହାରକୁ ନେଇ ସାକ୍ଷରତାକୁ ଗୁରୁତ୍ୱ ଦେବାକୁ ପଡ଼ିବ।

**ରାଣୀଗୁଡ଼ା, ରାୟଗଡ଼ା: ୭୬୫୦୦୧**
**ମୋବାଇଲ୍: ୯୪୩୮୦୮୧୪୩୦**

# ବିଜେଡିରେ ବିଦ୍ରୋହ



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଦୀର୍ଘ ୨୪ବର୍ଷ ଧରି ରାଜ୍ୟରେ କ୍ଷମତାରେ ଥିବା ବିଜେଡିର ଉଭୟ ରାଜ୍ୟ ଓ ଜାତୀୟ ରାଜନୀତିରେ ବିଜୁ ଜନତା ଦଳ(ବିଜେଡି)ର ଯେଉଁ ପ୍ରଭାବ ଥିଲା, କ୍ଷମତାରୁ ଯିବାପରେ ଦଳ ଏବେ ପ୍ରଭାବ ହୀନ ହୋଇଥିବା ଲକ୍ଷ୍ୟ କରାଯାଏ। କ୍ଷମତାରୁ ଯିବାର ମାତ୍ର ୧୦ମାସ ମଧ୍ୟରେ ଦଳର ବହୁ ନେତା ଓ ଲୋକପ୍ରତିନିଧି ଦଳ ତ୍ୟାଗ କରିଥିବା ବେଳେ ଆଭ୍ୟନ୍ତରୀଣ ଅସନ୍ତୋଷ, ବିଦ୍ରୋହ ଯୋଗୁଁ ଦଳର ବହୁ ସରପଂଚଙ୍କ ଠାରୁ ଆରମ୍ଭ କରି ପଂଚାୟତ ସମିତି ଓ ପୌରପାଳିକା ଅଧ୍ୟକ୍ଷ ବା ଅଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇ କ୍ଷମତାଚ୍ୟୁତ ହୋଇଛନ୍ତି। ରାଜ୍ୟସଭାର ଦୁଇଜଣ ସାଂସଦ ଇସ୍ତଫା ଦେଇ ବିଜେପିରେ ଯୋଗଦେବା ସହ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ଏବେ ବହୁଚର୍ଚ୍ଚିତ ୱାକଫ ସଂଶୋଧନ ବିଲ୍‌କୁ ନେଇ ଦଳରେ କେବଳ ଅସନ୍ତୋଷର ନିଆଁ ଘନୀଭୂତ ହୋଇନାହିଁ, ରାଜ୍ୟ ଓ ଜାତୀୟ ରାଜନୀତିରେ ବିଜେଡି ନିଜର ଭାବମୂର୍ତ୍ତି ହରାଇଛି ବୋଲି ଚର୍ଚ୍ଚା ଧରିଛି, ଯାହାକୁ ଅଯଥାର୍ଥ ବୋଲି କୁହାଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, ୱାକଫ ସଂଶୋଧନ ବିଲ୍ ପାର୍ଲିଆମେଂଟରେ ଆଗତ ହେବା ଦିନଠାରୁ ହିଁ, ବିଜେଡି ବିଲ୍‌କୁ ବିରୋଧ କରିବା ପାଇଁ ସଂସଦୀୟ ଦଳ ବୈଠକରେ ନିର୍ଦ୍ଦେଶ ଦେଇଥିବା କୁହାଯାଇଛି। ଏପରିକି ରାଜ୍ୟସଭା ଆଲୋଚନାରେ ଅଂଶ ଗ୍ରହଣ କରି ଦଳର ସାଂସଦ ମୁନ୍ନା ଖାଁ କଡା ବିରୋଧ କରିଥିଲେ। କିନ୍ତୁ ରାଜ୍ୟସଭାରେ ବିଲ୍ ଉପରେ ଭୋଟ ଗ୍ରହଣ ପୂର୍ବରୁ ଦଳର ସଂସଦୀୟ ଦଳର ନେତା ସସ୍ମିତ ପାତ୍ର ହୁଇପ ଜାରି ହୋଇନାହିଁ। ବିବେକାନୁମୋଦିତ ଭୋଟ ଦେବାକୁ ହଠାତ୍ କହିଥିଲେ, ଯାହାକୁ ନେଇ ଦଳରେ ଏବେ କେବଳ ବିବାଦ ସୃଷ୍ଟି ହୋଇନାହିଁ, ଦଳର ଦୋମୁହାଁ, ନୀତି ପଦାରେ ପଡିଛି। କଥା ଦେଇ କଥା ନରଖିବା ସଦୃଶ ହୋଇଛି। କେଉଁ ପରିସ୍ଥିତିରେ ଦଳ ପୂର୍ବ ନିଷ୍ପତି ପରିବର୍ତନ କରିଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାତୀୟ ଗଣମାଧ୍ୟମ ଗୁଡିକରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦଳର ଦୁଇଜଣ ନେତା ବିଲ୍‌କୁ ସମର୍ଥନ



କରିଥିବାବେଳେ ୪ଜଣ ବିରୋଧରେ ଭୋଟ ଦେଇଛନ୍ତି। ଜଣେ ଭୋଟ ଦାନରୁ ବିରତ ରହିଥିଲେ। ବିଲ୍ ଗୃହିତ ହେବା ପରେ ପାତ୍ର ହଠାତ୍ ବିଲ୍ ସପକ୍ଷରେ ଭୋଟ ଦେଇଥିବା ପ୍ରକାଶ କରିଥିଲେ। ଏହି ଘଟଣା ନେଇ ଦଳର ବରିଷ୍ଠ ନେତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଗଣମାଧ୍ୟମରେ ଯେଉଁ ଭଳି ବିବୃତିମାନ ଦେବାରେ ଲାଗିଛନ୍ତି, ତାହା ଦଳ ପାଇଁ ଆଦୌ ଶୁଭଙ୍କର ନୁହେଁ। କେବଳ ଦଳୀୟ ନେତାମାନେ ନୁହଁନ୍ତି, କଂଗ୍ରେସ ଓ ବିଜେପିର ନେତାମାନଙ୍କ ବିଜେଡି ବିରୁଦ୍ଧରେ ମନ୍ତବ୍ୟ ପରିସ୍ଥିତିକୁ ଏପରି କଲେଣି ତିନି ତୁଣ୍ଡରେ ଛେଳି କୁକୁର, ହେବା ଭଳି ସ୍ଥିତି ଉପୁଜୁଥିବା ମନେହୁଏ। ଦଳର ନେତା ଓ କର୍ମୀଙ୍କ ବିଜେପି ବିରୁଦ୍ଧରେ ଲଢିବାର ମନୋବଳ ଭାଙ୍ଗିଗଲାଣି। ଯାହାକି ସେମାନଙ୍କୁ ଭବିଷ୍ୟତରେ ଦଳ ଛାଡିବାର ଆଶଙ୍କାକୁ ମଧ୍ୟ ଏଡାଇ ଦେଇ ହେଉନାହିଁ। ଏହି ଘଟଣା ଯେ, ବିଜେଡିର ସ୍ଥିତିକୁ ଦୋହଲାଇ ଦେବ, ଏହାକୁ ଅଣଦେଖା କରାଯାଇନପାରେ। ଯାହାକି ଦଳର ବରିଷ୍ଠ ନେତାମାନେ ଅନୁଭବ କଲେଣି। ଗତ ବିଧାନସଭା ଓ ସାଧାରଣ ନିର୍ବାଚନ ଅଭିଜ୍ଞତାରୁ ଦଳ କିଛି ଶିକ୍ଷା କରିପାରିନଥିବା ମନେହୁଏ। ନିର୍ବାଚନ ସମୟରେ ଦଳର ବରିଷ୍ଠ ନେତାଙ୍କୁ ବିଶ୍ୱାସକୁ ନନେଇ ଦଳର ମୁଖ୍ୟ ପରାମର୍ଶଦାତା ତଥା ତାଙ୍କର ପୂର୍ବତନ ବ୍ୟକ୍ତିଗତ ସଚିବଙ୍କୁ ଯେପରି ଦାୟିତ୍ୱ ଦେଇଥିଲେ, 'ଓଡିଆ ଅସ୍ମିତା' ପ୍ରସଙ୍ଗ ଉଠାଇ ବିଜେପି ନେତୃତ୍ୱ ସାରା ରାଜ୍ୟରେ ବିଜେଡି ବିରୋଧି ହାୱା ସୃଷ୍ଟି କରିବାକୁ ସମର୍ଥ ହୋଇଥିଲେ। ଏବେ ନବୀନଙ୍କ ନୀରବତା ବିଜେଡିକୁ ଗୁରୁତର କ୍ଷତି ପହଁଚାଇବା ବା ଦଳକୁ ଦୁର୍ବଳ କରିଦେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଅତୀତରେ ନବୀନ ବାବୁଙ୍କ ନିଷ୍ପତି ଶାଣିତ ଓ ତ୍ୱରିତ ଥିଲା, ଏହା ଓଡିଶାବାସୀ ଅଙ୍ଗେ ଲିଭାଇଛନ୍ତି। ବିଜେଡି ନିର୍ବାଚନରେ ହାରିଛି ସତ କିନ୍ତୁ ସାରା ରାଜ୍ୟରେ ଏହାର ଦବ୍‌ଦବା ମଳିନ ପଡିନାହିଁ। ଏବେ ବି ରାଜ୍ୟରେ ନବୀନ ବାବୁଙ୍କ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଛି। ଏହି ଘଟଣା ସେ ତ୍ୱରିତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଅନ୍ୟଥା ତାଙ୍କର ନୀରବତା ଦଳର ଅସ୍ଥିତ୍ୱ ନିଭାଇ ଦେବା କିଛି ଅସମ୍ଭବ ନୁହେଁ। ଆଂଚଳିକ ଦଳର ପ୍ରଭାବ ସାମୟିକ, ଏହା ପୁଣି ଥରେ ପ୍ରମାଣିତ ହେବ। ୱାକଫ ବିଲ୍ ଉପରେ ଦଳର ଦ୍ୱୈତ ଆଭିମୁଖ୍ୟ ନେଇ ନେତା ଓ ଜନସାଧାରଣଙ୍କ ମଧ୍ୟରେ ଉଙ୍କି ମାରିଥିବା ସନ୍ଦେହକୁ ଅବିଳମ୍ବେ ଦୂର କରିବେ ବୋଲି ଆଶା କରାଯାଏ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# କଳା ଅବତାର, ଅଂଶାବତାର ଓ ରାମାବତାର



**ଅଲେଖ ଚନ୍ଦ୍ର ସାମଲ**

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି। ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ "ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ଜଗନ୍ନାଥ ଦାସ ତାଙ୍କ "ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ। ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୫୭୧୨୩**

# ଆଜିଠାରୁ ଲାଗୁ ହେବ ୱାକଫ ସଂଶୋଧନ ଆଇନ



**ନୂଆଦିଲ୍ଲୀ, ୮।୪:** କେନ୍ଦ୍ର ସରକାର ୱାକଫ ସଂଶୋଧନ ଆଇନ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ନୂତନ ୱାକ୍‌ଫ୍ ଆଇନ ଆଜି ଅର୍ଥାତ୍ ବୁଧବାର, ୮ ଏପ୍ରିଲ୍, ୨୦୨୫ ଠାରୁ କାର୍ଯ୍ୟକାରୀ ହେବ। ସଂସଦର ଉଭୟ ଗୃହରେ ୱାକଫ୍ ସଂଶୋଧନ ବିଲ୍ ଗୃହୀତ ହେବା ପରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର (୫ ଏପ୍ରିଲ୍) ଏହାକୁ ଅନୁମୋଦନ କରିଥିଲେ। ଦେଶର ଅନେକ ରାଜ୍ୟରେ ନୂତନ ୱାକଫ ଆଇନ ବିରୋଧରେ ପ୍ରତିବାଦ ଚାଲିଥିବା ବେଳେ, କଂଗ୍ରେସ, ଏଆଇଏମଆଇଏମ ଏବଂ ଆମ ଆଦମୀ ପାର୍ଟି (ଆପ) ପୃଥକ ପୃଥକ ଆବେଦନ ସହିତ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅନୁଯାୟୀ, ଏହି ଆଇନ ମୁସଲମାନ ବିରୋଧୀ ନୁହେଁ ଏବଂ ଏହାର ଉଦ୍ଦେଶ୍ୟ ୱାକଫ ସମ୍ପତ୍ତିର ଭେଦଭାବ ଏବଂ ଅପବ୍ୟବହାରକୁ ରୋକିବା। ଲୋକସଭାରେ ୱାକଫ ସଂଶୋଧନ ବିଲ୍ ସପକ୍ଷରେ ୨୮୮ଟି ଭୋଟ ପଡ଼ିଥିଲା ଏବଂ ବିପକ୍ଷରେ ୨୩୨ଟି ଭୋଟ ପଡ଼ିଥିଲା। ଯେତେବେଳେ ରାଜ୍ୟସଭାରେ ବିଲ୍ ସପକ୍ଷରେ ୧୨୮ ଏବଂ ବିପକ୍ଷରେ ୯୫ ଭୋଟ ପଡ଼ିଥିଲା। ଏହି ଆଇନ ବିରୋଧରେ ସୁପ୍ରିମକୋର୍ଟରେ ଏପର୍ଯ୍ୟନ୍ତ ମୋଟ ୧୫ଟି ଆବେଦନ ଦାଖଲ ହୋଇଛି। ସେହି ସମୟରେ, କେନ୍ଦ୍ର ସରକାର ଏକପାଖିଆ ଆଦେଶର ସମ୍ଭାବନାକୁ ଏଡାଇବା ପାଇଁ ଏକ ସତର୍କତା ଦାଖଲ କରିଥିଲେ। ମଣିପୁର, ପଶ୍ଚିମବଙ୍ଗ ଏବଂ ପାଟନା ସମେତ ଦେଶର ଅନେକ ରାଜ୍ୟରେ ୱାକଫ ସଂଶୋଧନ ଆଇନ ବିରୋଧରେ ପ୍ରତିବାଦ କରାଯାଉଛି।

## ୱାକଫ୍ ଆଇନ ବିରୋଧରେ ପଶ୍ଚିମବଙ୍ଗରେ ଉତ୍ତେଜନା

### ମୁର୍ଶିଦାବାଦରେ ସଡ଼କରେ ପୋଡ଼ାଜଳା, ମମତାଙ୍କୁ ଦାୟୀ କଲା ବିଜେପି

**ନୂଆଦିଲ୍ଲୀ, ୮।୪:** ୱାକଫ୍ ଆଇନ ଲାଗୁ ବିରୋଧରେ ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ବିକ୍ଷୋଭ ପ୍ରଦର୍ଶନ ହିଂସାତ୍ମକ ରୂପ ନେଇଛି। ପ୍ରଦର୍ଶନକାରୀମାନେ ଏକ ପୋଲିସ ଗାଡ଼ି ଜାଳି ଦେଇଥିବା ଅଭିଯୋଗ ହୋଇଛି। ଭାରତୀୟ ଜନତା ପାର୍ଟିର ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ସଂଘର୍ଷର ଭିଡିଓ ପୋଷ୍ଟ କରି , ଏପରି ଅଶାନ୍ତ ପାଇଁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ "ମୁସଲିମ ତୁଷ୍ଟୀକରଣ" ରାଜନୀତିକୁ ଦାୟୀ କରିଛନ୍ତି। ହେଲେ , ଟାଇମ୍ସ ଅଫ୍ ଇଣ୍ଡିଆ ବିଜେପି ନେତାଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ଭିଡିଓ ଗୁଡ଼ିକର ସତ୍ୟତା ସ୍ୱାଧୀନ ଭାବେ ଯାଞ୍ଚ କରିପାରି ନାହିଁ। ପିଟିଆଇର ରିପୋର୍ଟ ମୁତାବିକ , ବିରୋଧ ପ୍ରଦର୍ଶନକାରୀମାନେ ପୋଲିସ ଗାଡ଼ି ଗୁଡ଼ିକରେ ଭଙ୍ଗାରୁଜା କରିଛନ୍ତି ଏବଂ ସେଗୁଡ଼ିକରେ ନିଆଁ ଲଗେଇ ଦେବା ସହ ପଥର ମାଡ଼ ମଧ କରିଛନ୍ତି। ସେପଟେ ସ୍ଥିତିକୁ କାବୁରେ ରଖିବା ପାଇଁ ପୋଲିସ୍ ଲାଠିଚାର୍ଜ ଓ ଲୁହ ବୁହା ଗ୍ୟାସର ପ୍ରୟୋଗ କରିଛି। ଏହି ସଂଘର୍ଷରେ ଅନେକ ଲୋକ ଆହତ ହୋଇଛନ୍ତି , ଯେଉଁଥିରେ କିଛି ପୋଲିସ କର୍ମୀ ମଧ ସାମିଲ ଅଛନ୍ତି। କୁହାଯାଉଛି ଯେ , ସଂଖ୍ୟାଲଘୁ ସଂପ୍ରଦାୟର ଲୋକ ୱାକଫ ସଂଶୋଧନ ଆଇନକୁ ଫେରେଇ ନେବାର ଦାବି କରି ଜଙ୍ଗିପୁର ପିଡବ୍ଲ୍ୟୁଡି ମୈଦାନରୁ ବିରୋଧ ରାଲି ବାହାରି ଥିଲା। ଯେବେ ଏହି ଭିଡ଼ ଉମରପୁର ଦିଗକୁ ବଢ଼ିଲା , ସେତେବେଳେ ପୁଲିସ ତାଙ୍କୁ ରୋକି ଥିଲା। ପୋଲିସର ଏହି କାର୍ଯ୍ୟାନୁଷ୍ଠାନର ବିରୋଧରେ ଭିଡ଼ ଉଗ୍ର ରୂପ ଧାରଣ କରିଥିଲା ଏବଂ ଦେଖୁ ଦେଖୁ ମାହଲୋ ହିଂସାତ୍ମକ ହୋଇଗଲା। ହିଂସାକାଣ୍ଡ ଏତିକିରେ ରୋକି ନଥିଲା। ବିରୋଧ ପ୍ରଦର୍ଶନକାରୀମାନେ କେବଳ ପୋଲିସ ଉପରେ ହମଲା କରି ନଥିଲେ , ବରଂ ବନିଆପୁର ଓ ଉମରପୁର ଅଞ୍ଚଳରେ ଅନେକ ଘର ଓ ଦୋକାନରେ ମଧ ଭଙ୍ଗାରୁଜା କରିଥିଲେ। ହିଂସା ଏତେ ଅଧିକ ବଢ଼ିଗଲା ଯେ, ପୋଲିସକୁ ପାଖାପାଖି ଅଧ ଘଣ୍ଟା ଯାଏ ସଂପୃକ୍ତ ଅଞ୍ଚଳରୁ ପଛକୁ ହଟିବାକୁ ପଡ଼ିଥିଲା। ସ୍ଥିତିକୁ ଆୟତ୍ତକୁ ଆଣିବା ପାଇଁ ଅତିରିକ୍ତ ସୁରକ୍ଷା ବଳକୁ ମୁତୟନ କରାଯାଇଛି ଏବଂ ସେହି ଅଞ୍ଚଳରେ ଉତ୍ତେଜନା ଜାରି ରହିଛି।

## ଟିଏମସି ସାଂସଦଙ୍କ ବିବାଦର ଭିଡିଓ ଭାଇରାଲ୍ କଲା ବିଜେପି



**କୋଲକାତା, ୮।୪:** ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ ଦଳ ଭିତରେ ଅନ୍ତର୍କନ୍ଦଳ ପଦାରେ ପଡ଼ିଛି। ନିର୍ବାଚନ କମିଶନ ମୁଖ୍ୟାଳୟ ବାହାରେ ଦଳର ଦୁଇ ଜଣ ସାଂସଦଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ଏତେ ବଢ଼ିଗଲା ଯେ ମହିଳା ସାଂସଦଙ୍କୁ ପୋଲିସର ହସ୍ତକ୍ଷେପ ନେବାକୁ ପଡିଲା। ଲଢ଼େଇ ଏଠାରେ ଶେଷ ହୋଇନଥିଲା ଏବଂ ଏହା ଟିଏମସି ସାଂସଦଙ୍କ ଅଫିସିଆଲ୍ ହ୍ୱାଟସଆପ ଗ୍ରୁପ୍ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହାର ଭିଡିଓ ଏବଂ ହ୍ୱାଟସଆପ୍ ଚାଟ୍ ବିଜେପିର ଆଇଟି ସେଲ ମୁଖ୍ୟ ଅମିତ ମାଲଭିୟ ଶେୟାର କରିଛନ୍ତି। କଲ୍ୟାଣ ବାନାର୍ଜୀ ଏବଂ କୀର୍ତ୍ତି ଆଜାଦଙ୍କ ମଧରେ ହୋଇଥିବା ହ୍ୱାଟସଆପ୍ ଗ୍ରୁପ୍ ଚାଟର ଏକ ସ୍କ୍ରିନସଟ୍ ସେୟାର କରାଯାଇଛି ଯେଉଁଥିରେ ସେମାନେ ପରସ୍ପର ଯୁକ୍ତି କରିଛନ୍ତି। ଭାରତୀୟ ଜନତା ପାର୍ଟି (ବିଜେପି) ଆଇଟି ସେଲ୍ ମୁଖ୍ୟ ଅମିତ ମାଲଭିୟ ମଙ୍ଗଳବାର ଦିନ ଦାବି କରିଛନ୍ତି ଯେ, ନିର୍ବାଚନ କମିଶନ ମୁଖ୍ୟାଳୟରେ ଜଣେ ମହିଳା ନେତ୍ରୀଙ୍କ ସମେତ ଟିଏମସି ସାଂସଦଙ୍କ ମଧରେ ଯୁକ୍ତିତର୍କ ପରେ ହ୍ୱାଟସଆପ୍ ଗ୍ରୁପରେ ମଧ ଯୁକ୍ତିତର୍କ ହୋଇଥିଲା। ମାଲଭିୟ ସୋସିଆଲ ମିଡିଆ ଏକ୍ସରେ ତାଙ୍କ ପୋଷ୍ଟରେ କହିଛନ୍ତି, 'ଏପରି ମନେ ହେଉଛି ଯେ ଦଳ ନିର୍ବାଚନ କମିଶନଙ୍କ ନିକଟକୁ ଯିବା ପୂର୍ବରୁ ସଂସଦ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଦାବିପତ୍ରରେ ଦସ୍ତଖତ କରିବାକୁ ଏହାର ସାଂସଦମାନଙ୍କୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ, ଦାବିପତ୍ର ନେଇ ଯାଇଥିବା ସାଂସଦମାନେ ସଂସଦ ବୈଠକରେ ଯୋଗ ଦେଇନଥିଲେ ଏବଂ ସିଧାସଳଖ ନିର୍ବାଚନ କମିଶନଙ୍କ ପାଖକୁ ଯାଇଥିଲେ।'

ସେ ଆହୁରି ମଧ ଦାବି କରିଛନ୍ତି ଯେ, 'ମହିଳା ସାଂସଦ ସାଂସଦଙ୍କ କାର୍ଯ୍ୟରେ କ୍ରୋଧିତ ହୋଇଥିଲେ ଏବଂ ଦାବିପତ୍ର ଦସ୍ତଖତ କରିନଥିବା ସାଂସଦଙ୍କୁ ଏନେଇ ପଚାରିଥିଲେ। ଏହା ପରେ ଉଭୟଙ୍କ ମଧରେ ଯୁକ୍ତିତର୍କ ବଢ଼ିଥିଲା। ମାମଲା ଏତେ ବୃଦ୍ଧି ପାଇଲା ଯେ ଜଣେ ମହିଳା ସାଂସଦ ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ହସ୍ତକ୍ଷେପ କରିବାକୁ କହିଥିଲେ।' ଅମିତ ମାଲଭିୟ ଏହା ମଧ ଦାବି କରିଛନ୍ତି ଯେ, ମାମଲା ଆହୁରି ବଢ଼ିଗଲା ଏବଂ ଦଳର ମୁଖ୍ୟ ମମତା ବାନାର୍ଜୀଙ୍କ ପାଖରେ ପହଞ୍ଚିଲା। ଦଳ ଭିତରେ ବିବାଦ କମି ନଥିଲା ବରଂ ବଢ଼ିଥିଲା। ଏହି ଝଗଡ଼ା 'AITC MP 2024' ହ୍ୱାଟସଆପ୍ ଗ୍ରୁପରେ ପହଞ୍ଚିଲା। ଗ୍ରୁପ୍‌ରେ କଲ୍ୟାଣ ବାନାର୍ଜୀ ଏବଂ ମହିଳା ସାଂସଦଙ୍କୁ ସମର୍ଥନ କରିଥିବା କୀର୍ତ୍ତି ଆଜାଦଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ବିଜେପି ନେତା ଅମିତ ମାଲଭିୟ ମଧ ନିର୍ବାଚନ କମିଶନ ମୁଖ୍ୟାଳୟରେ ଦୁଇ ଟିଏମସି ସାଂସଦଙ୍କ ମଧରେ ହୋଇଥିବା ଝଗଡ଼ାର ଏକ କଥିତ ଭିଡିଓ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏହି ଭିଡିଓରେ, ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ ଦଳର ଅନ୍ୟ ଜଣେ ସାଂସଦଙ୍କ ସହ ପ୍ରବଳ ଯୁକ୍ତିତର୍କ କରୁଥିବାର ଦେଖାଯାଉଛି। ମାଲଭିୟଙ୍କ ପୋଷ୍ଟକୁ ନେଇ ରାଜନୈତିକ ହଇଚଇ ସୃଷ୍ଟି ହୋଇଛି। ବରିଷ୍ଠ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀଙ୍କ ବିରୋଧରେ ଜଣେ ମହିଳା ସାଂସଦଙ୍କ ସହ ଦୁର୍ବ୍ୟବହାର ଅଭିଯୋଗ ଆସିଛି। ମଙ୍ଗଳବାର କଲ୍ୟାଣ ବାନାର୍ଜୀ ସେଦିନ ପ୍ରକୃତରେ କ'ଣ ଘଟିଥିଲା ତାହା କହିଛନ୍ତି। ନିର୍ବାଚନ କମିଶନଙ୍କୁ ଦିଆଯାଇଥିବା ଦାବିପତ୍ରରେ କାହିଁକି ଦସ୍ତଖତ କରାଯାଇ ନାହିଁ ବୋଲି ମହିଳା ସାଂସଦ ପ୍ରଶ୍ନ ଉଠାଇଥିଲେ। ଏହା ଉପରେ କଲ୍ୟାଣ କହିଥିଲେ, 'ଯଦି ମୋର ନାମ ନାହିଁ, ତେବେ ମୁଁ କ'ଣ କରିପାରିବି? ମୋତେ ଯାହା କୁହାଯାଇଥିଲା ମୁଁ ତାହା କରିଛି।' ଏହା ପରେ ଦୁଇ ସାଂସଦଙ୍କ ମଧରେ ବିତର୍କ ଆରମ୍ଭ ହୋଇଥିଲା। କଲ୍ୟାଣ କହିଛନ୍ତି ଯେ, ସେ ଚିତ୍କାର କରୁଥିଲେ ତେଣୁ ମୁଁ ମଧ ଚିତ୍କାର କଲି। ବରିଷ୍ଠ ସାଂସଦ ଦାବି କରିଛନ୍ତି ଯେ, ମହିଳା ସାଂସଦ ଡ୍ୟୁଟିରେ ଥିବା ବିଏସଏଫକୁ ଡାକି ମୋତେ ଗିରଫ କରିବାକୁ କହିଥିଲେ। କଲ୍ୟାଣ ବାନାର୍ଜୀ ଦାବି କରିଛନ୍ତି ଯେ ସେ ମହିଳା ସାଂସଦଙ୍କ ବିରୁଦ୍ଧରେ କୌଣସି ଅପମାନଜନକ ଭାଷା ବ୍ୟବହାର କରିନାହାଁନ୍ତି।



## ସପିଙ୍ଗମଲରେ ଭୟଙ୍କର ଅଗ୍ନିକାଣ୍ଡ

### ସିଙ୍ଗାପୁର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ସାନ ପୁଅ ଆହତ

**ସିଙ୍ଗାପୁର, ୮।୪:** ସିଙ୍ଗାପୁରର ରିଭର ଭ୍ୟାଲି ରୋଡର ୩ମହଲା ସପିଂମଲରେ ଭୟଙ୍କର ଅଗ୍ନିକାଣ୍ଡ। ଏହି ଦୁର୍ଘଟଣାରେ ୧୫ଜଣ ପିଲାଙ୍କ ସମେତ ୧୯ଜଣ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କ ମଧରେ ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ପୁଅ ମଧ ରହିଛନ୍ତି। ମଙ୍ଗଳବାର ସକାଳ ପ୍ରାୟ ୯.୪୫ ମିନିଟରେ ଏଭଳି ଦୁର୍ଘଟଣା ଘଟିଥିବା ଶୁଣିବାକୁ ମିଳିଛି। ଜେଟ୍ ସାହାଯ୍ୟରେ ୩୦ ମିନିଟ୍ ମଧରେ ନିଆଁକୁ ଆୟତ୍ତ କରାଯାଇଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ସିଙ୍ଗାପୁରର ପ୍ରଖ୍ୟାତ ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ସାନ ପୁଅ ଶଙ୍କର ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ପୁଅର ହାତ ଏବଂ ଗୋଡରେ ଶକ୍ତ ଆଘାତ ଲାଗିଥିବା ସୂଚନା ମିଳିଛି। ପିଲାମାନେ ୩ୟମହଲାରେ ବସିଥିବା ବେଳେ ତାଙ୍କ ପଛପଟୁ ଧୂଆଁ ଉଠିଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ଯାହାକୁ ଦେଖି ସ୍ଥାନୀୟ ଅଞ୍ଚଳର କର୍ମୀମାନେ ଭାରା ସହାୟତାରେ ଚଢି ପିଲାଙ୍କୁ ବଞ୍ଚାଇବାକୁ ଚେଷ୍ଟା ଆରମ୍ଭ କରିଛନ୍ତି। ଫଳରେ ପ୍ରାୟତଃ ପାଖାପାଖି ୮୦ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଏହାର ତଦନ୍ତ ପ୍ରକ୍ରିୟା ଜାରି ରହିଛି।

## ଅଳ୍ପକେ ବର୍ତ୍ତିଲା ଫଲକନୁମା ଏକ୍ସପ୍ରେସ୍

### ଚଳନ୍ତା ଟ୍ରେନରୁ ଅଲଗା ହେଲା ୩ଟି ବଗି



**ନୂଆଦିଲ୍ଲୀ, ୮।୪:** ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ହାୱଡା-ସିକନ୍ଦର ଫଲକନୁମା ଏକ୍ସପ୍ରେସ୍। ଶନିବାର ଦିନ ଟ୍ରେନଟି ଚାଲୁଥିବା ସମୟରେ ବଗି ଅଲଗା ହୋଇଯାଇଥିଲା। ୨୫ଟି ବଗି ମଧରୁ ୩ଟି ବଗି ଅଲଗା ହୋଇଯାଇଥିଲା। ଫଳରେ ଦୀର୍ଘ ୪୦ ମିନିଟ୍ ଧରି ମେଦିନପୁର ଷ୍ଟେସନ ପାଖରେ ଟ୍ରେନଟି ଅଟକି ରହିଥିଲା। କିନ୍ତୁ ଦୁର୍ଘଟଣାରେ କାହାରି କ୍ଷୟକ୍ଷତି ଘଟିନଥିବା ଜଣାଯାଇଛି। ଶନିବାର ଦ୍ୱିପହର ପ୍ରାୟ ସାଢେ ତିନିଟା ସମୟରେ ଫଲକନୁମା ଏକ୍ସପ୍ରେସ୍ ବେଲଦା ଷ୍ଟେସନରୁ ଓଡିଶା ଅଭିମୁଖେ ଆସୁଥିଲା। ହଠାତ୍ ସେହି ସମୟରେ ଟ୍ରେନ୍ ଚାଳକଙ୍କୁ ଲୋକଙ୍କ ପାଟି ଶୁଭିବାକୁ ଲାଗିଲା। ଦେଖିବାକୁ ମିଳିଥିଲା ଯେ, ଟ୍ରେନଟି ମଝିରୁ ୩ଟି ବଗି ଅଲଗା ହୋଇଯାଇଥିଲା। ଯାନ୍ତ୍ରିକ ତ୍ରୁଟି ହେତୁ ସିବିସିକୁ ଖୋଲାଯାଇଥିଲା। ତେଣୁ ଟ୍ରେନଟି ବିପଦପୂର୍ଣ୍ଣ ରୂପ ନେଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ପୁଣି ସିବିସିକୁ ଘୋଡାଯାଇ ବଗିକୁ ସଂଯୋଗ କରାଯାଇଥିଲା। ରେଳବାଇ ଅଧିକାରୀଙ୍କ ପକ୍ଷରୁ ଦୁର୍ଘଟଣାର ଅଧିକ କାରଣ ଖୋଜା ଯିବା ସହ ତଦନ୍ତ ଜାରି ହୋଇଛି।

## ସିଡବ୍ଲ୍ୟୁସି ବୈଠକରେ ହଠାତ୍ ଅଚେତ୍ ହୋଇପଡିଲେ ପି.ଚିଦାମ୍ବରମ



**ନୂଆଦିଲ୍ଲୀ,୮।୪:** ସିଡବ୍ଲ୍ୟୁସି ବୈଠକରେ ହଠାତ୍ ଅଚେତ୍ ହୋଇପଡିଲେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ । ଗୁଜରାଟର ଅହମ୍ମଦାବାଦରେ ଚାଲିଥିଲା ସିଡବ୍ଲ୍ୟୁସି ବୈଠକ । ତେବେ ଏଥିରେ ଯୋଗଦେବାକୁ ଆସିଥିବା କଂଗ୍ରେସ ନେତା ପି. ଚିଦାମ୍ବରମ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ସାବରମତୀ ଆଶ୍ରମରେ ଗରମ ଯୋଗୁଁ ସେ ଅଚେତ ହୋଇଗଲେ ଏବଂ ପରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ନ୍ୟୁଜ୍ ଏଜେନ୍ସି ଏଏନଆଇ ମଧ ଏହି ଘଟଣା ସହିତ ଜଡିତ ଏକ ଭିଡିଓ ସେୟାର କରିଛି, ଯେଉଁଥିରେ କଂଗ୍ରେସ କର୍ମୀ ମାନେ ତାଙ୍କୁ କୋଳରେ ବୋହି ନେଉଥିବାର ଦେଖାଯାଉଛି। ପି ଚିଦାମ୍ବରମଙ୍କ ସହ ଥିବା ଅନ୍ୟ କଂଗ୍ରେସ ନେତା ମାନେ ତୁରନ୍ତ ସେମାନଙ୍କ ନେତାଙ୍କୁ ଧରି ପକାଇଥିଲେ ଏବଂ ତାଙ୍କୁ ଏକ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନିଆଯାଇଥିଲା। ତେବେ ୬୪ ବର୍ଷ ପରେ ଭାରତୀୟ ଜାତୀୟ କଂଗ୍ରେସ ଏହି ଅଧିବେଶନ ଆରମ୍ଭ କରୁଛି । ଏହି ବୈଠକରେ ଦଳର ଶୀର୍ଷ ନେତା ମାନେ ଅଂଶଗ୍ରହଣ କରୁଛନ୍ତି। ସୂଚନା ମୁତାବକ ଏହି ଘଟଣା ସେତେବେଳେ ଘଟିଥିଲା, ଯେତେବେଳେ କଂଗ୍ରେସ ନେତା ମାନେ ସେମାନଙ୍କର ଜାତୀୟ ସମ୍ମିଳନୀ ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ସହ ଜଡିତ ସାବରମତୀ ଆଶ୍ରମ ଯାଇଥିଲେ। ଏହି ଦଳରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ୟୁପିଏ ସଭାପତି ସୋନିଆ ଗାନ୍ଧୀ ଏବଂ ବରିଷ୍ଠ ନେତା ରାହୁଲ ଗାନ୍ଧୀ ସାମିଲ ଥିଲେ। ସେମାନେ ଶ୍ରଦ୍ଧାଞ୍ଜଳି ଦେବା ଏବଂ ଭଜନ ଅଧିବେଶନରେ ଅଂଶଗ୍ରହଣ କରିବା ପାଇଁ ଆଶ୍ରମରେ ଏକତ୍ରିତ ହୋଇଥିଲେ। ଏହି ପ୍ରତିନିଧି ମଣ୍ଡଳୀର ଅଂଶ ଥିବା ଚିଦାମ୍ବରମ ପ୍ରବଳ ଗରମ ଯୋଗୁଁ ଅସୁସ୍ଥ ଅନୁଭବ କରିଥିଲେ। ବର୍ତ୍ତମାନ ସମୟରେ ଅହମଦାବାଦରେ ତାପମାତ୍ରା ବୃଦ୍ଧି ପାଇଛି ଏବଂ ଏହା ଦେଖାଯାଉଛି ଯେ ୭୮ ବର୍ଷୀୟ କଂଗ୍ରେସ ନେତା ଗ୍ରୀଷ୍ମ ପ୍ରବାହ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀ ମାନେ କହିଛନ୍ତି ଯେ ଘଟଣାସ୍ଥଳରେ ସେ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

### ସୁପ୍ରିମକୋର୍ଟଙ୍କ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରଦ୍ଦ ରାୟ

## ମମତାଙ୍କୁ ସମର୍ଥନ କଲେ ରାହୁଲ: ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ



**ନୂଆଦିଲ୍ଲୀ, ୮।୪:** କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୁଣି ଥରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମର୍ଥନରେ ବାହାରିଛନ୍ତି। ସୁପ୍ରିମକୋର୍ଟଙ୍କ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରଦ୍ଦ ରାୟ ପରେ ହଜାର ହଜାର ଶିକ୍ଷକଙ୍କ ଚାକିରି ବଞ୍ଚାଇବା ପାଇଁ ସେ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାହୁଲ ଗାନ୍ଧୀ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଚିଠି ଲେଖି ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଚିଠିରେ ସେ ସେହି ଶିକ୍ଷକମାନଙ୍କ ପାଇଁ ନ୍ୟାୟ ଲାଗି ଆବେଦନ କରିଛନ୍ତି। ରାହୁଲ କହିଛନ୍ତି ଯେ, ଏହି ଲୋକମାନେ ଚୟନ ପ୍ରକ୍ରିୟାକୁ ନିରପେକ୍ଷ ଭାବରେ ପାସ୍ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ରାୟ ପରେ ସେମାନେ ଚାକିରି ହରାଇଲେ। ରାହୁଲ ଗାନ୍ଧୀ ତାଙ୍କ ଅଫିସିଆଲ୍ ସୋସିଆଲ ମିଡିଆ ଏକ୍ସ ହ୍ୟାଣ୍ଡେଲରେ ଏହି ସୂଚନା ଦେଇ ଲେଖିଛନ୍ତି, ମୁଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଚିଠି ଲେଖିଛି। ନ୍ୟାୟପାଳିକା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରଦ୍ଦ କରିବା ପରେ ପଶ୍ଚିମବଙ୍ଗର ହଜାର ହଜାର ଯୋଗ୍ୟ ସ୍କୁଲ ଶିକ୍ଷକଙ୍କ ଚାକିରି ହରାଇଥିବା କ୍ଷେତ୍ରରେ ଦ୍ରୌପଦୀ ମୁର୍ମୁ ଜୀଙ୍କଠାରୁ ତାଙ୍କର ଦୟାର ହସ୍ତକ୍ଷେପ ମୁଁ ଲୋଡ଼ିଛି। ନିରପେକ୍ଷ ଭାବରେ ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଚାକିରି ବଜାୟ ରଖିବା ପାଇଁ ଅନୁମତି ଦେବା ପାଇଁ ମୁଁ ଦ୍ରୌପଦୀ ମୁର୍ମୁଙ୍କୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛି।

୨୦୧୬ ମସିହାରେ ପଶ୍ଚିମବଙ୍ଗରେ ସ୍କୁଲ ସେବା ଆୟୋଗ (ଏସଏସସି) ଦ୍ୱାରା ପରିଚାଳିତ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଆସିବା ପରେ କୋଲକାତା ହାଇକୋର୍ଟ ଏହାକୁ ରଦ୍ଦ କରିଦେଇଥିଲେ। ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସମ୍ପ୍ରତି କାଏମ୍ ରଖିଛନ୍ତି। ଯାହା ପରେ ୨୫,୭୫୩ ଜଣ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ରଦ୍ଦ କରାଯାଇଛି। ସୁପ୍ରିମକୋର୍ଟରେ, ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନା ଏବଂ ବିଚାରପତି ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ତୃଣମୂଳ କଂଗ୍ରେସ (ଟିଏମସି) ସରକାରଙ୍କୁ ଏକ ନୂତନ ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଷ୍ପତ୍ତି ପରେ, ପ୍ରଭାବିତ ଶିକ୍ଷକମାନେ 'ଯୋଗ୍ୟ ଶିକ୍ଷକ ଏବଂ ଶିକ୍ଷକ ଅଧିକାର ମଞ୍ଚ' ନାମକ ଏକ ସଂଗଠନ ଗଠନ କରି ସେମାନଙ୍କର ଲଢ଼େଇକୁ ଆଗକୁ ବଢ଼ାଇଛନ୍ତି ଏବଂ ୨୧ ଏପ୍ରିଲରେ ନବନ୍ନା ଅଭିଯାନ ଘୋଷଣା କରିଛନ୍ତି। ତଥାପି, ସେମାନେ କହିଛନ୍ତି ଯେ, ଯଦି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ଏପ୍ରିଲ ୧୫ ସୁଦ୍ଧା ଭେଟିବେ, ତେବେ ସେମାନେ ଏହି ଅଭିଯାନ ପ୍ରତ୍ୟାହାର କରିବେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଥିଲେ, ଯେଉଁମାନେ ଚାକିରି ହରାଇଛନ୍ତି ସେମାନଙ୍କ ସହିତ ଆମେ ଠିଆ ହୋଇଛୁ। ରାହୁଲ ଗାନ୍ଧୀ ଏହି ମାମଲାରେ ମମତା ବାନାର୍ଜୀଙ୍କୁ ସମର୍ଥନ କରିଛନ୍ତି ଏବଂ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

ରାହୁଲ ଗାନ୍ଧୀ ତାଙ୍କ ପତ୍ରରେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି ଯେ, ସେ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ, ଚୟନ ପ୍ରକ୍ରିୟାରେ ନିରପେକ୍ଷ ଭାବରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କ ଚାକିରି ବଜାୟ ରଖାଯିବ। ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି ଦାବି ଏକ ନୂତନ ରାଜନୈତିକ ମୋଡ଼ ଆଣିପାରେ। କାରଣ ଏହି ମାମଲା କେବଳ ଶିକ୍ଷକଙ୍କ ଜୀବିକା ସହିତ ଜଡିତ ନୁହେଁ ବରଂ ପଶ୍ଚିମବଙ୍ଗରେ ଶାସକ ଟିଏମସି ଏବଂ ବିରୋଧୀ ଦଳଗୁଡ଼ିକ ମଧରେ ଉତ୍ତେଜନା ବୃଦ୍ଧି କରିପାରେ ବୋଲି ରାଜନୈତିକ ସମୀକ୍ଷକ ମତପୋଷଣ କରିଛନ୍ତି।

## ପୁଟିନଙ୍କ ବିରୋଧରେ ଲଢ଼ିବା ପାଇଁ ୧୦ ବର୍ଷର ପିଲାଙ୍କୁ ପ୍ରସ୍ତୁତ କରୁଛି ଜର୍ମାନୀ!



**ବର୍ଲିନ୍, ୮।୪:** ୟୁରୋପରେ ଯୁଦ୍ଧର ପଦଧ୍ୱନୀ ପୁଣି ଥରେ ଜୋରଦାର୍ ହେବାରେ ଲାଗିଛି। ଭ୍ଲାଦିମିର ପୁଟିନଙ୍କ ଆକ୍ରମଣାତ୍ମକ ନୀତିର ଜବାବରେ, ଜର୍ମାନୀ ଭଳି ବିକଶିତ ଦେଶ ମଧ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରୁଷିଆ-ୟୁକ୍ରେନ ଯୁଦ୍ଧକୁ ନେଇ ବଢୁଥିବା ସୁରକ୍ଷା ଚିନ୍ତା ମଧରେ, ସ୍କୁଲରୁ ଘର ପର୍ଯ୍ୟନ୍ତ ସାଧାରଣ ନାଗରିକଙ୍କୁ ସମ୍ଭାବ୍ୟ ଯୁଦ୍ଧର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଉଛି। ୧୦ ବର୍ଷ ବୟସର ପିଲାମାନଙ୍କୁ ମଧ ପୁଟିନଙ୍କ ସହ ଲଢ଼ିବା ପାଇଁ ପ୍ରସ୍ତୁତ କରାଯାଉଛି। ସ୍କୁଲରେ ପିଲାମାନଙ୍କୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ତାଲିମ ଦେବା ଲାଗି ଯୋଜନା କରାଯାଉଛି। ସେହିପରି ସାଧାରଣ ଲୋକଙ୍କୁ ରାସନ ଏବଂ ଅତ୍ୟାବଶ୍ୟକୀୟ ଜିନିଷପତ୍ର ମହଜୁଦ ରଖିବାକୁ ପରାମର୍ଶ ଦିଆଯାଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଏସବୁ କେବଳ ଆଶଙ୍କା ଉପରେ ଆଧାରିତ ନୁହେଁ, ବରଂ ଏକ ବାସ୍ତବ ପରିସ୍ଥିତିର ମୂଲ୍ୟାଙ୍କନ ଉପରେ ଆଧାରିତ। ଜର୍ମାନ ଖବରକାଗଜ ହ୍ୟାଣ୍ଡେଲସ୍ବ୍ଲାଟର ରିପୋର୍ଟ ଅନୁଯାୟୀ, ଦେଶର ଗୃହ ମନ୍ତ୍ରଣାଳୟ ନାଗରିକ ସୁରକ୍ଷା ପାଇଁ ଏକ ନୂତନ ରଣନୀତି ଉପରେ କାମ କରିବା ଆରମ୍ଭ କରିଛି। ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ, ସାମ୍ପ୍ରତିକ ବିଶ୍ୱ ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି, ନାଗରିକ ପ୍ରସ୍ତୁତିରେ ସ୍କୁଲ ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବା ଗୁରୁତ୍ୱପୂର୍ଣ୍ଣ। ଏହା ଅନ୍ତର୍ଗତ ପିଲାମାନଙ୍କୁ ସଙ୍କଟ ପରିଚାଳନା, ବିପର୍ଯ୍ୟୟ ସମୟରେ ସୁରକ୍ଷିତ ରହିବାର ଉପାୟ ଏବଂ ମୌଳିକ ଜୀବନ ରକ୍ଷାକାରୀ କୌଶଳ ଶିଖାଇବା ପାଇଁ ଏକ ଯୋଜନା ରହିଛି।

ରିପୋର୍ଟରେ ଏହା ମଧ ଦାବି କରାଯାଇଛି ଯେ, ଜର୍ମାନ ସେନା 'ବୁଣ୍ଡେସୱେର୍' ଆଗାମୀ ଚାରିରୁ ସାତ ବର୍ଷ ମଧରେ ନାଟୋ ଦେଶଗୁଡ଼ିକ ଉପରେ ରୁଷିଆର ଆକ୍ରମଣକୁ ଏକ ଗମ୍ଭୀର ସମ୍ଭାବନା ଭାବରେ ବିଚାର କରି ନିଜର ଯୋଜନା ପ୍ରସ୍ତୁତ କରିଛି। ତଥାପି, ରୁଷିଆ ଏହି ଭୟକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରିଛି। କେବଳ ଜର୍ମାନୀ ନୁହେଁ, ପୋଲାଣ୍ଡ, ନରୱେ, ସ୍ୱିଡେନ ଏବଂ ଫିନଲ୍ୟାଣ୍ଡ ଭଳି ୟୁରୋପୀୟ ଦେଶଗୁଡ଼ିକ ମଧ ପୁରୁଣା ଶୀତଳ ଯୁଦ୍ଧ ସମୟର ପଦକ୍ଷେପ ଅନୁଯାୟୀ ଯୁଦ୍ଧ ପରି ପରିସ୍ଥିତି ପାଇଁ ସେମାନଙ୍କର ନାଗରିକମାନଙ୍କୁ ପ୍ରସ୍ତୁତ କରୁଛନ୍ତି। ୟୁରୋପୀୟ କମିସନ୍ ସମ୍ପ୍ରତି ନାଗରିକମାନଙ୍କୁ ଅତି କମରେ ତିନି ଦିନ ପାଇଁ ନିଜ ଘରେ ଶୁଖିଲା ଖାଦ୍ୟ, ପାଣି, ବ୍ୟାଟେରୀ ଇତ୍ୟାଦି ଅତ୍ୟାବଶ୍ୟକୀୟ ଜିନିଷ ସଂରକ୍ଷଣ କରିବାକୁ ଅପିଲ୍ କରିଛି। ସୋମବାର ଦିନ ରୁଷିଆ କହିଥିଲା ଯେ, ଆମେ ୟୁକ୍ରେନ ଯୁଦ୍ଧରେ ସମ୍ପୂର୍ଣ୍ଣ ଅସ୍ତ୍ରବିରତି ପାଇଁ ଆଲୋଚନା କରିବାକୁ ପ୍ରସ୍ତୁତ, କିନ୍ତୁ ଏଥିପାଇଁ କିଭ୍‌କୁ ଆମର ସର୍ତ୍ତାବଳୀରେ ରାଜି ହେବାକୁ ପଡିବ। କିଛି ଦିନ ପୂର୍ବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପୁଟିନଙ୍କ ମଧରେ ଫୋନ୍ ମାଧମରେ ଆଲୋଚନା ପରେ, ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ସମ୍ପର୍କରେ ରୁଷିଆ ଏବଂ ୟୁକ୍ରେନ ମଧରେ ୩୦ ଦିନର ବିରତି ପାଇଁ ରାଜି ହୋଇଥିଲା। ଏବେ ରୁଷିଆ ୟୁକ୍ରେନ ବିରୋଧରେ ଏହି ଚୁକ୍ତିନାମା ଉଲ୍ଲଂଘନ କରୁଥିବା ଅଭିଯୋଗ କରୁଛି।

## ଆମେ ଅସଲି ଶିବସେନା: ଉଦ୍ଧବ ଠାକରେ



**ମୁମ୍ବାଇ, ୮।୪:** ଶିବସେନା ୟୁବିଟି ମୁଖ୍ୟ ଏବଂ ପୂର୍ବତନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ କହିଛନ୍ତି ଯେ ଅସଲି ଶିବସେନା ତାଙ୍କ ପାଖରେ ଅଛି । ଅନ୍ୟ ସବୁ ନକଲି । ସେ ସ୍ପଷ୍ଟ କରିଛନ୍ତି ଯେ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଉଦ୍ଧବ ଠାକରେଙ୍କ ଏହି ବକ୍ତବ୍ୟ କେବଳ ତାଙ୍କର ରାଜନୈତିକ ପୁନରାଗମନର ଘୋଷଣା ନୁହେଁ ବରଂ ଏହା ବିଦ୍ରୋହୀ ଗୋଷ୍ଠୀ, ବିଶେଷକରି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନା ଉପରେ ଏକ ସିଧାସଳଖ ଆକ୍ରମଣ ଭାବେ ଦେଖାଯାଉଛି।

୨୦୨୨ ମସିହାରେ, ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନା ଭିତରେ ଏକ ବଡ଼ ବିଦ୍ରୋହ ହୋଇଥିଲା। ଅନେକ ବିଧାୟକ ଉଦ୍ଧବ ଠାକରେ ଛାଡିଥିଲେ। ଏହି ଘଟଣା ପରେ ଶିବସେନା ଦୁଇ ଭାଗରେ ବିଭକ୍ତ ହୋଇଗଲା। ଏହା ସତ୍ତ୍ୱେ, ଉଦ୍ଧବ ଠାକରେ ଦାବି କରିଛନ୍ତି ଯେ ଶିବସେନାର ପ୍ରକୃତ ଆତ୍ମା, ଏହାର ଆଦର୍ଶଗତ ଭିତ୍ତିଭୂମି ଏବଂ ଏହାର କର୍ମୀମାନେ ଏବେ ବି ତାଙ୍କ ସହିତ ଅଛନ୍ତି। ମଙ୍ଗଳବାର ମାତୋଶ୍ରୀରେ କୋଙ୍କଣ ଶ୍ରମିକଙ୍କ ସହିତ ଏକ ବୈଠକ କରିଥିଲେ। ଏହି ସମୟରେ ସେ କହିଥିଲେ, "ମୁଁ ପୁଣି କୋଙ୍କଣ ଯିବି। ବିଜୟର ମନଗଢ଼ା କାହାଣୀ କୁହାଯାଉଛି। ଯେଉଁମାନେ ମିଛ କହିଥିଲେ, ସେମାନେ ଏବେ ପର୍ଦ୍ଦାଫାସ ହୋଇଗଲେଣି।" ବିଜେପି ନେତା ନାରାୟଣ ରାଣେଙ୍କ ଆଡ଼କୁ ଇଙ୍ଗିତ କରି ସେ କହିଥିଲେ, ଯଦି ପାରୁଛ ତେବେ ଏହାକୁ ବନ୍ଦ କର।

## ମହାରାଷ୍ଟ୍ର ୱାର୍ଦ୍ଧାରେ ଟ୍ୟାଙ୍କର ସହିତ କାର ଧକ୍କା




### ଘଟଣାସ୍ଥଳରେ ହିଁ ସ୍ୱାମୀ ସ୍ତ୍ରୀ ଏବଂ ଦୁଇ ପିଲାଙ୍କର ମୃତ୍ୟୁ

**ଭୋପାଳ, ୮।୪:** ମହାରାଷ୍ଟ୍ରର ୱାର୍ଦ୍ଧାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁର୍ଘଟଣାରେ ଟ୍ୟାଙ୍କର ସହିତ ଏକ କାର ଧକ୍କା ହେବାର ଏକ ମାମଲା ସାମ୍ନାକୁ ଆସିଛି। ଏହି ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ଚାରି ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ ପରିବାର ସଦସ୍ୟଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଛି। ୱାର୍ଦ୍ଧାର ତାରୋଦା ନିକଟରେ ଏହି ଦୁର୍ଘଟଣା ଘଟିଛି। ପରିବାରଟି ମଣ୍ଡଗାଓଁରୁ ୱାର୍ଦ୍ଧା ଆସୁଥିଲା, ଯେତେବେଳେ ମୃତ ପରିବାରର କାରଟି ଏକ ଟ୍ୟାଙ୍କର ସହିତ ଧକ୍କା ହୋଇଥିଲା। ସେହି ସମୟରେ, ଦୁର୍ଘଟଣା ବିଷୟରେ ସୂଚନା ମିଳିବା ମାତ୍ରେ ସ୍ଥାନୀୟ ନାଗରିକମାନେ ସାହାଯ୍ୟ ପାଇଁ ଆଗକୁ ଆସିଥିଲେ। ସୂଚନା ଅନୁସାରେ, ମୃତ ପ୍ରଶାନ୍ତ ବୈଦ୍ୟ ପୋଲିସ ବିଭାଗରେ କାର୍ଯ୍ୟରତ ଥିଲେ। ମୃତ ପ୍ରଶାନ୍ତ ବୈଦ୍ୟ ତାଙ୍କ ସ୍ତ୍ରୀ ପ୍ରିୟଙ୍କା ଏବଂ ଦୁଇ ପିଲାଙ୍କ ସହିତ ରାତ୍ରୀଭୋଜନ କରିବାକୁ ଯାଇଥିଲେ। ଫେରିବା ସମୟରେ, ଏକ ଜଙ୍ଗଲୀ ଘୁଷୁରୀ ଗାଡ଼ି ସାମ୍ନାକୁ ଆସିଗଲା। ରାତି ଥିଲା ଏବଂ ରାସ୍ତାରେ ଅନ୍ଧାର ଥିଲା। ସବୁକିଛି ସ୍ୱାଭାବିକ ମନେ ହେଉଥିଲା, କିନ୍ତୁ ହଠାତ୍ ରାସ୍ତାରେ ଗୋଟିଏ ଜଙ୍ଗଲୀ ଘୁଷୁରି ଆସିଯାଇଥିଲା। ଯେଉଁଥିପାଇଁ ପ୍ରଶାନ୍ତ କାର ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ ଏବଂ ତାଙ୍କ କାର ଟ୍ୟାଙ୍କର ସହିତ ଧକ୍କା ହେଲା। ଦୁର୍ଘଟଣାରେ ପ୍ରଶାନ୍ତ ବୈଦ୍ୟଙ୍କ ପତ୍ନୀ ପ୍ରିୟଙ୍କା ଏବଂ ପୁଅର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଯେତେବେଳେ କି ପ୍ରଶାନ୍ତ ବୈଦ୍ୟ ଏବଂ ତାଙ୍କ ଝିଅର ଚିକିତ୍ସା ସମୟରେ ମୃତ୍ୟୁ ହୋଇଥିଲା। ଗୋଟିଏ ପରିବାରର ଚାରି ଜଣଙ୍କ ମୃତଦେହ ଦେଖି ଗାଁର ପୁରା ଶୋକାକୁଳ ପରିବେଶ ହୋଇଯାଇଥିଲା। ଲୋକମାନେ ବିଶ୍ୱାସ ବି କରିପାରୁନାହାନ୍ତି ଯେ ମାତ୍ର କିଛି ମୁହୂର୍ତ୍ତ ମଧରେ ସବୁକିଛି ଶେଷ ହୋଇଯାଉଛି। ଅନ୍ୟପଟେ ବୈଦ୍ୟ ପରିବାରକୁ ଜାଣିଥିବା ଲୋକମାନେ ଖୁବ ଦୁଃଖିତ।

## କଳିଙ୍ଗ ସୁପର କପ୍

# ଏପ୍ରିଲ ୨୦ରେ କେରଳ-ଇଷ୍ଟବେଙ୍ଗଲ ଉଦ୍‌ଘାଟନୀ ମ୍ୟାଚ୍



**ଭୁବନେଶ୍ୱର, ୮।୪:** ସର୍ବଭାରତୀୟ ଫୁଟବଲ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି କଳିଙ୍ଗ ସୁପର କପ୍। ଟୁର୍ଣ୍ଣାମେଣ୍ଟର କ୍ରୀଡ଼ାସୂଚୀ ଘୋଷଣା ହୋଇଛି। ସମସ୍ତ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ମୋଟ୍ ୧୬ ଦଳ ସୁପର କପ୍‌ରେ ଭାଗ ନେଉଛନ୍ତି। ୧୩ଟି ଦଳ ଆଇଏସ୍‌ଏଲ ଏବଂ ୩ଟି ଦଳ ଆଇଲିଗରୁ ରହିଛନ୍ତି। ପ୍ରତିଯୋଗିତା ଆସନ୍ତା ୨୦ରୁ ଆରମ୍ଭ ହେବ ଏବଂ ମେ’ ୩ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ୍ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଏବଂ ଇଷ୍ଟବେଙ୍ଗଲ ଏଫ୍‌ସି ମଧ୍ୟରେ ଖେଳାଯିବାର ସୂଚୀ ରହିଛି।

### ମେ’ ୩ରେ ଫାଇନାଲ

ଆସନ୍ତା ୨୦ରୁ ୨୪ ତାରିଖ ମଧ୍ୟରେ ରାଉଣ୍ଡ ୧୬ ଏବଂ ୨୬ ଓ ୨୭ରେ କ୍ୱାର୍ଟର ଫାଇନାଲ ରହିଛି। ସେହିପରି ୩୦ ତାରିଖରେ ସେମି ଫାଇନାଲ ଏବଂ ମେ’ ୩ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ପୂର୍ବ ସଂସ୍କରଣ ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିଲା। ଘରୋଇ ଓଡ଼ିଶା ଏଫ୍‌ସିକୁ ପରାଜିତ କରି ଇଷ୍ଟବେଙ୍ଗଲ ଚାମ୍ପିଅନ ହୋଇଥିଲା। ଚଳିତ ବର୍ଷ କଳିଙ୍ଗ ସୁପର କପ୍‌ର ଚାମ୍ପିଅନ ୨୦୨୫-୨୬ ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍-୨ ପ୍ରିଲିମିନାରୀ ରାଉଣ୍ଡକୁ ଯୋଗ୍ୟତା ହାସଲ କରିବ।

# ଆରସିବି କ୍ୟାପଟେନଙ୍କ ଉପରେ ଜରିମାନା ଲଗାଇଲା ବିସିସିଆଇ



**ନୂଆଦିଲ୍ଲୀ ୮।୪:** ସୋମବାର ମୁହାଁମୁହିଁ ହୋଇଥିଲେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର -ମୁମ୍ବାଇ ଇଣ୍ଡିଆନ୍ସ। ମ୍ୟାଚ୍‌କୁ ୧୨ ରନ୍‌ରେ ହାରିଛି ମୁମ୍ବାଇ ଇଣ୍ଡିଆନ୍ସ। ୬୪ ରନର ବିସ୍ଫୋରକ ଇନିଂସ ଖେଳିଥିଲେ ଆରସିବି ଅଧିନାୟକ ରଜତ ପତିଦାର। ଶେଷରେ ହୋଇଥିଲେ ମ୍ୟାନ ଅଫ୍ ଦି ମ୍ୟାଚ୍। ତାଙ୍କ ସହିତ ବିରାଟ କୋହଲି ମଧ ୬୭ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହି ଦମ୍‌ଦାର୍ ବିଜୟ ପରେ ମଧ ଅଧିନାୟକ ପାଟିଦାର ଏକ ବଡ଼ କ୍ଷତି ସହିଛନ୍ତି। ବିସିସିଆଇ ତାଙ୍କ ଉପରେ ଲଗାଇଛି ୧୨ ଲକ୍ଷ ଟଙ୍କା ଜରିମାନା। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସ୍ଲୋ ଓଭର-ରେଟ୍ ବଜାୟ ରଖିବାରୁ ଆରସିବି ଅଧିନାୟକ ରଜତ ପତିଦାରଙ୍କ ଉପରେ ଲାଗିଛି ଜରିମାନା। ଆଇପିଏଲ ଆଚରଣ ସଂହିତାର ଧାରା ୨.୨ ଅନୁଯାୟୀ, ଚଳିତ ସିଜିନରେ ଏହା ତାଙ୍କ ଦଳର ପ୍ରଥମ ଅପରାଧ ଥିଲା। ଏଥିପାଇଁ ପାଟିଦାରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଫିଲ୍ ସଲ୍ଟଙ୍କ ରୂପରେ ପ୍ରଥମ ୱିକେଟ୍ ପତନ ପରେ ବିରାଟ କୋହଲି ଦେବଦତ୍ତ ପାଡିକ୍କଲଙ୍କ ସହିତ ୯୧ ରନର ଭାଗୀଦାରି କରିଥିଲେ। ତା’ପରେ ରଜତ ପତିଦାରଙ୍କ ସହିତ ୪୮ ରନ ଯୋଡିଥିଲେ। କୋହଲି ୪୨ ବଲ୍‌ରେ ୬୭ ରନ୍ କରିବା ପରେ ହୋଇଥିଲେ ଆଉଟ୍। ଅଧିନାୟକ ପାଟିଦାର କରିଥିଲେ ବିସ୍ଫୋରକ ବ୍ୟାଟିଂ। ସେ ୩୨ ବଲ୍‌ରେ ୪ଟି ଛକା ଏବଂ ୫ଟି ଚୌକା ସହାୟତାରେ କରିଥିଲେ ୬୪ ରନ୍। ଏହି ଇନିଂସ ପାଇଁ ସେ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଥିଲେ। ଆରସିବି ମୁମ୍ବାଇ ଇଣ୍ଡିଆନ୍ସକୁ ଜିତିବା ପାଇଁ ୨୨୨ ରନର ଟାର୍ଗେଟ ଦେଇଥିଲା। ଟାର୍ଗେଟର ପିଛା କରିବା ସମୟରେ ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ଭଲ ନଥିଲା। କିନ୍ତୁ ତିଲକ ବର୍ମା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଇନିଂସ ଦଳକୁ ବିଜୟର ନିକଟତର କରିଥିଲା। ମୁମ୍ବାଇକୁ ୧୨ ବଲ୍‌ରେ ଜିତିବା ପାଇଁ ୨୮ ରନ୍ ଆବଶ୍ୟକ ଥିଲା। ଜୋଶ୍ ହାଜେଲଉଡ୍ ୧୯ତମ ଓଭରର ପ୍ରଥମ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୱିକେଟ୍ ନେଇ ମ୍ୟାଚ୍ ନିଜ ଟିମ୍‌କୁ କରିଥିଲେ ମଜବୁତ। ଏହାପରେ ଶେଷ ଓଭରରେ କ୍ରୁଣାଲ ପାଣ୍ଡ୍ୟା ୧୯ ରନ ଡିଫେଣ୍ଡ କରିଥିଲେ ଏବଂ ୩ ୱିକେଟ୍ ନେଇଥିଲେ।

## ମୁଣ୍ଡରେ ଆଘାତ ଲାଗିବା ପରେ

# ଅବସର ନେଲେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍ ୱିଲ୍ ପୁକୋଭସ୍କି

ନୂଆଦିଲ୍ଲୀ, ୮।୪: ଆଘାତଜନିତ ସଂଘର୍ଷ ଦ୍ୱାରା ଭାଙ୍ଗିଯାଇଥିବା କ୍ୟାରିଅର ପରେ ଅଷ୍ଟ୍ରେଲିୟ ବ୍ୟାଟ୍ସମ୍ୟାନ୍ ୱିଲ୍ ପୁକୋଭସ୍କି ମଙ୍ଗଳବାର କ୍ରିକେଟରୁ ତାଙ୍କର ଅବସର ନିଶ୍ଚିତ କରିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ ସେ ଏପର୍ଯ୍ୟନ୍ତ “ଭୟଙ୍କର” ଲକ୍ଷଣ ଭୋଗୁଛନ୍ତି। ଭିକ୍ଟୋରିଆନ୍ ଓପନର ଶେଷ ଥର ପାଇଁ ମାର୍ଚ୍ଚ ୨୦୨୪ରେ ସେଫିଲ୍ଡ ସିଲ୍ଡରେ ଖେଳିଥିଲେ ଏବଂ ବୋଲର ରିଲେ ମେରେଡିଥ୍‌ଙ୍କ ବଲ ହେଲମେଟରେ ଆଘାତ ଲାଗିବାରୁ ତାଙ୍କୁ ଆଘାତପ୍ରାପ୍ତ ହୋଇ ଅବସର ନେବାକୁ ବାଧ ହୋଇଛନ୍ତି।



ପୁକୋଭସ୍କି କହିଛନ୍ତି ଯେ ତାଙ୍କର ଆନୁଷ୍ଠାନିକ ଘୋଷଣା ତାଙ୍କୁ ଅବସର ନେବା ପାଇଁ ଏକ ମେଡିକାଲ୍ ପ୍ୟାନେଲ୍ ସୁପାରିଶ ପରେ ହୋଇଛି। ୨୭ ବର୍ଷୀୟ ଖେଳାଳି ସିଧାସଳଖ ପ୍ରଶିକ୍ଷକ ପଦରେ ଯୋଗ ଦେଇଛନ୍ତି, ଭିକ୍ଟୋରିଆନ୍ ପ୍ରିମିୟର ସାଇଡ୍ ମେଲବୋର୍ଣ୍ଣ ତାଙ୍କୁ ସେମାନଙ୍କର ପୁରୁଷ ମୁଖ୍ୟ ପ୍ରଶିକ୍ଷକ ଭାବରେ ଘୋଷଣା କରିଛନ୍ତି। ପୁକୋଭସ୍କି ଚ୍ୟାନେଲ୍ ସେଭେନ୍ ସହିତ ଏକ ଭାଷ୍ୟକାର ଭୂମିକା ମଧ ଗ୍ରହଣ କରିଛନ୍ତି। “ମୁଁ ଆଉ କ୍ରିକେଟ୍ ଖେଳିବି ନାହିଁ,” ପୁକୋଭସ୍କି ମଙ୍ଗଳବାର କହିଥିଲେ। କହିବାକୁ ଗଲେ ଏହା ଏକ ପ୍ରକୃତ କଷ୍ଟକର ବର୍ଷ ଥିଲା। ସରଳ କଥା ହେଉଛି, ମୁଁ ଆଉ କୌଣସି ସ୍ତରରେ ଖେଳିବି ନାହିଁ। “ସେହି (ଶେଷ ଆଘାତ) ପରେ କିଛି ମାସ ମଧରେ ମୁଁ କିଛି କରିବା ପାଇଁ ସଂଘର୍ଷ କରିଥିଲି, ଘର ଚାରିପାଖରେ ବୁଲିବା

### ୨୭ ବର୍ଷ ବୟସରେ ଭାବେ ନିଯୁକ୍ତ ମୁଖ୍ୟ ପ୍ରଶିକ୍ଷକ

ଏକ ସଂଘର୍ଷ ଥିଲା। ମୋର ଭାବି ସ୍ତ୍ରୀ’ ବିରକ୍ତ ହୋଇଯାଇଥିଲା କାରଣ ମୁଁ କାମରେ ଯୋଗଦାନ ଦେଉ ନଥିଲି। ମୁଁ ବହୁତ ଶୋଇଥିଲି। “ସେଠାରୁ ଏହା ଏକ କଷ୍ଟକର ବର୍ଷ ଥିଲା, ଅନେକ ଲକ୍ଷଣ ଦୂର ହୋଇନଥିଲା, ଯାହା ମୋତେ ଏହି ନିଷ୍ପତ୍ତି ନେବାକୁ ନେଇଛି। ପ୍ରଥମ କିଛି ମାସ ଭୟଙ୍କର ଥିଲା, କିନ୍ତୁ ଏହି ଲକ୍ଷଣ ମୋତେ ଛାଡି ନଥିଲା।” ଚଳିତ ଦଶନ୍ଧିରେ ଅଷ୍ଟ୍ରେଲିଆ ପାଇଁ ଏକ ବଡ଼ ସମ୍ଭାବନା ଭାବରେ ବିବେଚିତ ପୁକୋଭସ୍କି ୨୦୨୧ ରେ SCG ରେ ଭାରତ ବିପକ୍ଷରେ ତାଙ୍କର ଟେଷ୍ଟ ଡେବ୍ୟୁରେ ୬୨ ରନ କରିଥିଲେ ଏବଂ କାନ୍ଧରେ ଆଘାତ ଯୋଗୁଁ ସେହି ମ୍ୟାଚ୍ ରୁ ବାଦ ପଡ଼ିଥିଲେ। ତାଙ୍କର ଶେଷ ଖେଳରେ, ପୁକୋଭସ୍କି ଫେବୃଆରୀ ୨୦୨୪ ରେ ନାଥନ୍ ଲିଅନ୍ ଏବଂ ଅନ୍ତର୍ଜାତୀୟ ସ୍ତରରେ ଖେଳିଥିବା ବୋଲର ଜ୍ୟାକସନ ବାର୍ଡ ଏବଂ କ୍ରିସ୍ ଟ୍ରେମେନ୍ ଙ୍କ ସହିତ ଏକ ଶକ୍ତିଶାଳୀ ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ୧୩୧ ରନ୍ କରିଥିଲେ।

“ସିଡନୀରେ ସେହି ଶତକ ପରେ, ମୁଁ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଭାବିଥିଲି ଯେ ସବୁକିଛି ମୋ ପାଇଁ କ୍ଲିକ୍ ହେବା ଆରମ୍ଭ କରୁଛି,” ପୁକୋଭସ୍କି କହିଛନ୍ତି। “ଅଷ୍ଟ୍ରେଲିଆ ପାଇଁ ଖେଳିବା ସର୍ବଦା ମୋର ସ୍ୱପ୍ନ ଥିଲା, ମୁଁ ୨୦୨୧ ରେ ନିଜକୁ ସେହି ସ୍ଥାନରେ ପାଇଲି। ମୋର ମହତ୍ତ୍ୱାକାଂକ୍ଷା ସେଠାରେ ଥମି ନଥିଲା।” ମୁଁ ସେହି ବ୍ୟକ୍ତି ହେବାକୁ ଚାହୁଁଥିଲି ଯିଏ ବ୍ୟାଟିଂ ୟୁନିଟର ନେତୃତ୍ୱ ନେଉଥିବେ। ମୁଁ ୧୦୦ ଟେଷ୍ଟ ଖେଳିବାକୁ ଚାହୁଁଥିଲି। “ଦୁର୍ଭାଗ୍ୟବଶତଃ, ଏହା ଗୋଟିଏ ଟେଷ୍ଟରେ ଶେଷ ହୋଇଯାଇଥିଲା।”



# ସ୍ୱାମୀଙ୍କଠାରୁ ଅଲଗା ହେଲେ ବକ୍ସିଂ ଆଇକନ ମେରୀ କମ୍

ନୂଆଦିଲ୍ଲୀ,୮।୪: ଅଲିମ୍ପିକ୍ ବ୍ରୋଞ୍ଜ ମେଡାଲିଷ୍ଟ ତଥା ବକ୍ସିଂ ଆଇକନ ମେରୀ କମ ତାଙ୍କ ସ୍ୱାମୀ କେ ଅନଲରଙ୍କଠାରୁ ଅଲଗା ହୋଇଯାଇଛନ୍ତି। ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁସାରେ, ୨୦୨୨ ମଣିପୁର ବିଧାନସଭା ନିର୍ବାଚନରେ ଅନଲରଙ୍କ ପାର୍ଥତ୍ୱ ଦାଖଲ ପରଠାରୁ ଦୁହିଁଙ୍କ ମଧ୍ୟରେ ମନାନ୍ତର ଆରମ୍ଭ ହୋଇଥିଲା। ନିର୍ବାଚନରେ ବିଫଳତା ସତ୍ତ୍ୱେ ସେମାନଙ୍କ ସମ୍ପର୍କରେ ସୁଧାର ଅସି ନ ଥିଲା। ପରିବାର ନିକଟସ୍ଥ ସୂତ୍ରରୁ ଜଣାପଡ଼ିଛି ଯେ, ମେରୀ ୪ ଛୁଆଙ୍କ ସହ ଫରିଦାବାଦ ଶିପ୍ଟ ହୋଇଯାଇଥିବା ବେଳେ ଅନଲର ତାଙ୍କ ପରିବାର ସଦସ୍ୟଙ୍କ ସହ ଦିଲ୍ଲୀରେ ରହୁଛନ୍ତି। ନିର୍ବାଚନରେ ହୋଇଥିବା ଆର୍ଥିକ କ୍ଷତି ଯୋଗୁ ମେରୀ ଅସନ୍ତୁଷ୍ଟ ଥିଲେ। ଏହି ରିପୋର୍ଟ ମୁତାବକ, ଅନଲର ପ୍ରାରମ୍ଭିକ ଭାବେ ରାଜନୀତିରେ ପ୍ରବେଶ କରିବା ଲାଗି ଇଚ୍ଛୁକ ନ ଥିଲେ। ତାଙ୍କୁ ମେରୀ ବୁଝାଇବା ପରେ ସେ ରାଜି ହୋଇଥିଲେ। କିନ୍ତୁ ନିର୍ବାଚନରେ ପରାଜୟ ଓ ଆର୍ଥିକ କ୍ଷତି ସେମାନଙ୍କ ବିଚ୍ଛେଦ ହେବାର କାରଣ ପାଲଟିଥିଲା।

# ବିଜେପିରେ ସାମିଲ ହେଲେ ପୂର୍ବ ଭାରତୀୟ କ୍ରିକେଟର କେଦାର ଯାଦବ



**ମୁମ୍ବାଇ, ୮।୪:** ପୂର୍ବତନ ଭାରତୀୟ କ୍ରିକେଟର କେଦାର ଯାଦବ ମଙ୍ଗଳବାର ବିଜେପିରେ ଯୋଗ ଦେଇଛନ୍ତି। ମହାରାଷ୍ଟ୍ର ବିଜେପି ସଭାପତି ଚନ୍ଦ୍ରଶେଖର ବାୱନକୁଲେ ଏବଂ ଅଶୋକ ଚୌହାନଙ୍କ ସମେତ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଛନ୍ତି କେଦାର ଯାଦବ। ପୁଣେରେ ଜନ୍ମଗ୍ରହଣ କରିବା କେଦାର ଯାଦବ ରାଜନୀତି ମୈଦାନକୁ ଓହ୍ଲାଇବା ପୂର୍ବରୁ କ୍ରିକେଟ ପଡ଼ିଆରେ ନିଜ ଦମ ଦେଖାଇଥିଲେ।

ସେ ଭାରତ ୭୩ଟି ଦିନିକିଆ ଖେଳିଥିଲେ। ଏହି ସମୟ ମଧରେ ସେ ୪୨.୦୯ ହାରରେ ୧୩୮୯ ରନ କରିଥିଲେ। ଟି-୨୦ରେ ସେ ୯ଟି ମ୍ୟାଚ୍ ଖେଳି ୧୨୨ ରନ୍ କରିଥିଲେ। ତାଙ୍କୁ ଗୋଟିଏ ବି ଟେଷ୍ଟ ମ୍ୟାଚ୍ ଖେଳିବାର ସୁଯୋଗ ମିଳିନଥିଲା। ସେ ଦିନିକିଆରେ ୨୭ ୱିକେଟ୍ ନେଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ ବା ଆଇପିଏଲ୍‌ରେ ମଧ ସେ ଖେଳିଛନ୍ତି। କିନ୍ତୁ ଆଇପିଏଲ୍‌ରେ ସେ ଭଲ ପ୍ରଦର୍ଶନ କରିପାରି ନଥିଲେ । ସେ ଆଇପିଏଲରେ ପାଞ୍ଚଟି ଦଳ ପାଇଁ ଖେଳିଥିଲେ। ସେ ୯୫ଟି ମ୍ୟାଚ୍ ଖେଳି ୧୨୦୮ ରନ୍ କରିଥିଲେ। ୨୦୧୬ରୁ ୧୭ ଆରସିବି ଦଳରେ ସାମିଲ ଥିଲେ। ୨୦୧୮ରୁ ୨୦୨୦ ଚେନ୍ନାଇ ପାଇଁ ଖେଳିଥିଲେ। ଏହାପରେ ୨୦୨୧ରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିବାର ସୁଯୋଗ ପାଇଥିଲେ କେଦାର ଯାଦବ ୧୬ ନଭେମ୍ବର ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ଡେବ୍ୟୁ କରିଥିଲେ। ସେ ୮ ଫେବୃଆରୀ ୨୦୨୦ରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ। ପ୍ରଥମ ଟି-୨୦ ମ୍ୟାଚ୍ ଜୁଲାଇ ୨୦୧୫ରେ ଖେଳିଥିଲେ ଏବଂ ଶେଷ ମ୍ୟାଚ୍ ଅକ୍ଟୋବର ୨୦୧୭ରେ ଖେଳିଥିଲେ କେଦାର ଯାଦବ। କ୍ରିକେଟ ଗ୍ରାଉଣ୍ଡରେ ଭଲ ପ୍ରଦର୍ଶନ କରିଥିବା କେଦାର ଯାଦବ ରାଜନୀତି ମୈଦାନରେ କଣ କରିବେ ତା ଉପରେ ଏବେ ସମସ୍ତଙ୍କ ନଜର ରହିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ଆସିବ...

ଏହାଛଡ଼ା ପେଟ୍ରୋକେମିକାଲ ଓ କେମିକାଲ କ୍ଷେତ୍ରରେ ଆଉ ୨ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ଗୋଟିଏ ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିଅମ୍ ରିଜର୍ଭସ ଲିମିଟେଡ୍ ସହ ଓ ଅନ୍ୟଟି ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ସହ। ପେଟ୍ରୋକେମିକାଲ କ୍ଷେତ୍ରରେ ହୋଇଥିବା ଚୁକ୍ତିନାମାଗୁଡ଼ିକ ରାଜ୍ୟର ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ସହ ଏ କ୍ଷେତ୍ରରେ ଦେଶର ଆମଦାନୀକୁ ହ୍ରାସ କରିବ ଓ ଏକ ସୁଦୃଢ ସପ୍ଲାଇ ଚେନ୍ ପ୍ରତିଷ୍ଠା କରିବାରେ ସକ୍ଷମ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଇଓସିଏଲ୍ ସହ ଚୁକ୍ତିନାମା ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏକ ମାଇଲଖୁଣ୍ଟ ବୋଲି ଶ୍ରୀ ମାଝୀ ମତ ଦେଇଛନ୍ତି ।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶାରେ ପୁଞ୍ଜି ବିନିଯୋଗ ପାଇଁ ଶିଳ୍ପପତିମାନେ ବେଶ୍ ଉତ୍ସାହିତ ଅଛନ୍ତି। ପଶ୍ଚିମ ଭାରତରେ ଗୁଜରାଟର ଦାହେଜ ବନ୍ଦର ଯେପରି ପେଟ୍ରୋକେମିକାଲ କ୍ଷେତ୍ରରେ ଏକ ଅଗ୍ରଣୀ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇପାରିଛି, ଆଗାମୀ ଦିନରେ ପାରାଦୀପ ମଧ୍ୟ ପୂର୍ବ-ଭାରତରେ ସମାନ ପ୍ରକାର ବିକଶିତ ହେବ। ଶିଳ୍ପକ୍ଷେତ୍ର ସହ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଓଡ଼ିଶାରେ ନିବେଶ ପାଇଁ ବର୍ତ୍ତମାନ ବେଶ୍ ସକାରାତ୍ମକ ପରିବେଶ ରହିଛି ଓ ଏବେ ହିଁ ନିବେଶର ପ୍ରକୃଷ୍ଟ ସମୟ ବୋଲି ମୁଖ୍ୟମନ୍ତ୍ରୀ ପୁଞ୍ଜିପତିମାନଙ୍କୁ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିଅମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ଓ ଓଡିଶାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ରହିବା ସହ ଅଭିଭାଷଣରେ ଶିଳ୍ପ କ୍ଷେତ୍ରରେ ବିକାଶ ପାଇଁ ଓଡ଼ିଶାର ପଦକ୍ଷେପକୁ ପ୍ରଶଂସା କରିଥିଲେ।

### ପ୍ରଗତି ଓ ସମୃଦ୍ଧିର...

କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏକ ବହୁ-ଅଂଶୀଦାର ସମବାୟ ଆଭିମୁଖ୍ୟ ଓଡ଼ିଶାର ବିକାଶକୁ ନୂଆ ସୋପାନରେ ପହଞ୍ଚାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ସ୍ୱଚ୍ଛ ଭାରତ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ନୂଆ ବାୟୋ ଗ୍ୟାସ ପଲିସି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଅନୁରୋଧ କରିଛନ୍ତି।

### ଜଙ୍ଗଲ...

ବିଶେଷ ଭାବରେ ଶିମିଳିପାଳ ଓ ରାଉରକେଲା ଆଦି ସ୍ଥାନରେ ଏଆଇ କ୍ୟାମେରା ମଧ୍ୟ ବ୍ୟବହାର କରାଯାଇଛି। ପୂର୍ବରୁ ଓଡିଶାରେ ଡ୍ରୋନର ବ୍ୟବହାର ବିଶେଷ ଭାବରେ ହାତୀମାନଙ୍କ ଗଣନା ସେମାନଙ୍କ ଚଳପ୍ରଚଳ ପାଇଁ ବ୍ୟବହାର କରାଯାଉଥିଲା।

ରାଜ୍ୟରେ ପୂର୍ବରୁ ଜଙ୍ଗଲ ନିଆଁକୁ ଚିହ୍ନଟ କରିବା ପାଇଁ ସାଟେଲାଇଟ୍‌ର ବ୍ୟବହାର କରାଯାଉଥିଲା। ତେବେ ଏହା ଦିନକୁ କେବଳ ଦୁଇ ଥର କରାଯାଉଛି। ଯାହା ମାତ୍ର ଦୁଇ ଥର ଜଙ୍ଗଲ ନିଆଁ ସମ୍ପର୍କରେ ତଥ୍ୟ ଦେଉଛି। ଏପରି ସ୍ଥଳରେ ଡ୍ରୋନ ଦ୍ୱାରା ଅନେକ ସୁବିଧା ମିଳୁଛି। ଯେମିତିକି ବାକି ସମୟରେ ଡ୍ରୋନ ଦ୍ୱାରା ଜଙ୍ଗଲର କେଉଁ ଅଞ୍ଚଳରେ ନିଆଁ ଲାଗିଛି ତାହା ଜଣାପଡିବ। କେଉଁଠାରେ ଅଧିକ ଓ କମ ନିଆଁ ଲାଗିଛି ସେନେଇ ଡ୍ରୋନ୍ ମାଧ୍ୟମରେ ସୂଚନା ମିଳିପାରିବ। ଏଥିସହ ଲୋକମାନେ ନିଆଁ ଲଗାଉଛନ୍ତି କି ନାହିଁ ତାହା ଅତି ସହଜରେ ଜଣାପଡିବ। ଯାହା ଫଳରେ କି ତୁରନ୍ତ ଜଙ୍ଗଲ ନିଆଁକୁ ଆୟତ୍ତ କରିପାରିବେ ବନ ବିଭାଗ।

### ଶକ୍ତି ପୀଠକୁ...

ଉନ୍ନତି ପାଇଁ ୮ କୋଟି ଟଙ୍କା, ତପ୍ତପାଣିର ବିକାଶ ପାଇଁ ୧୧ କୋଟି ଟଙ୍କା ସହ ମା’ ନାରାୟଣୀଙ୍କ ପୀଠର ଉନ୍ନତି ନିମନ୍ତେ ମଧ୍ୟ ଅର୍ଥର ବ୍ୟବସ୍ଥା ହୋଇଥିବା ବେଳେ ସେହି କ୍ରମରେ ଜିଲ୍ଲାରେ ରହିଥିବା ସମସ୍ତ ପୀଠର ଉନ୍ନତି ନେଇ ଚଳିତ ବର୍ଷ ୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗଞ୍ଜାମକୁ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ପର୍ଯ୍ୟଟନ ବିଭାଗ ଓ ପୂର୍ତ୍ତ ବିଭାଗ ମିଳିତ ଭାବେ ଏହି ଶକ୍ତି କରିଡ଼ରର ବିକାଶ କରିବ। ଏହାରି ମାଧ୍ୟମରେ ବାହାରୁ ଆସିଥିବା ସାଧାରଣ ଭକ୍ତ ସବୁ ପୀଠରେ ପୂଜା, ତପସ୍ୟା ଓ ବରଦାନ ପାଇବା ପାଇଁ ଓଡ଼ିଶାର କୌଣସି ବି କ୍ଷେତ୍ରକୁ ଯାଇପାରିବେ ବୋଲି ସେ କହିଛନ୍ତି । ତେଣୁ ପର୍ଯ୍ୟଟକମାନଙ୍କ ଓ ସନାତନ ଧର୍ମର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଏହି ଶକ୍ତି କରିଡ଼ର ବ୍ୟବସ୍ଥା କରାଯିବ । ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଏହି ଯୋଜନାରେ ଓଡିଶାର ସମସ୍ତ ଶକ୍ତିପୀଠକୁ ଶକ୍ତି କରିଡର ନାମରେ ଯୋଡିବା କାର୍ଯ୍ୟ କରାଯିବ ବୋଲି ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଉତ୍ତର ପ୍ରଦେଶରେ ମହାଦେବଙ୍କ ପାଇଁ କରିଡର ଯୋଜନାକୁ ଯେପରି ପ୍ରଧାନମନ୍ତ୍ରୀ ପ୍ରାରମ୍ଭ କରିଛନ୍ତି ସେହିଭଳି ଓଡିଶାରେ ସମସ୍ତ ଶକ୍ତିପୀଠର ସଂଯୋଗୀକରଣ କରାଯିବ। ଯେଉଁମାନେ ବାହାରୁ ଆସିବେ ମୁଖ୍ୟତଃ ଶକ୍ତି ଆରାଧକ, ସବୁ ପବିତ୍ର ଓ ପ୍ରସିଦ୍ଧ ଶକ୍ତିପୀଠରେ ଦର୍ଶନ କରିବାର ସୁଯୋଗ ପାଇବେ। ଯେଉଁଥିପାଇଁ ପର୍ଯ୍ୟଟନ ବିଭାଗ ଯୋଜନା ଆରମ୍ଭ କରିଥିବା ବେଳେ ପୂର୍ତ୍ତ ବିଭାଗ ସେହି ଯୋଜନା ମୁତାବକ ହେରିଟେଜ୍ ଡେଭଲମେଣ୍ଟ ବ୍ୟବସ୍ଥା ଅନୁଯାୟୀ ଏହି ପୀଠଗୁଡିକର ସମ୍ପୂର୍ଣ୍ଣ ଉନ୍ନତିକରଣ କରିବ। ଏପରିକି ଆବଶ୍ୟକ ପଡିଲେ ଆଗାମୀ ଦିନରେ ହେଲିକପ୍ଟର ସଂଯୋଗ ପାଇଁ ମଧ୍ୟ ବିସ୍ତୃତ ଯୋଜନା କରାଯାଉଥିବା କହିଛନ୍ତି ପୂର୍ତ୍ତ ମନ୍ତ୍ରୀ। ଆସନ୍ତା ଦୁଇ ବର୍ଷ ମଧ୍ୟ ଏହି ଶକ୍ତି କରିଡ଼ରକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ବେଳେ ଏନେଇ ଦୁଇ ବିଭାଗ ରୂପରେଖ ପ୍ରସ୍ତୁତ କରି ତାହାର କାର୍ଯ୍ୟ ଶେଷ କରିବେ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ। ଏହି ଅବସରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଯେ ଦେଶର ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶ ଭଳି ଆମ ରାଜ୍ୟରେ ମଧ୍ୟ ଶକ୍ତି କରିଡର ପ୍ରତିଷ୍ଠା ହେବାକୁ ଯାଉଛି । ଯେଉଁଭଳି ଆଧ୍ୟମିକ ଶୈବ ପୀଠ ଏବଂ ଶକ୍ତିପୀଠକୁ ସାମିଲ କରାଯାଇଛି। ଏଠାରେ ମଧ୍ୟ ମା’ ବିରଜାଙ୍କଠାରୁ ଆରମ୍ଭ କରି ମା’ ଭୈରବୀ ଓ ମା’ ତାରାତାରିଣୀଙ୍କ ମନ୍ଦିର ଆଦିକୁ ସାମିଲ କରାଯାଇ ଶକ୍ତିପୀଠ ସଂଯୋଗୀକରଣ କରାଯିବ।

### ସଭାପତି...

ଚେୟାର ଓ ଢେଲା ମାଡ। କଂଗ୍ରେସ କର୍ମୀଙ୍କ ବିଶୃଙ୍ଖଳିତ ଆଚରଣ ପାଇଁ ପିସିସି ସଭାପତି ଭକ୍ତ ଦାସଙ୍କ ସମେତ ସମସ୍ତ ୧୪ଜଣଯାକ ବିଧାୟକଙ୍କ ବିରୋଧରେ ବିଏନଏସର ଏକାଧିକ ଧାରାରେ ମାମଲା ରୁଜୁ କରିଛି କମିଶନରେଟ ପୁଲିସ। ଅହମ୍ମଦାବାଦରେ ଏଆଇସିସିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଏତେ ସଂଖ୍ୟକ କଂଗ୍ରେସ କର୍ମୀଙ୍କ ବିରୋଧରେ ମାମଲା ସମ୍ପର୍କିତ ଏଫଆଇଆର କପି ସାମନାକୁ ଆସିଛି। ଏଫଆଇଆରରେ ହୋଇଥିବା ଅଭିଯୋଗ ଅନୁଯାୟୀ, ସର୍ତ୍ତମୂଳକ ଭାବେ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର ଲୋୟର ପିଏମଜିରେ ପ୍ରତିବାଦ ପାଇଁ ଲାଇସେନ୍ସ ପାଇଥିଲେ। ପ୍ରତିବାଦ ସଭାରେ ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ସଭାରେ କଂଗ୍ରେସ ନେତାମାନେ ସରକାର ବିରୋଧୀ ଓ କର୍ମୀଙ୍କୁ ଉତ୍ତେଜିତ କରିବା ଭଳି ସ୍ଲୋଗାନ ଓ ଭାଷଣ ଦେଇଥିଲେ। ଯାହାକୁ ନେଇ କର୍ମୀମାନେ ପୁଲିସ ବ୍ୟାରିକେଡ ଭାଙ୍ଗି ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜୋନ-୧ ଏସିପି କଂଗ୍ରେସ କର୍ମୀଙ୍କୁ ଶାନ୍ତି ବଜାୟ ରଖିବାକୁ ଅପିଲ କରିଥିଲେ। କିନ୍ତୁ ଉତ୍ତେଜିତ କଂଗ୍ରେସ କର୍ମୀ ଆଇନକୁ ହାତକୁ ନେଇ ବ୍ୟାରିକେଡ ଉପାଡିବାକୁ ଚେଷ୍ଟା କରିଥିଲେ। ପ୍ରଥମେ ପୁଲିସ ସେମାନଙ୍କ ଉପରକୁ ପାଣି ମାଡ କରିଥିଲେ। ସେଥିରେ ବି ସ୍ଥିତି ନିୟନ୍ତ୍ରଣକୁ ଆସିନଥିଲା। ବରଂ କଂଗ୍ରେସ କର୍ମୀମାନେ ଚେୟାର ଓ ଢେଲା ମାଡ କରିଥିଲେ। ଏପରିକି କିଛି କର୍ମୀ ପୁଲିସକୁ ଆକ୍ରମଣ କରିଥିଲେ। ଏଥିରେ ୧୭ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ନିଷିଦ୍ଧାଞ୍ଚଳକୁ ପ୍ରବେଶ କରି ପୁଲିସକୁ ଆକ୍ରମଣ କରିବା ଓ ମାରିଦେବାକୁ ଧମକ ଦେବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଏତେ ସଂଖ୍ୟାରେ କଂଗ୍ରେସ ନେତା ଓ କର୍ମୀଙ୍କ ବିରୋଧରେ ମାମଲା ରୁଜୁ କରିଛି।

### କନ୍ଦଳ...

ଏଥିରେ କିଛି ପୂର୍ବତନ ସାଂସଦଙ୍କ ସହଯୋଗ ରହିବ ବୋଲି ଉତ୍କଳ ଚେତାବାନୀ ଦେଇଥିଲ। ବର୍ତ୍ତମାନ ୱାକଫ୍ ପ୍ରସଙ୍ଗରେ ବିଜେଡିରେ ଯେଉଁ ଭାଗ ଭାଗ ଅବସ୍ଥା ସୃଷ୍ଟି ହୋଇଛି ତାହା ଉତ୍କଳଙ୍କ ସତର୍କବାଣୀକୁ ମନେ ପକାଇ ଦେଉଛି। ଏଥି ସହିତ ବିଜୟ ମହାପାତ୍ର କିଭଳି ୧୯୯୫ ନିର୍ବାଚନରେ ୬୦ଟି ଆସନରେ ବିଦ୍ରୋହ ପ୍ରାର୍ଥୀ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ହରାଇଥିଲେ ମଧ୍ୟ ରାଜ୍ୟସଭା ନିର୍ବାଚନରେ ଅନଙ୍ଗ ଉଦୟ ସିଂଦେଓଙ୍କ ହରାଇ ବିଜେଡିକୁ ଅପମାନିତ କରିଥିଲେ ତାହା ବି ଚିଠିରେ ଦର୍ଶାଇଥିଲେ। ତେବେ ଉତ୍କଳ ବିଜେଡିରେ ଗୋଷ୍ଠୀ କନ୍ଦଳ ନେଇ ଯେଉଁ ଚେତାବନୀ ଦେଇଥିଲେ ତାହାର ଏକ ଦୃଶ୍ୟ ଦେଖିବାକୁ ମିଳିଛି। ବିଜେଡି ପ୍ରତିଷ୍ଠାତା ସଦସ୍ୟଙ୍କ ପୁତ୍ରମାନେ ଆଜି ଏକାଠି ହୋଇଛନ୍ତି। ଏମାନଙ୍କ ମଧ୍ୟରେ କଳ୍ପତରୁ ଦାସ, ଦାମୋଦର ରାଉତ, ନଳିନୀ ମହାନ୍ତିଙ୍କ ପୁତ୍ରମାନେ ମିଳିତ ହୋଇଛନ୍ତି।

ତେବେ ବିଜେଡିରେ ଚର୍ଚ୍ଚା ହେଉଛି ଯେ ଉତ୍କଳ ପରିଡା ଯାହା ବର୍ଷକୁ ତଳୁ ଜଳ ଜଳ ହୋଇ ଦେଖିପାରୁଥିଲେ ତାହା ବିଜେଡିର ଅନ୍ୟମାନେ କିଭଳି ଦେଖିପାରୁନଥିଲେ। ନାଁ ସବୁ ଦେଖି ନଦେଖିଲା ଭଳି ରହୁଥିଲେ। ଇତି ମଧ୍ୟରେ ଉତ୍କଳ ପରିଡାଙ୍କର ସ୍ୱର୍ଗବାସ ହୋଇଗଲାଣି। ହେଲେ ତାଙ୍କର ଭବିଷ୍ୟବାଣୀ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

### ଔଷଧ ଦୋକାନରେ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଇଞ୍ଜେକ୍ସନ ଦେଉଥିବା ବ୍ୟକ୍ତି ତାଲିମପ୍ରାପ୍ତ ହୋଇଥିବା ଦରକାର। ଦ୍ୱିତୀୟରେ କୌଣସି ବି ଇଞ୍ଜେକ୍ସନ ପାର୍ଶ୍ୱ ପ୍ରତିକ୍ରିୟା କରିପାରେ। ଏପରିକି ତୁରନ୍ତ ପଦକ୍ଷେପ ନନେଲେ ରୋଗୀଙ୍କ ମୃତ୍ୟୁ ଆଶଙ୍କା ମଧ୍ୟ ରହିଛି।

ଏଥିପାଇଁ ଇଞ୍ଜେକ୍ସନ ଦିଆଯାଉଥିବା ସ୍ଥାନରେ ଉପଯୁକ୍ତ ବ୍ୟବସ୍ଥା ରହିଥିବା ଜରୁରୀ। ରାଜ୍ୟ ସରକାର ଔଷଧ ଦୋକାନରେ ଥିବା ଫାର୍ମାସିଷ୍ଟମାନଙ୍କୁ ଇଞ୍ଜେକ୍ସନର ପାର୍ଶ୍ୱ ପ୍ରତିକ୍ରିୟା ନେଇ ତାଲିମ୍ ଦେଲେ ହୁଏତ ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ରୋଗୀମାନେ ଏହାଦ୍ୱାରା ଲାଭବାନ ହୋଇପାରିବେ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଚାଳିଶ ବର୍ଷରେ ପାଦଦେଲା

# ସରାଟ ଶାସନ ଭଗବତ ଗୋସେଇଁ ମେଳଣ



**ବାଲିପାଟଣା, ୮।୪(ସଂଚାର ବ୍ୟୁରୋ):** ପଞ୍ଚୁଦୋଳ ମେଳଣ ଶେଷ ହେବା ପରେ ଏବେ ଗାଁ ଗାଁରେ ଆରମ୍ଭ ହୋଇଛି ପ୍ରଭୁ ଭଗବତ ଗୋସାଇଁଙ୍କ ମେଳଣ। ଗାଁ ଗହଳିରେ ଭଗବତ ଟୁଙ୍ଗୀରେ ପୂଜା ପାଉଥିବା ପ୍ରଭୁ ଭଗବତ ଗୋସାଇଁଙ୍କୁ(ପୋଥି)ବିମାନରେ ମେଳଣ ସ୍ଥଳକୁ ଅଣା ଯାଇଥାଏ। ଯଥାବିଧି ମୁତାବକ ପ୍ରଭୁଙ୍କ ବିମାନକୁ ଜମାଣରେ ବାଜା ବାଣ ଘୋଡା ରୋସଣୀରେ ମେଳଣ ପଡ଼ିଆକୁ ପାଛୋଟି ଆଣନ୍ତି ଶ୍ରଦ୍ଧାଳୁ। ପମ୍ପଲୋ ପଂଚାୟତ ସରାଟ ଶାସନ ଗ୍ରାମବାସୀ ଉତ୍କଳର ଏହି ପରମ୍ପରାକୁ କେଉଁ ଆବାହମାନ କାଳରୁ ବଞ୍ଚେଇ ରଖିଛନ୍ତି। ମଝିରେ ମେଳଣ ବନ୍ଦ ହୋଇଥାଇଥିବାରୁ ପୁର୍ନବାର ୧୯୮୫ ମସିହାରୁ ଗ୍ରାମର ମୁରବୀମାନେ ପ୍ରଭୁଙ୍କ ମେଳଣ ଆରମ୍ଭ କରିଥିଲେ। ଯାହା ଆଜି ଚାଳିଶ ବର୍ଷରେ ପାଦ ଦେଇଛି। ସରାଟ ଶାସନ, ସରାଟ, ଗୋବିନ୍ଦପୁର, ବଳଭଦ୍ରପୁର, ଅଠାନ୍ତର, ନୂଆଗାଁ ଆଦି ଗ୍ରାମର ଭାଗବତ ଟୁଙ୍ଗୀଙ୍କୁ ଫୁଲ, ଚନ୍ଦନ ଆକାରରେ ପ୍ରତିବର୍ଷ ନିମନ୍ତ୍ରଣ କରାଯାଏ। ଚାଳିଶ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା ସେତେବେଳେ ଗାଁ ରେ ଯେଉଁ ମୁରବୀମାନେ ମେଳଣ ପୁନର୍ବାର ଆରମ୍ଭ କରିଥିଲେ ଯଥା କାର୍ତ୍ତିକ ଚନ୍ଦ୍ର ଦାଶ, ଅନ୍ତର୍ଯ୍ୟାମୀ ମିଶ୍ର, ସୁରେନ୍ଦ୍ର ବେହେରା, ସନ୍ତୋଷ କୁମାର ମହାନ୍ତି, ଅଶ୍ୱିନୀ କୁମାର ଦାଶ, ବେଣୁଧର ଭୋଇ, ବିପନା ଭୋଇ, କୈଳାଶ ଭୋଇ, ମନୁଆ ଭୋଇ, ନୃସିଂହ ଭୋଇ, କୁଳମଣି ବେହେରା ସୁକାନ୍ତ ଭୋଇଙ୍କୁ ସମ୍ବର୍ଦ୍ଧିତ ସମ୍ବର୍ଦ୍ଧିତ କରାଯାଇଥିଲା। ଚାଳିଶ ବର୍ଷ ତଳର ସ୍ମୃତି ସହିତ ସେମାନଙ୍କ ମଧ୍ୟରୁ ଅନେକ ଆଜି ଦୁନିଆରେ ନଥିବାରୁ ସେମାନଙ୍କୁ ମନେ ପକେଇ ସମସ୍ତେ ଭାବବିହ୍ୱଳ ହୋଇଯାଇଥିଲେ।ବର୍ତ୍ତମାନର କମିଟି ଆଜିକୁ ଦଶ ବର୍ଷ ହବ ସୁରୁଖୁରୁରେ ମେଳଣ ପରିଚାଳନା କରୁଥିବାରୁ ମୁରବୀମାନେ ଆନନ୍ଦ ବ୍ୟକ୍ତ କରି ଆଶୀର୍ବାଦ ଦେଇଥିଲେ। ସରାଟ ଶାସନ ଶ୍ରୀ ଭଗବତ ଗୋସାଇଁ ମେଳଣ କମିଟିର ମୁଖ୍ୟ ହେମନ୍ତ କୁମାର ଦାଶ, ପ୍ରଶାନ୍ତ ମିଶ୍ର, ଫଣି ଭୂଷଣ ମହାନ୍ତି, ବସନ୍ତ କୁମାର ଦାଶ, ସୁକାନ୍ତେ କୁମାର ଦାଶ, ରଘୁ ନନ୍ଦନ ଦାଶ, ମନୋଜ ମିଶ୍ର, ଚିନ୍ମୟ ବେହେରା, ଶକ୍ତି ପ୍ରାସାଦ ଦାଶ, ପିଣ୍ଟୁ ମିଶ୍ର, ସ୍ୱରୂପ ମହାନ୍ତି, ଡ଼ମ୍ବୁରୁଧର ମିଶ୍ର, ଅଭୟ କୁମାର ମିଶ୍ର, ସ୍ୱାଧୀନ ବେହେରା, ରିଙ୍କୁ ମହାନ୍ତି, ବିଦ୍ୟାଧର ଭୋଇ, ହନୁମାନ ଭୋଇ, ଗାଲୁ ଭୋଇଙ୍କ ସମେତ ଗାଁ ର ଅନେକ ଯୁବକ ସମ୍ପୂର୍ଣ୍ଣ ମେଳଣ ଓ ସମ୍ବର୍ଦ୍ଧନା ସଭାକୁ ପରିଚାଳନା କରିଥିଲେ। ଅପେରା ସାବିତ୍ରୀ ଦୁଇଦିନ ଧରି ଯାତ୍ରା ପାରିବେଷଣ କରିଥିଲେ।

## ବିପୁଳ ପରିମାଣରେ ଚୋରା ମଦ ଜବତ, ୪ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ୮।୪ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ, ପଟ୍ଟାମୁଣ୍ଡାଇ ଟାଉନ ଏବଂ ତେରାଗିଶ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଗରାପୁର ଗ୍ରାମର ଦୁଇ ମଲିକଙ୍କ ଠାରୁ ୧୫ ଲିଟର ଦେଶୀ ମଦ କଜଳା ଗ୍ରାମର କୁନି



ଦଳ ଙ୍କ ଠାରୁ ୦୫ଲିଟର ଦେଶୀ ମଦ, ସାନମୁଳବସନ୍ତ ଗ୍ରାମର ଦୀପକ ସେଠୀ-୨୭ବର୍ଷ ଙ୍କ ଠାରୁ ୦୬ ଲିଟର ଦେଶୀ ମଦ ଏବଂ ଟିଲଙ୍ଗ ଗ୍ରାମର ପ୍ରଶାନ୍ତ ମଲିକଙ୍କ ଠାରୁ ୬୫ ଲିଟର ଦେଶୀ ମଦ ଓ ୫୦ ଲିଟର ବିଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୯୧ଲିଟର ଚୋରା ଦେଶୀ ମଦ ଓ ୫୦ ଲିଟର ବିଦେଶୀ ମଦ ଜବତ କରାଯାଇ ୦୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବୋଲି ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲଥିଲେ ।

## ଯୁବକଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ, ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

**ନାଉଗାଁ, ୮।୪ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପକ୍ଷପାର୍ଶ୍ୱରେ ଦୁଇ ଜଣ ଯୁବକ ଯୁବତୀ ଆତ୍ମହତ୍ୟା କରିବାର ଉଦ୍ୟମ କରିଥିଲେ। ଯାହାଫଳରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ହୋଇଥିବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଉଛି।ଜଣେକିଆ ଯୁବତୀ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଯୁକ୍ତ ୩ର ପ୍ରଥମ ବର୍ଷର ଛାତ୍ରୀ ହୋଇଥିବା ବେଳେ ଘର ରୋହିଆ ଗ୍ରାମ ବୋଲି ଜଣାଯାଇଛି। ସେହିପରି ଜଣେକ ଯୁବକ ଜଣକ କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟରେ ଯୁକ୍ତ ୩ର ଛାତ୍ର ହୋଇଥିବା ବେଳେ ସେ ରୋହିଆ ପଞ୍ଚାୟତରେ ଥିବା ସମ୍ପର୍କୀୟଙ୍କ ଘରରେ ରୁହନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ସନ୍ଦେହ କରାଯାଉଛି। ଉଭୟଙ୍କ ସମ୍ପର୍କକୁ ପରିବାର ଲୋକ ବିରୋଧ କରିଥିଲେ। ଯାହାଫଳରେ ଦୁଇ ଜଣ କୀଟନାଶକ ଔଷଧ ପାନ କରିଥିବା ସନ୍ଦେହ କରାଯାଉଛି। ଖବର ଲେଖା ହେଲା ବେଳକୁ ଏସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାଯାଇଛି।

### ଦୁର୍ବୃତ୍ତ ସାଜିଲେ ବଇରୀ

## ପୋଖରୀରେ ପକାଇଲେ ବିଷ, ଲକ୍ଷାଧିକ ଟଙ୍କାର ମାଛ ନଷ୍ଟ



**କାକଟପୁର/ଅସ୍ତରଙ୍ଗ,୮।୪ (ସଂଚାର ବ୍ୟୁରୋ):** ଦୁର୍ବୃତ୍ତ ସାଜିଲେ ବଇରୀ। ବିଷ ପକାଇ ନଷ୍ଟ କରିଦେଲେ ଲକ୍ଷାଧିକ ଟଙ୍କାର ମାଛ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ସହନ ଗ୍ରାମର ମନୋଜ ନାୟକ ଙ୍କ ସହ କିଛି ବ୍ୟକ୍ତି ଧାରକରଜ କରି ପୋଖରୀରେ ମାଛଚାଷ କରିଥିଲେ। କିନ୍ତୁ ସୋମବାର ରାତ୍ରରେ କିଛି ଦୁର୍ବୃତ୍ତ ମାଛ ପୋଖରୀ ରେ ବିଷ ପକାଇଦେଇଥିବା ବେଳେ ମଙ୍ଗଳବାର ସକାଳେ ଜାଣିଥିଲେ ମନୋଜ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କୌଣସି ଦୁର୍ବୃତ୍ତ ମାଛ ପୋଖରୀରେ ବିଷ ପକାଇଦେଇଛନ୍ତି। ମାଛ ଗୁଡିକ ମରିଯାଇ ଭାସୁଥିବା ଦେଖି ମନୋଜ ନାୟକ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଅନ୍ୟ ପଟେ ଋଣକରି ଚାଷ କରିଥିବା ଚାଷୀ ଋଣ ସୁଜିବ କିପରି ଚିନ୍ତରେ। ଅସ୍ତରଙ୍ଗ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

## ମାଟି ମାଫିଆଙ୍କ ଆକ୍ରମଣରେ ୩ ଗୁରୁତର; ୩ ଅଟକ , ୭ ଫେରାର

**ବାଲିଅନ୍ତା, ୮।୪ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ଅଞ୍ଚଳରେ ମାଟି ମାଫିଆ ଏଇ କିଛି ମାସ ହେବ ଆତଙ୍କରାଜ ଚଳାଇଛନ୍ତି। ବିଳମ୍ବିତ ରାତିରେ ବିଭିନ୍ନ ରାଜସ୍ୱ ସର୍କଲ ଅଞ୍ଚଳରେ ଥିବା ଦଣ୍ଡା, ଗୋଚର, ଅନାବାଦି, ପତିତ, ଦୋବୋତ୍ତର ସମ୍ପତ୍ତି, ନଦୀପଠା, ନାଳ ଓ ସଂରକ୍ଷିତ ଜଙ୍ଗଲ କିସମ ଜମିରୁ ଶତାଧିକ ମାଟି ଚାଲାଣ ହେଉଛି। ମାଟିମାଫିଆ ଖଣ୍ଡା, ଫାର୍ସା,ବନ୍ଧୁକ ଓ ଭୁଜାଲି ଆଦି ମାରଣାସ୍ତ୍ରରେ ସଜ୍ଜିତ ହୋଇ ଆତଙ୍କରାଜ ଚଳାଉଛନ୍ତି। ଚୋରା ମାଟି ଚାଲାଣକୁ ବିରୋଧ କରୁଥିବା ଗ୍ରାମବାସୀ ମାଫିଆଙ୍କ ଆକ୍ରମଣର ଶିକାର ହେଉଥିବା ଜଣାପଡ଼ିଛି। ଗ୍ରାମବାସୀ ଏସଂପର୍କରେ ଖଣି ବିଭାଗ, ରାଜସ୍ୱ, ତହସିଲ କାର୍ଯ୍ୟାଳୟ ଏବଂ ଖଣି ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇ ଆସୁଥିଲେ ମଧ ମାଟି ମାଫିଆଙ୍କ ବିରୋଧରେ ସେଭଳି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି। ଯାହାଫଳରେ ବାଲିଅନ୍ତାରେ ବେଧଡ଼କ ମାଟି ଚାଲାଣ ବୃଦ୍ଧି ପାଉଥିବା ବେଳେ ଗୋଷ୍ଠୀ ସଂଘର୍ଷ ଘଟି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି।

ଗତକାଲି ରାତିରେ ବେଆଇନ ମାଟି ଉଠାଣକୁ ବିରୋଧ କରିବାରୁ ୪ ଜଣ ଗ୍ରାମବାସୀ ଗୁରୁତର ଆହତ ହୋଇଛନ୍ତି। ଖଣ୍ଡା, ଫାର୍ସ ଏବଂ ଲୁହାରଡ଼ ମାଡ଼ରେ ୪ ଜଣ ଗ୍ରାମବପାସୀ ଗୁରୁତର ଆହତ ହୋଇପଡ଼ିଛନ୍ତି। ଆହତମାନେ ହେଲେ ଭିଙ୍ଗାରପୁର ପଞ୍ଚାୟତ ଅଞ୍ଚଳର ନିରଞ୍ଜନ ପାତ୍ର, ସୌମେନ୍ଦ୍ର ଜେନା, ଶରତ ଜେନା ଓ ଗନ୍ଧର୍ବ ଜେନା।ନିରଞ୍ଜନ, ସୌମେନ୍ଦ୍ର ଓ ଶରତଙ୍କ ଗୋଡ଼, ହାତ ଓ ଶରୀରର ବିଭିନ୍ନ ସ୍ଥାନ ଖଣ୍ଡା ଚୋଟରେ ଗଭୀର କ୍ଷତାକ୍ତ ହୋଇଛି। ନିରଞ୍ଜନଙ୍କ ଅବସ୍ଥା ସଂକଟାପର୍ଣ୍ଣ ଅଛି। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ରୁଜୁ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ମୋଟ ୧୦ ଜଣ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ ହୋଇଛି। ତେବେ ପୁଲିସ ଘଟଣା ପରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଜଣ ଆକ୍ରମଣକାରୀଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଏଯାଏ ଗିରଫ କରିବାରେ ସକ୍ଷମ ହୋଇପାରିନି। ଆଜି ପୂର୍ବାହ୍ନରେ ଜୋନ-୪ ଏସିପି ବିଭୁତିଭୂଷଣ ମହାପାତ୍ର ଓ ଥାନା ଅଧିକାରୀ ଅନିଲ ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

### ଯନ୍ତ୍ରୀଙ୍କ ଅଜାଣତରେ ଚାଲିଛି ନିର୍ମାଣ କାର୍ଯ୍ୟ

# ରାତିଅଧିଆ କାର୍ଯ୍ୟକୁ ବିରୋଧ

**ନାଉଗାଁ, ୮।୪ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଲୋ ପଞ୍ଚାୟତରେ ଆମ ବ୍ୟାଙ୍କ ଖୋଲିବା ପାଇଁ ଗ୍ରାମସଭାରେ ସ୍ଥିର କରାଯାଇଥିଲା। ଏସଂକ୍ରାନ୍ତରେ ପଞ୍ଚାୟତରେ ସରପଞ୍ଚ ଗତ ମାର୍ଚ୍ଚ ୨୯ରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହି ପଞ୍ଚାୟତ ଠାରୁ ବ୍ୟାଙ୍କ ୫କି. ମି ଦୁରରେ ଅବସ୍ଥିତ। ପଞ୍ଚାୟତର ଜନସାଧାରଣ କୃଷି ଉପରେ ନିର୍ଭର କରି ଚଳନ୍ତି। ଅନେକ ଦଳିତ ପରିବାର ଉକ୍ତ ପଞ୍ଚାୟତରେ ରହିଥିବା ବେଳେ ସମୟ ଅଭାବରୁ ବ୍ୟାଙ୍କକୁ ଯାଇ ପାରୁନାହାନ୍ତି। ତେଣୁ ପଞ୍ଚାୟତରେ ଖାତା ନଂ-୨୭୭, ପ୍ଲଟ ନଂ-୫୮୧ ରେ ଦଳିତ ସାହି ନିକଟରେ ବ୍ୟାଙ୍କ ଗୃହ ନିର୍ମାଣ କରିବା ପାଇଁ ଲିଖିତ ଭାବେ ପ୍ରଦାନ କରାଯାଇଥିଲା। କିନ୍ତୁ ଉକ୍ତ ସ୍ଥାନରେ ଆମ ବ୍ୟାଙ୍କ ଗୃହ ନ ହୋଇ ଅଲଣା-୨ଗ୍ରାମର ଶେଷ ମୁଣ୍ଡରେ ଉକ୍ତ ଗୃହ ନିର୍ମାଣ କରାଯାଉଛି। ଯାହାକୁ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ବିରୋଧ କରିଥିଲେ।

ସମିତି ସଭ୍ୟ ଚନ୍ଦନ ଲେଙ୍କାଙ୍କ କହିବା ମୁତାବକ ଉକ୍ତ ଗୃହ ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀ ମନସ୍ମିତା ମିଶ୍ରଙ୍କ ନାମରେ ରହିଛି। କିନ୍ତୁ ଛୁଟି ଦିନ ଅର୍ଥାତ ଶନିବାର ଓ ରବିବାର ରାତିରେ ତରବରିଆ ଭାବେ ଗୃହର ପିଲାର ପକାଯାଇଛି। ଯେଉଁ ସ୍ଥାନରେ ଗୃହ ନିର୍ମାଣ କରାଯାଉଛି ତାହା ପଞ୍ଚାୟତର ଶେଷ ମୁଣ୍ଡରେ ଅଟେ। ଯାହାକି ପଞ୍ଚାୟତ ଠାରୁ ଦୁର ଅଟେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାତି ଅଧିଆ ଉକ୍ତ କାର୍ଯ୍ୟ କରାଯାଉଛି। ତେଣୁ କାର୍ଯ୍ୟ ପ୍ରସଙ୍ଗରେ ବ୍ଲକ ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକୁ ତଦନ୍ତ କରିବା ପାଇଁ ଅଧକ୍ଷା ତୃଷ୍ଣା ଲେଙ୍କା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଙ୍କିତା ଜାଲି, ବ୍ଲକ ନିର୍ମାଣ କମିଟି ସଦସ୍ୟ ସୁବଳ ବେହେରା, ଯନ୍ତ୍ରୀ ସୋନାଲି ମଲ୍ଲିକ ମଙ୍ଗବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏ ସମ୍ପର୍କରେ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ସୋନାଲି ମଲ୍ଲିକଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ।

## କାମାକ୍ଷା ଦେବୀ ପୂଜା ଓ ଅନନ୍ତ ନାରାୟଣ ଯଜ୍ଞ



**ନିଶ୍ଚିନ୍ତକୋଇଲି, ୮।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବଜାରରେ ପରମପୂଜ୍ୟ ବାବା ଶ୍ରୀଶ୍ରୀ ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସନ୍ଥ ଶିରୋମଣି ସ୍ୱାମୀ ଅରୁପାନନ୍ଦ ଦାସଜୀ ମହାରାଜ ଓ ଗୁରୁ ଚରଣାଶ୍ରିତ ସନ୍ଥ ନିର୍ଭୟାନନ୍ଦ ଦାସଜୀ ମହାରାଜଙ୍କ ପୌରୋହିତ୍ୟରେ ମା'କାମାକ୍ଷା ଦେବୀ ଓ ଅଷ୍ଟଭୂଜା କଳକୀ ଅବତାରଙ୍କ ପୂଜାର୍ଚ୍ଚନା ଏବଂ ଅନନ୍ତ ନାରାୟଣ ମହାଯଜ୍ଞ ୫ଦିନ ଧରି ଅନୁଷ୍ଠିତ ହୋଇ ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଲ୍ୱାଧିବାସ, ମହାସପ୍ତମୀ ପୂଜା, ମହାଷ୍ଟମୀ ପୂଜା, ମହାନବମୀ ପୂଜା ଏବଂ ଦଶମୀ ପୂଜା ଓ ବିସର୍ଜନ କାର୍ଯ୍ୟକ୍ରମ ଯଥାରୀତି ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ତ୍ତାକର୍ତ୍ତୀ ଭାବେ ଗୁପ୍ତେଶ୍ୱର ରାଉତ ଓ ନିବେଦିତା ରାଉତ କାର୍ଯ୍ୟାଭାର ତୁଲାଉଥିଲେ। ପଣ୍ଡିତ ଭାବଗ୍ରାହୀ ପଣ୍ଡା ଓ କୈବଲ୍ୟ ଶତପଥୀଙ୍କ ଦ୍ୱାରା ମା'ଙ୍କ ସମସ୍ତ ପୂଜାର୍ଚ୍ଚନା ଓ ନୀତିକାନ୍ତି କରାଯିବା ସହ ଯଜ୍ଞର ପୂର୍ଣ୍ଣାହୁତି ଓ ଚରୁଅନ୍ନ ବଣ୍ଟନ କାର୍ଯ୍ୟ ସମାପନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ନିଶ୍ଚିନ୍ତକୋଇଲି ବଜାରର ସମସ୍ତ ବ୍ୟବସାୟୀ ଓ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ପ୍ରାଣନାଥ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**ଖୋର୍ଦ୍ଧା, ୮।୪ (ସଂଚାର ବ୍ୟୁରୋ) :** ଆଜି ପୂର୍ବାହ୍ନରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳରେ ଜିଲାସଂସ୍କୃତି ବିଭାଗ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ପାଳନର ଆଜି ଅଷ୍ଟମ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟାକ୍ଷା ବିଦୁଶ୍ରୀ ମିଶ୍ର ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଶୁଭେନ୍ଦୁ କୁମାର ମହାନ୍ତି, ପ୍ରାଧ୍ୟାପକ ପ୍ରିୟବ୍ରତ ମହାନ୍ତି, ପ୍ରାଧ୍ୟାପକ ପୁର୍ଣ ଚନ୍ଦ୍ର ବୈଶାଖ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌରଭ ସୁନ୍ଦର ରାୟ, ଅରୁଣ କୁମାର ସାହୁ, ଶ୍ରୀକାନ୍ତ କୁମାର ସାମାନ୍ତସିଂହାର, ଝୁନୁଲତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ରହି ରକ୍ତଦାନରେ ସହଯୋଗ ପ୍ରଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ପ୍ରାଧ୍ୟାପକ ଗଦାଧର ସାହୁ, ଅଧ୍ୟାପକ ସୁବୋଧ କୁମାର ଜଗଦେବ, ଅଧ୍ୟାପିକା ଅଲିଭା ବେହୁରା ଶିବିର ପରିଚାଳନା କରାଥିଲେ । ରକ୍ତଦାନ ଶିବିରଟି ସକାଳ ୯ ଘଟିକାରୁ ଆରମ୍ଭ ହୋଇଥିବା ବେଳେ ଅନ୍ୟପଟେ ମଧ୍ୟ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ରକ୍ତ ଦାନ ଶିବିର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ଅନୁଷ୍ଠିତ ହୋଇଥିଲା ।



## ରାଜରାଜେଶ୍ୱରୀ ବେଶରେ ମା' ମଙ୍ଗଳା

● ଚତୁର୍ଥ ପାଳି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼

**କାକଟପୁର/ଅସ୍ତରଙ୍ଗ, ୮।୪ (ସଂଚାର ବ୍ୟୁରୋ):** ଚୈତ୍ର ମାସର ମଙ୍ଗଳବାର ମା 'ମଙ୍ଗଳାଙ୍କ ପୂଜାର ପ୍ରକୃଷ୍ଟ ବାର। କିନ୍ତୁ ଚୈତ୍ର ମାସର ମଙ୍ଗଳବାର ଗୁଡିକରେ ଗୃହିଣୀ ମାନେ ଘର ସାମ୍ନାରେ ବା ଗ୍ରାମର ଦୋ 'ଛକି ଦାଣ୍ଡରେ ସ୍ୱତନ୍ତ୍ର ଧରଣର ଗାତ (ପଢେଇ )ଖୋଳି, ପଣା ଆଦି ଭୋଗଦେଇ ମାଙ୍କୁ ପୂଜା କରିଥାନ୍ତି। ଏଥିରେ ଦେବୀ ବାଟ ମଙ୍ଗଳା ରୂପେ ପୂଜିତ। ଚୈତ୍ର ମାସର ପ୍ରଥମ ଚାରି ମଙ୍ଗଳବାର ପୂଜା କରାଯିବା ପରେ, ସେହି ମାସର ପଞ୍ଚମ ମଙ୍ଗଳବାର ବା ବୈଶାଖ ମାସର ପ୍ରଥମ ମଙ୍ଗଳବାରରେ ମାଙ୍କୁ ସ୍ୱତନ୍ତ୍ର ଭାବେ ପୂଜା କରିବାରେ ପ୍ରଥା ଏବେ ପ୍ରଚଳିତ ଅଛି। ପ୍ରଥମ ଚାରି ମଙ୍ଗଳବାରକୁ "ପାଳିଯାତ୍ରା "ଏବଂ ପଞ୍ଚମ ତଥା ଶେଷ ମଙ୍ଗଳବାରକୁ "ଝାମୁଯାତ୍ରା "କୁହାଯାଉଛି।ଚୈତ୍ର ମାସର ଚତୁର୍ଥ ମଙ୍ଗଳବାରରେ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ମନ୍ଦିରରେ ବିଳମ୍ବିତ ରାତ୍ର ରୁ ମା 'ଦ୍ୱାରଫିଟା, ମଙ୍ଗଳଆଳତୀ, ସ୍ନାନ, ମାର୍ଜନା, ବେଶ, ଚନ୍ଦନ ଲାଗି, ସୂର୍ଯ୍ୟ ପୂଜା, ବଲ୍ଲଭ ଧୂପ, ସକାଳ ଧୂପ ପରେ ସକାଳ ୫ଘ ୩୦ମିନିଟ ସମୟରେ ସାହାଣ ମେଳା ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମା ମଙ୍ଗଳା ରାଜରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ମନ୍ଦିର ପରିସରରେ ସ୍ୱତନ୍ତ୍ର ବ୍ୟାରିକେଟ ମଧରେ ଭକ୍ତମାନେ ଧାଡିରେ ଯାଇ ମା ଙ୍କୁ ଦର୍ଶନ କରିଥିଲେ। ଏହି ପବିତ୍ର ଚୈତ୍ର ମାସର ଚତୁର୍ଥ ମଙ୍ଗଳବାରରେ ବ୍ରତଧାରୀ ମହିଳାମାନେ ପରିବାର ମଙ୍ଗଳକାମନା ପାଇଁ ଗାଁ ଦାଣ୍ଡରେ ପଢେଇ ନିର୍ମାଣ କରି ପୂଜା କରିଥାନ୍ତି। ଏହି ସମୟରେ ମା ମଙ୍ଗଳାଙ୍କ ନିକଟରେ ମାନସିକ ରଖିଲେ ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

### କାକଟପୁର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

## ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଅନୁମୋଦନ



**କାକଟପୁର/ଅସ୍ତରଙ୍ଗ, ୮।୪ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ବ୍ଲକ ପରିସର ସଭାଗୃହ ମଧରେ ମଙ୍ଗଳବାର ପୂର୍ବାହ୍ନରେ କାକଟପୁର ପଂଚାୟତ ସମିତି ବୈଠକ ରେ ଅଧକ୍ଷ ଶ୍ରୀଧର ନାୟକ ଙ୍କ ଅଧକ୍ଷତାରେ ଅତିଥି ଭାବେ କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ସହକାରୀ ଯନ୍ତ୍ରୀ ସ୍ନେହାଶିଷ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ "ବିକଶିତ ଗାଁ ବିକଶିତ ଓଡିଶା "ଯୋଜନା ନାମରେ କାକଟପୁର ବ୍ଲକରେ ହେବାକୁ ବିଭିନ୍ନ ପ୍ରକଳ୍ପ ଓ ବ୍ଲକର ପଂଚାୟତ ଉନ୍ନୟନ ଯୋଜନାର ୫ବର୍ଷୀୟା ଆକ୍ସନ ପ୍ଲାନ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ପ୍ରସ୍ତାବ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା।

ଏହି ବୈଠକରେ ଅବଦାନ, କୁରୁଜଙ୍ଗ, କାଦୁଆନୂଆଗାଁ ପଂଚାୟତ ଗୁଡିକରେ ମୁଖ୍ୟତଃ ପାନୀୟ ଜଳ ସମସ୍ୟା ସମ୍ପର୍କରେ ସରପଞ୍ଚ ପ୍ରସ୍ତାବ ଆଗତ କରିଥିବା ବେଳେ ସୁହାଣପୁର ପଂଚାୟତରେ ବିଗତ ୭ବର୍ଷ ହେବ ହରିଶ୍ଚନ୍ଦ୍ର ଯୋଜନା ମିଳିନଥିବା ପ୍ରସ୍ତାବ ସରପଞ୍ଚ ଉପସ୍ଥାପନା କରିଥିଲେ। ଏହା ସହ କୁଣ୍ଢେଇ ପଂଚାୟତ ସମିତି ସଭ୍ୟ ହାଟ ନିଲାମ ସମ୍ପର୍କରେ ବୈଠକରେ ଉପସ୍ଥାପନା କରିଥିଲେ। ବିଧାୟକ ତୁଷାରକାନ୍ତି ବେହେରା କହିଥିଲେ ୨କୋଟି ୬୦ଲକ୍ଷ ଟଙ୍କାର ପ୍ରକଳ୍ପକୁ ଉପସ୍ଥାପନା କରିଥିବା ସହ ପ୍ରକଳ୍ପ ଗୁଡିକ ସମ୍ପର୍କରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ଅବଗତ କରାଇଥିଲେ। ସେହିଭଳି ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଭିତ୍ତିଭୂମି ନିର୍ମାଣ ପାଇଁ କୋଠଘର, ବିଦ୍ୟାଳୟ ଘର, ଭାଗବତ ଟୁଙ୍ଗି, ଗ୍ରାମରାସ୍ତା ଆଲୋକୀକରଣ ଓ ରାସ୍ତା ନିର୍ମାଣ ବାବଦରେ ଖର୍ଚ୍ଚ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ଉକ୍ତ ଯୋଜନାରେ ଗ୍ରାମ ପଂଚାୟତର ଲୋକସଂଖ୍ୟା ଅନୁସାରେ ପଂଚାୟତକୁ ଅନୁଦାନ ମିଳିବ ବୋଲି ଅତିଥି ସୂଚନା ଦେଇଥିଲେ। ଯୋଜନା କାର୍ଯ୍ୟକାରୀ ହେବାକୁ ଥିବା ସମସ୍ତ ପ୍ରକଳ୍ପକୁ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରାଯିବା। ଏହି ବୈଠକରେ କାକଟପୁର ବ୍ଲକର ୧୬ଗୋଟି ପଂଚାୟତ ର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ପଂଚାୟତର ଜିଆରଏସ, କାର୍ଯ୍ୟ ନିର୍ବାହ ଅଧିକାରୀ ଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାୟା ବାବା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

## ସଂଗୃହୀତ ହେଲା ୫୦ ୟୁନିଟ ରକ୍ତ



**ମହାକାଳପଡ଼ା, ୮।୪ (ସଂଚାର ବ୍ୟୁରୋ) :** ଓଡ଼ିଶା ସରକାରଙ୍କ ଓଡିଆ ପକ୍ଷ ପାଳନ ଅବସରରେ ଆଜି ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ର ସଂଯୋଜକ ପ୍ରଫେସର ଲିଜାତା ପାଲ୍ ଙ୍କ ପ୍ରତିନିଧିତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ଅଧାପକ, ଅଧାପିକା, କର୍ମଚାରୀ, ଛାତ୍ରଛାତ୍ରୀମାନେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ସର୍ବମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଓଡ଼ିଶା ରକ୍ତଭଣ୍ଡାର,କେନ୍ଦ୍ରାପଡ଼ାକୁ ହସ୍ତାନ୍ତର କରାଯାଇଛି। ଏହି ରକ୍ତଦାନ ଶିବିରରେ ନିଜେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ସୁଲୋଚନା ଦାଶଙ୍କ ସମେତ ଫିରୋଜ ସାହୁ, ଅଧାପକ, ଅଧାପିକା, କର୍ମଚାରୀ, ପୁରାତନ ଛାତ୍ର ଛାତ୍ରୀ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ରକ୍ତର ଅଭାବ ରକ୍ତଭଣ୍ଡାରରେ ବର୍ତ୍ତମାନ ପରିଲିକ୍ଷିତ ହେଉଛି। ଏହି ସମୟରେ ବାୟା ବାବା ମହାବିଦ୍ୟାଳୟ ତରଫରୁ ଆୟୋଜିତ ହୋଇଥିବା ରକ୍ତଦାନ ଶିବିର ରକ୍ତର ଆବଶ୍ୟକତାକୁ କିଛି ମାତ୍ରାରେ ହ୍ରାସ କରିବ। ପ୍ରବଳ ଖରା ଗରମରେ ସମସ୍ତେ ରକ୍ତଦାନ କରିଥିବାରୁ ସମସ୍ତ ରକ୍ତଦାତାଙ୍କୁ ସାଧୁବାଦ ଜଣାଇବା ସହିତ ସହଯୋଗ କରିଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ଅଧକ୍ଷା ସୁଲୋଚନା ଦାଶ। ସମସ୍ତଙ୍କ ସହଯୋଗ ଫଳରେ ଏହି ରକ୍ତଦାନ ଶିବିର ସଫଳ ହୋଇଥିବା ସେ କହିଛନ୍ତି।

## ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଦିବସ ପାଳିତ



**ମହାକାଳପଡ଼ା,୮।୪ (ସଂଚାର ବ୍ୟୁରୋ):** ୬୩ତମ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଦିବସ ଓ ଶୋଭନୀୟ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ୭୮ତମ ଜୟନ୍ତୀ ମହାକାଳପଡ଼ା ବ୍ଲକ୍ ତେରଗାଁ କ୍ଲଷ୍ଟର, ଜୟଚନ୍ଦ୍ରପୁର କ୍ଲଷ୍ଟର୍, ଟିକରପଙ୍ଗା କ୍ଲଷ୍ଟର୍ ଓ ଦଶ ମଉଜିସ୍ଥିତ ବିଦ୍ୟାଳୟ ମାନଙ୍କରେ ମାନବିକତାର ପତାକା ଉତ୍ତୋଳନ ସହ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଆଜୀବନ ସଭ୍ୟ ଶିକ୍ଷାବିତ୍ ଇନ୍ଦ୍ରମଣି ନାୟକ ଜୟଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ରୀ ସତ୍ୟସାଇ ବିଦ୍ୟାବିହାର,ଯଦୁପୁର,ବଜ୍ରମହାକାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶ୍ରୀରାମ ସେବା ପରିଷଦ, ସାନ ଗାଁରେ ଛାତ୍ର ଛାତ୍ରୀମାନଙ୍କୁ ଉଦ୍ ବୋଧନ ଦେଇ ସ୍ନେହ ଶାନ୍ତିଭରା ଶୋଭନୀୟ ସମାଜ ଗଠନ ଉଦ୍ଦେଶ୍ୟରେ ଶ୍ରୀ କୁମାର ଭାଇଙ୍କ ଜୀବନୀ,ଆଦର୍ଶ ଓ ବାର୍ତ୍ତା ଉପରେ ଆଲୋକପାତ କରିଥିଲେ । ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମାନବିକତାର ପତାକା ଉତ୍ତୋଳନ କରିଥିଲେ ।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

## ରାସ୍ତାରେ ଅଟକିଲା ବସ୍, ପରୀକ୍ଷାର୍ଥୀ ହନ୍ତସନ୍ତ



**ବୋରିଗୁମ୍ମା/କୋରାପୁଟ,୮।୪ (ସଂଚାର ବ୍ୟୁରୋ):** କୋରାପୁଟ କେନ୍ଦ୍ରିୟ ବିଶ୍ୱ ବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି ଦେଖା ଦେଇଛି। ରାସ୍ତାରେ ଅଟକିଲା ଛାତ୍ରଛାତ୍ରୀ ଯାଉଥିବା ବସ୍। ମଙ୍ଗଳବାର ଦିନ ବିଶ୍ୱ ବିଦ୍ୟାଳୟରେ ପରୀକ୍ଷା ଥିବାବେଳେ ବସ୍ ରାସ୍ତାରେ ଅଟକି ରହିଯାଇଥିଲା, କାରଣ ଅଧିକ ମାତ୍ରାରେ ଛାତ୍ରଛାତ୍ରୀ ବସରେ ବସିଥିବା ଯୋଗୁଁ ବସ ଘାଟିରେ ଟାଣିଲା ନାହିଁ । ତେଣୁ କିଛି ଛାତ୍ରଛାତ୍ରୀମାନେ ବସ୍‌ରୁ ଓହ୍ଲାଇ ଚାଲି ଚାଲି ଯିବାକୁ ପଡିଲା। ପରୀକ୍ଷା ସମୟରେ ଏଭଳି ଅବ୍ୟବସ୍ଥା ଯୋଗୁଁ ଛାତ୍ର ଛାତ୍ରୀମାନେ ବିଶ୍ୱ ବିଦ୍ୟାଳୟ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ବିଶ୍ୱ ବିଦ୍ୟାଳୟରେ ଯେତିକି ବସର ଆବଶ୍ୟକତା ରହିଛି ସେତିକି ପରିମାଣ ବସ ନାହିଁ। ତା ଏବଂ ବସ ଗୁଡିକ ଖରାପ ହୋଇଯାଇତିବାରୁ ବାରମ୍ବାର ବସ୍ ଗୁଡିକ ରାସ୍ତାରେ ଅଟକି ଯାଉଛି । ଯାହା ଫଳରେ ବହୁ ସମୟରେ ବିଶ୍ୱ ବିଦ୍ୟାଳୟକୁ ସଠିକ୍ ସମୟରେ ଯିବା ଆସିବା ସମ୍ଭବ ପର ହୋଉନଥିବାରୁ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଛନ୍ତି । ଶେଷରେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀ ମାନଙ୍କୁ ବୁଝାସୁଝା କରିବା ପରେ ଧାରଣାରୁ ଉଠଛନ୍ତି ଛାତ୍ରଛାତ୍ରୀ ମାନେ ।

## ଲୁଣାଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ କର୍ମଶାଳା



**ରାଜନଗର,୮।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବାଘମାରି ଗ୍ରାମ ପଂଚାୟତ ସଭାଗୃହରେ ଗ୍ରାମ୍‌ଉତଥାନ ଓ ଡିସିବି ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଲୁଣାଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍‌ଉତଥାନ ପ୍ରକଳ୍ପ ସଂଯୋଜକ ପ୍ରଦୀପ୍ତ ନାୟକଙ୍କ ପୌରହିତ୍ୟରେ ଓ ମନୋରଞ୍ଜନ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ସଂମାନୀୟ ଅତିଥି ଭାବେ ପଂଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସମିତି ସଭ୍ୟ ମନୋରଞ୍ଜନ ମଣ୍ଡଳ, ପୂର୍ବତନ ସରପଂଚ ମୁକ୍ତିକାନ୍ତ ପାତ୍ର, ସୁଧୀର କୁମାର ପାଳ, ପୂର୍ବତନ ସମିତି ସଭ୍ୟ ଜୟନ୍ତ ପ୍ରଧାନ, ସରପଞ୍ଚ ସପନ କୁମାର ପରିଡ଼ା, ଗ୍ରାମ୍‌ଉତଥାନର ରଂଜନ କୁମାର ରାଉତ, ଜୋତିରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଲୁଣା ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ଉପରେ ଗୁରୁତ୍ତାରୋପ କରିଥିଲେ। ଏଥି ସହିତ ଲୁଣାଜଙ୍ଗଲ ନିକଟରେ ବସବାସ କରୁଥିବା ଜନସାଧାରଣଙ୍କ ଜୀବନ ଜୀବିକା କିପରି ବଞ୍ଚିବ ସେନେଇ ମତ ଦେଇଥିଲେ। ଏହି କର୍ମଶାଳାକୁ ପ୍ରଦୀପ୍ତ ନାୟକ, ଚନ୍ଦନ ସାହୁ, ବସନ୍ତ ଦାସ, ବଳରାମ ଜାନା, ସ୍ୱଦେଶ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଓ ବାରାଣସୀକୁ ତୀର୍ଥଯାତ୍ରା

**ନବରଙ୍ଗପୁର, ୮।୪ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ମିଶନ ଶକ୍ତି ପରିସରରେ ଅପରାହ୍ନ ୫ଟାରେ ନବରଙ୍ଗପୁର ଜିଲ୍ଲାର ୧୪୮ଜଣ ତୀର୍ଥଯାତ୍ରୀ ଅଯୋଧା ଓ ବାରାଣସୀକୁ ତୀର୍ଥ ଯାତ୍ରା କରିଛନ୍ତି। ଏହା ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ଚଳିତ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ତୀର୍ଥଯାତ୍ରା ଅଟେ। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଧାୟକ ଡ଼ାବୁ ଗାଁ ମନୋହର ରାନ୍ଧାରି ଯୋଗ ଦେଇ ତୀର୍ଥଯାତ୍ରୀଙ୍କ ଶୁଭ ମନାସି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ପଞ୍ଜୀକୃତ ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକଙ୍କ ଆଜି



ସକାଳେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଯାତ୍ରା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ୪ଟି ବସ ଯୋଗେ ତୀର୍ଥଯାତ୍ରୀମାନେ ଆଜି ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ଆସନ୍ତାକାଲି ରାୟଗଡ଼ା ଷ୍ଟେସନରୁ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିବେ। ଏହି ତୀର୍ଥଯାତ୍ରୀମାନେ ଆସନ୍ତା ୧୩.୪.୨୦୨୫ ତାରିଖ ଦିନ ପ୍ରତ୍ୟାଗମନ କରିବେ। ତୀର୍ଥଯାତ୍ରୀ ମାନଙ୍କ ରହିବା, ଖାଇବା ଓ ଅନ୍ୟାନ୍ୟ ସମସ୍ତ ସୁବିଧା ପାଇଁ ୫ ଜଣ ନୋଡାଲ ଅଧିକାରୀ ଭାବରେ ପିଇଟି ଶିକ୍ଷକ ଅଜିତ ପରିଜା, ଦିଲ୍ଲୀପ ଭଞ୍ଜ, ମନୋରଞ୍ଜନ ପ୍ରହରାଜ, ଭିବାସିଶ ଦେ, ସତ୍ୟବ୍ରତ ପଣ୍ଡାଙ୍କୁ ନିଯୁକ୍ତ କରାଯାଇଛି। ଏହି ସମାରୋହରେ ନବରଙ୍ଗପୁର ବିଧାୟକ ପ୍ରତିନିଧି ଦେବଦାସ ମହାକୁଡ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଧାଂଶୁ ପାତ୍ର, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ।

## କୋରାପୁଟରୁ ୧୬୮ ଓ ବୋରିଗୁମ୍ମାରୁ ଗଲେ ୨୮ ତୀର୍ଥଯାତ୍ରୀ

**ବୋରିଗୁମ୍ମା, ୮।୪ (ସଂଚାର ବ୍ୟୁରୋ):** ମଙ୍ଗଳବାର ରାୟଗଡ଼ାଠାରୁ ଦ୍ୱିତୀୟ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ହେବ। ଏଥିରେ ରାୟଗଡ଼ାରୁ ବାରଣାସୀ-ଅଯୋଧା ଅଭିମୁଖେ ଯିବେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ। ଏଥିପାଇଁ କୋରାପୁଟ ଜିଲ୍ଲାରୁ ୧୬୮ ଜଣ ତୀର୍ଥଯାତ୍ରୀ ସୋମବାର କୋରାପୁଟରୁ ରାୟଗଡ଼ା ଅଭିମୁଖେ ବସ୍ ଯୋଗେ ଯାତ୍ରା କରିଛନ୍ତି। ବୋରିଗୁମ୍ମା ବ୍ଲକରୁ ମୋଟ ୨୮ ଜଣ ତୀର୍ଥଯାତ୍ରୀ ସୋମବାର କୋରାପୁଟ ଯାଇ ସେଠାରୁ ରାୟଗଡା ଅଭିମୁଖେ ଏକ ବସ ଯୋଗେ ଯାତ୍ରା କରିଛନ୍ତି ଏବଂ ସେମାନେ ମଙ୍ଗଳବାର ରାୟଗଡାରୁ ଟ୍ରେନ ଯୋଗେ ଅଯୋଧା ଓ ବାରଣାସୀ ଯାତ୍ରା କରିବେ ବୋଲି ଜଣାପଡ଼ିଛି। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସବୁଜ ପତାକା ଦେଖାଇ କୋରାପୁଟଠାରେ ବସ୍ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୧୪ ଟି ବ୍ଲକ ଏବଂ ୪ ଟି ପୌରପାଳିକାରୁ ମୋଟ ୧୬୮ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାରେ ସାମିଲ ହୋଇଛନ୍ତି। ସୋମବାର ପୂର୍ବାହ୍ନରେ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କୁ ଆବଶ୍ୟକୀୟ ଜରୁରୀ ଔଷଧ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ତୀର୍ଥ ଯାତ୍ରୀଙ୍କୁ ଶୁଭକାମନା ଜଣାଇଥିଲେ। ସେମାନେ ଆସନ୍ତା ଶନିବାର ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି।

## ଓଇଆର୍‌ସି ଅଧ୍ୟକ୍ଷ ଦାୟିତ୍ୱ ନେଲେ ପ୍ରଦୀପ



**ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ):** ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ଭାବେ ପ୍ରଦୀପ କୁମାର ଜେନା ଆଜି ଦାୟିତ୍ୱ ନେଇଛନ୍ତି। ଜେନାଙ୍କୁ ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ ଶପଥ ପାଠ ଉତ୍ସବରେ ରାଜ୍ୟପାଳ ଡ. କମ୍ଭମ୍‌ପାଟି ଶ୍ରୀ ଜେନାଙ୍କୁ ଓଇଆରସିର ଅଧ୍ୟକ୍ଷ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଇଲେକ୍‌ଟ୍ରିସିଟି ଆକ୍ଟ -୨୦୦୩ ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଗତ ୨୮ ତାରିଖରେ ଅବସରପ୍ରାପ୍ତ ଆଇଏଏସ୍ ଶ୍ରୀ ଜେନାଙ୍କୁ ଓଇଆର୍‌ସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥଇଲା। ଶ୍ରୀ ଜେନା ପୂର୍ବରୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦକ୍ଷତାର ସହ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଆଜିର ଶପଥ ପାଠ ସମାରୋହରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ଶାସନ ସଚିବ ତଥା ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ବାରାକ୍‌ରୁ ମହିଳା କନଷ୍ଟେବଲଙ୍କ ଝୁଲନ୍ତା ଶବ ଉଦ୍ଧାର

● ସୋସିଆଲ୍ ମିଡିଆ ପୋଷ୍ଟ୍ ବଢ଼ାଇଲା ସସ୍‌ପେନ୍ସ



**ବାଲେଶ୍ୱର,୮।୪(ସଂଚାର ବ୍ୟୁରୋ):** ପୁଲିସ ବାରାକରେ ଜଣେଁକା ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବାଲେଶ୍ୱର ପୁଲିସ ବାରାକରେ ଏପରି ଅଘଟଣ ଘଟିଥିବା ବେଳେ ମୃତ ମହିଳା କନଷ୍ଟେବଲ ଜଣଙ୍କ ଯଶୋଦା ଦାସ୍ ବୋଲି ଜଣାପଡ଼ିଛି। ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କର ସହଯୋଗୀମାନେ ତୁରନ୍ତ ଉଦ୍ଧାର କରିବା ସହ ବାଲେଶ୍ୱର ଜିଲ୍ଲା ମୁଖ୍ୟ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯଶୋଦାଙ୍କ ଘର ରେମୁଣା ଥାନା ମନ୍ଦାରପୁର ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ଆତ୍ମହତ୍ୟା ପଛର କାରଣ ପ୍ରେମଜନିତ ବୋଲି ଆଲୋଚନା ହେଉଛି। ତେବେ ତଦନ୍ତ ଶେଷ ହେବା ପରେ ଏନେଇ ସ୍ପଷ୍ଟ ସୂଚନା ମିଳିପାରିବ ବୋଲି ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ କହିଛନ୍ତି।
କିନ୍ତୁ ମୃତ୍ୟୁ ପୂର୍ବରୁ ଯଶୋଦା ସୋସିଆଲ ମିଡିଆରେ ପୋଷ୍ଟ୍ କରିଥିବା ଲେଖାରୁ ଅନୁମାନ କରାଯାଉଛି ଯେ ସେ ପ୍ରେମଜନିତ ବ୍ୟାପାର ନେଇ ଏପରି ଚରମ ନିଷ୍ପତ୍ତି ନେଇଛନ୍ତି। ସେ ସୋସିଆଲ୍ ମିଡିଆରେ ପୋଷ୍ଟ୍ କରିଥିବା ଲେଖାରେ ଉଲ୍ଲେଖ କରିଛନ୍ତି ଯେ 'ବେଳେବେଳେ ମଣିଷ ହୀରାକୁ ଖୋଜିବାକୁ ଯାଇ ମୂଲ୍ୟବାନ ସୁନାକୁ ହାତ ମୁଠାରେ ପାଇ ମଧ୍ୟ ତାକୁ ଫିଙ୍ଗି ଦେଇଥାଏ। ଯେତେବେଳେ ହୀରା ଖୋଜି ଖୋଜି ଥକି ଯାଏ, ସେବେ ସେ ବୁଝିପାରେ ଯେ ଫିଙ୍ଗିଥିବା ସୁନାର ମୂଲ୍ୟ କେତେ।' ତେବେ ଏପରି ଏକ ପୋଷ୍ଟ୍ ପରିପ୍ରେକ୍ଷୀରେ ଯଶୋଦାଙ୍କ ମୃତ୍ୟୁର କାରଣ ନେଇ ବିଭିନ୍ନ ଚର୍ଚ୍ଚା ଶୁଣିବାକୁ ମିଳୁଛି।

## ସମ୍ବଲପୁର ଜିଲ୍ଲା ଉପନିବନ୍ଧକ ନିଲମ୍ବିତ

● ଜମି ଜାଲିଆତି ମାମଲା




**ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ଉପନିବନ୍ଧକ ସୂର୍ଯ୍ୟନାରାୟଣ ସାମଲଙ୍କୁ ସରକାର ଜମି ପଞ୍ଜିକରଣରେ ଜାଲିଆତି କାର୍ଯ୍ୟରେ ନିୟୋଜିତ ଥିବା ଅଭିଯୋଗରେ ନିଲମ୍ବିତ କରାଯାଇଛି। ଶ୍ରୀ ସାମଲ ମୃତବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜାଲିଆତି କରି ଜମି ବିକ୍ରି ପଞ୍ଜିକରଣ କରାଇଥିଲେ। ସେ ଗତ ୨୮ ତାରିଖରେ ଏନେଇ ହୋଇଥିବା ଅଭିଯୋଗରେ ଗିରଫ ହୋଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ଆଦେଶ ଅନୁଯାୟୀ ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ଶ୍ରୀ ସାମଲ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ। ଏଥିସହ ବିନାନୁମତିରେ କୌଣସି ପ୍ରକାର ଛୁଟି ନେଇପାରିବେ ନାହିଁ ବୋଲି କୁହାଯାଇଛି।
ସୂଚନାଯୋଗ୍ୟ ଯେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦୁର୍ନୀତି କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ବିଗତ ଦିନରେ ଅଧିକାଂଶ ମାମଲା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଦୁର୍ନୀତି ଓ ଜାଲିଆତି କାର୍ଯ୍ୟକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି।

### ଲିଙ୍ଗରାଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ମନ କିଣିଲା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ

**ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଏଠାରେ ଚାଲିଥିବା ଲିଙ୍ଗରାଜ ମହୋତ୍ସବର ଆଜି ଚତୁର୍ଥ ସନ୍ଧ୍ୟା ଥିଲା। ଏଥିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ପରିବେଷିତ ହୋଇଥିବା ବେଳେ ଏହାକୁ ବେଶ୍ ଉପଭୋଗ କରିଛନ୍ତି ଦର୍ଶକ। ପ୍ରଥମେ ଗୁରୁ ପ୍ରତିଭା ପଣ୍ଡାଙ୍କ ଗ୍ରୁପ୍ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଇଷ୍ଟର୍ଣ୍ଣ ଜୋନ୍ କଲଚରାଲ ସେଣ୍ଟର ପକ୍ଷରୁ ବିହାରର ସାକର କଳା କୃତି ପକ୍ଷରୁ ଲୋକନୃତ୍ୟ ପରିବେଷିତ ହୋଇଥିଲା। ପରେ ପରେ ରିତେଶ ବାବୁ ଓ ତାଙ୍କ ଦଳ ଭିଲାଇ ଡ୍ରାମା ଓ ନୃତ୍ୟ ପରିବେଷଣ କରିଥିଲେ। ଏହାଛଡ଼ା ମଣିପୁରୀ ନୃତ୍ୟ ପରିବେଷଣ କରିଥିଲେ ଶାନ୍ତି ନିକେତନର କଳାକାରମାନେ। ଶୁଭଶ୍ରୀ କଳା ନିକେତନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକ ନୃତ୍ୟମ ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ପ୍ରତିଭା ପଣ୍ଡା ନିର୍ଦ୍ଦେଶନା ଦେଇଥିବା ବେଳେ ବାସୁଦେବ ନାଥ ସଂଯୋଜନା କରିଥିଲେ। ଆଜି ସନ୍ଧ୍ୟାରେ ଅତିଥି ଭାବେ ପଦ୍ମଶ୍ରୀ ପ୍ରଭାକର ମହାରଣା, ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, 'ସମାଜ'ର ଭୁବନେଶ୍ୱର ମୁଖ୍ୟ ଗୋପୀନାଥ ବାରିକ, ହାସ୍ୟ ଅଭିନେତା ହରିହର ମହାପାତ୍ର, ପିପିଏଲ କର୍ପୋରେଟ ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର, ରଶ୍ମି ମହାପାତ୍ର, ଦୁର୍ଗା ସାମନ୍ତରାୟ, ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ୍ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଗଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



କିଟ୍‌ରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା

## ମାନବାଧିକାର କମିଶନ୍ ପ୍ରୋସିଡିଂ ଉପରେ ରହିତାଦେଶ

**କଟକ,୮।୪(ସଂଚାର ବ୍ୟୁରୋ):** କିଟରେ ଗତ ଫେବୃଆରୀରେ ଜଣେଁକା ନେପାଳୀ ଛାତ୍ରୀ ଆତ୍ମହତ୍ୟା ମାମଲାରେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ନେଇଥିବା ପ୍ରୋସିଡିଙ୍ଗ ଉପରେ ଆଜି ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କମିଶନ୍ ଦେଇଥିବା ପ୍ରୋସିଡିଙ୍ଗ ଅନୁସାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ସାରା ଦେଶରେ ଛାତ୍ରଛାତ୍ରୀଙ୍କ ଜୀବନ ହାରିବା ଘଟଣା ବୃଦ୍ଧି ପାଇଥିବା ବେଳେ ସୁପ୍ରିମକୋର୍ଟ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରିଛନ୍ତି। ସମ୍ବିଧାନର ୧୪୨ ଧାରାରେ ଏହି ଟାସ୍କଫୋର୍ସ ଗଠିତ ହୋଇଥିବା ବେଳେ ସୁପ୍ରିମ କୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରବୀନ୍ଦ୍ର ଏସ ଭଟ୍ଟ ଏହାର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ଏହି ଜାତୀୟ ସ୍ତରର ଟାସ୍କଫୋର୍ସ କମିଶନ ଭଳି କାର୍ଯ୍ୟ କରିବ। ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଏହି ଟାସ୍କଫୋର୍ସ ଗଠନ ହୋଇଥିବା ବେଳେ ଏନଏଚଆରସି ଏଭଳି ପ୍ରୋସିଡିଙ୍ଗ କରିବା ସମୟରେ ସଂଯତ ହେବାର ଆବଶ୍ୟକତା ଥିଲା ବୋଲି ହାଇକୋର୍ଟ ଅନୁଭବ କରିଛନ୍ତି।
ଏନ୍‌ଏଚ୍‌ଆର୍‌ସି ସହ ଅନ୍ୟାନ୍ୟ ସମସ୍ତ ପକ୍ଷଙ୍କୁ ମଧ୍ୟ ହାଇକୋର୍ଟ ନୋଟିସ ଜାରି କରିଥିବା ବେଳେ ଏ ସଂକ୍ରାନ୍ତରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୩ ସପ୍ତାହ ମଧ୍ୟରେ ସମସ୍ତ ପକ୍ଷ ନିଜ ନିଜର ଜବାବ ଦାଖଲ ପାଇଁ କୋର୍ଟ କହିଛନ୍ତି। ଆସନ୍ତା ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ହାଇକୋର୍ଟଙ୍କ ବିଚାରପତି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।
ଏହି ମାମଲାରେ କିଟ୍ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ରିଟ୍ ପିଟିସନରେ ଦର୍ଶାଯାଇଛି ଯେ କିଟରେ ଘଟିଥିବା ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଏନ୍‌ଏଚ୍‌ଆର୍‌ସି ଗତ ମାର୍ଚ୍ଚ ୩ ତାରିଖରେ କଗନିଜେନସ ଗ୍ରହଣ କରିଥିଲେ। ଆୟୋଗଙ୍କ ଶୁଣାଣିରେ କିଟ୍ କୌଣସି ପକ୍ଷ ରଖି ନ ଥିବା ବେଳେ ଏନଏଚଆରସି ଗତ ୨୭ ତାରିଖରେ ଏଭଳି ଏକ ପ୍ରୋସିଡିଂ ପ୍ରଦାନ କରିଛନ୍ତି। ଆୟୋଗ ପକ୍ଷରୁ ଏ ସଂକ୍ରାନ୍ତରେ କିଟକୁ ନୋଟିସ ମଧ୍ୟ କରାଯାଇ ନଥିଲା। ଏକପାଖିଆ ଭାବେ ଆକ୍ସନ ଟେକେନ ରିପୋର୍ଟ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଓ ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି କିଟ୍ ପକ୍ଷରୁ ଦାୟର ରିଟ ପିଟିସନରେ ଦର୍ଶାଯାଇଥିଲା। ଏହାକୁ ହାଇକୋର୍ଟ ଗ୍ରହଣ କରିବା ସହ ଏ ସମ୍ପର୍କରେ ଆୟୋଗ ଓ ରାଜ୍ୟ ସରକାର ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।




## ୨ ଦିନ ପରେ ସରିବ ଖାତାଦେଖା

● ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ ଫଳ

**ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ):** ଆସନ୍ତା ମାସ ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବ। ଏଥିସହ ଆଉ ଦୁଇ ଦିନ ପରେ ଖାତାଦେଖା ଶେଷ ହେବ ବୋଲି କହିଛନ୍ତି ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ। ତେବେ କେଉଁ ନିର୍ଦ୍ଦିଷ୍ଟ ତାରିଖରେ ଫଳାଫଳ ପ୍ରକାଶ ପାଇବ, ସେନେଇ ଶ୍ରୀ ତରାଇ କିଛି ସ୍ପଷ୍ଟ କରିନାହାନ୍ତି। ସେ କହିଛନ୍ତି ଯେ ଏଆଇ ଓ କ୍ୟୁଆର୍ କୋଡ୍ ଦ୍ୱାରା ପରୀକ୍ଷା ପରିଚାଳନା ସଫଳ ହୋଇଛି। ସେହିପରି ବିଜ୍ଞାନ ପ୍ରଶ୍ନପତ୍ରରେ ୪ ମାର୍କ କମ୍ ଥିବା ବେଳେ ଏନେଇ କିଛି ବି ଅସୁବିଧା ହେବନାହିଁ। ଗ୍ରେସ୍ ମାର୍କ ସମ୍ପର୍କରେ ପରିଚାଳନା କମିଟି ନିଷ୍ପତ୍ତି ନେବ ବୋଲି ଶ୍ରୀ ତରାଇ କହିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୧ ତାରିଖରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହୋଇଥିଲା। ରାଜ୍ୟରେ ଚଳିତ ବର୍ଷ ୩ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୨୨ ହଜାର ୩୩୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। କପି ରୋକିବା ସକାଶେ ବୋର୍ଡ ପକ୍ଷରୁ ଚାରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିଲା। ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିଲା। ଏହାଛଡ଼ା ୬ ଶହ ପରୀକ୍ଷା କେନ୍ଦ୍ରରେ ଲାଇଭ ଭିଡିଓ ବ୍ୟବସ୍ଥା ହୋଇଥିଲା। ଏହାଛଡ଼ା ପ୍ରଶ୍ନପତ୍ର ଭାଇରାଲ୍ ରୋକିବା ସକାଶେ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯାଇଥିଲା।

## ବସ୍‌ଷ୍ଟାଣ୍ଡରେ ଜଳିଗଲା ଟୁରିଷ୍ଟ ବସ୍, ଯାତ୍ରୀ ସୁରକ୍ଷିତ



**ପୁରୀ,୮।୪(ସଂଚାର ବ୍ୟୁରୋ):** ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ଆଜି ଏକ ଅଘଟଣ ଘଟିଛି। ଏଠାରେ ଏକ ଟୁରିଷ୍ଟ ବସ୍ ଜଳିପୋଡ଼ି ପାଉଁଶ ହୋଇଯାଇଛି। ରାସ୍ତାରେ ଛିଡ଼ା ହୋଇଥିବା ସମୟରେ ଅଚାନକ ଉକ୍ତ ବସ୍‌ରେ ନିଆଁ ଲାଗିଯାଇଥିଲା। କିନ୍ତୁ ଏଥିରେ କୌଣସି ଯାତ୍ରୀ ଆହତ ହୋଇନଥିବା ଜଣାପଡ଼ିଛି। ତେବେ ଏହି ଅଗ୍ନିକାଣ୍ଡର ଠୋସ୍ କାରଣ ଜଣାପଡ଼ିନାହିଁ। ଖବର ପାଇ ପୁଲିସ ଓ ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ନିଆଁ ଲାଗିବା ଫଳରେ ସ୍ଥାନୀୟ ଅଞ୍ଚଳଟି ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା। ଅନ୍ୟପକ୍ଷରେ ଆଜି ସକାଳୁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପଛ ପଟେ ଅଗ୍ନିକାଣ୍ଡ ଘଟିବା ଫଳରେ ଏକ ପୁରୁଣା ବ୍ୟାରିକେଡ୍ ଜଳିଯାଇଛି। ଲୁହା ଓ ପ୍ଲାଷ୍ଟିକ ଓ କାଠରେ ନିର୍ମିତ ଉକ୍ତ ବ୍ୟାରିକେଡରେ ନିଆଁ ଲାଗିବାରୁ ସମ୍ପୂର୍ଣ୍ଣ ପରିବେଶ ଧୂଆଁମୟ ହୋଇଯାଇଥିଲା। ଏଥିରେ ମଧ୍ୟ କାହାର କିଛି ବି କ୍ଷତି ହୋଇନାହିଁ।

## ଆଧାର ସମ୍ବାଦ କାର୍ଯ୍ୟକ୍ରମରେ ଓକାକକୁ ଦୁଇଟି ପୁରସ୍କାର

**ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବୈଷୟିକ ଶାଖା ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ)କୁ ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଆଧାର ସମ୍ବାଦ ୨୦୨୫ କାର୍ଯ୍ୟକ୍ରମରେ ଦୁଇଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ରେଜିଷ୍ଟ୍ରାର ଭାବେ ଆଧାର ପଞ୍ଜୀକରଣରେ ବିଶେଷ ଉପଲବ୍ଧି ହାସଲ କରିଥିବାରୁ ଓକାକକୁ ପ୍ରଥମ ପୁରସ୍କାରଟି ପ୍ରଦାନ କରାଯାଇଥିଲା। ସମଗ୍ର ଓଡ଼ିଶାରେ ୟୁଆଇଡିଏଆଇ ସ୍ଥିରୀକୃତ ମାନଦଣ୍ଡ ଅନୁଯାୟୀ ତ୍ରୁଟିମୁକ୍ତ ଏବଂ ନାଗରିକ ଅନୁକୂଳ ପଞ୍ଜିକରଣ ସେବା ଓ ସୁବିଧା ସୁନିଶ୍ଚିତ କରି ଓକାକ ଏହି ସ୍ୱୀକୃତି ପାଇଛି। ସେହିପରି ଦ୍ୱିତୀୟ ପୁରସ୍କାର ରାଜ୍ୟ ପ୍ରମାଣୀକରଣ ଉପଭୋକ୍ତା ଏଜେନ୍ସି (ଏୟୁଏ) ଭାବରେ ଓକାକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇଛି। ଓକାକ ପ୍ରକୃତ ସମୟ ଆଧାର ପ୍ରମାଣୀକରଣ ପାଇଁ ଏକ ସୁରକ୍ଷିତ, ଦକ୍ଷ ଏବଂ ବିଶ୍ୱସନୀୟ ପ୍ଲାଟଫର୍ମର ସୁବିଧା ପ୍ରଦାନ କରିଆସିଛି। ବିଭିନ୍ନ ସରକାରୀ ସେବାର ନିରବଚ୍ଛିନ୍ନ ବିତରଣକୁ ଓକାକ ସକ୍ଷମ କରିଆସିଛି। ଉଲ୍ଲେଖଯୋଗ୍ୟ ଯେ ସମୟର ଆବଶ୍ୟକତା ଅନୁଯାୟୀ ବୈଷୟିକ ଉଦ୍ଭାବନ, ସର୍ବୋତ୍ତମ ପ୍ରୟାସ ଓ ୟୁଆଇଡିଏଆଇ ସହ ନିରନ୍ତର ସହଯୋଗ ମାଧ୍ୟମରେ ଓଡ଼ିଶାରେ ଆଧାର ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଓକାକ ସହ ସମ୍ପୃକ୍ତ ସମସ୍ତଙ୍କର ନିରନ୍ତର ଓ ଉତ୍ସର୍ଗୀକୃତ ପ୍ରୟାସକୁ ଏହି ସମ୍ମାନଗୁଡିକ ପ୍ରତିଫଳିତ କରୁଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ୟୁଆଇଡିଏଆଇର ସିଇଓ ଓ ଅନ୍ୟ ସମ୍ମାନିତ ଅତିଥିଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଓକାକ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପ୍ରଦୀପ ରାଉତ ଏହି ପୁରସ୍କାର ଗ୍ରହଣ କରିଛନ୍ତି।



## ମା' ତାରିଣୀଙ୍କୁ ୫୦ ଲକ୍ଷର ସୁନାମୁକୁଟ ଦାନକଲେ ଭକ୍ତ

**କେନ୍ଦୁଝର,୮।୪(ସଂଚାର ବ୍ୟୁରୋ):** ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଅତୁଟ। ଭକ୍ତର ଦୁଃଖ ସମୟରେ ଭଗବାନ ସବୁବେଳେ ଠିଆ ହୋଇଥାଆନ୍ତି। ଭଗବାନ କାହାର କେତେବେଳେ ମନସ୍କାମନା ପୂରଣ କରନ୍ତି, ତାହା ଜାଣିବା ଅସମ୍ଭବ। ଭକ୍ତର ଇଚ୍ଛା, କଷ୍ଟ, ଦୁଃଖ, ଅଭାବକୁ ପୂରଣ କରିବା ପାଇଁ ଭଗବାନ ଆଶୀର୍ବାଦ ଦିଅନ୍ତି। ଆଉ ଭକ୍ତର ଇଚ୍ଛା ପୂରଣ ହେଲେ ଭକ୍ତ ଖୁସି ଓ ସାମର୍ଥ୍ୟ ମୁତାବକ ମନ୍ଦିର ହେଉ ଅବା ଭଗବାନଙ୍କୁ ଦାନ କରନ୍ତି। ଏମିତି ଏକ ବ୍ୟକ୍ତି ମା' ତାରିଣୀଙ୍କୁ ଦାନ କରିଛନ୍ତି ସୁନାର ମୁକୁଟ, ଯାହାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଉକ୍ତ ଭକ୍ତ ଜଣଙ୍କ ଦାନ କରିଥିବା ସୁନାରେ ତିଆରି ମୁକୁଟଟି ଝଟକୁଛି ଏହି ସୁନା ମୁକୁଟଟି ମା'ଙ୍କ ମଥାରେ ବେଶ୍ ଶୋଭା ପାଉଛି। ଖାଲି ମୁକୁଟ ନୁହେଁ, ଉକ୍ତ ଭକ୍ତ ଜଣଙ୍କ ମା'ଙ୍କ ପାଇଁ ସୁନାର ଆଖିପତା, ନାକ ନୋଥ, ଟିକିଲି ମଧ୍ୟ ଦାନ କରିଛନ୍ତି। କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କୁ ଭକ୍ତ ଜଣଙ୍କ ପାଖାପାଖି ୫୦ ଲକ୍ଷ ଟଙ୍କାର ଅଳଙ୍କାର ଦାନ କରିଛନ୍ତି। ସେଥି ମଧ୍ୟରୁ ସୁନା ମୁକୁଟର ଓଜନ ୪୪୫ ଗ୍ରାମ ୪୭୦ ମିଲିଗ୍ରାମ ଏବଂ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହୃତ ଅଳଙ୍କାର ୨୫ ଗ୍ରାମ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏତେ ପରିମାଣର ଦାନ କରିଥିବା ଭକ୍ତ ଜଣଙ୍କ ହେଲେ ସୁନ୍ଦରଗଡ ଜିଲ୍ଲାର ବଜରଙ୍ଗ ଅଗ୍ରୱାଲ। ମା'ଙ୍କ ନିକଟରେ ସେ ମାନସିକ ରଖିଥିଲେ ଓ ଏବେ ତାଙ୍କ ମନୋସ୍କାମନା ପୂରଣ ହେବାରୁ ସେ ମା'ଙ୍କୁ ପାଖାପାଖି ୫୦ ଲକ୍ଷ ଟଙ୍କାର ସୁନା ଦାନ କରିଛନ୍ତି।



# ବିଦ୍ୟୁତ୍ ଖୁଣ୍ଟରେ ତାର, ଲକ୍ଷାଧିକ ଟଙ୍କା ଆୟ

**ଭୁବନେଶ୍ୱର,୮।୪:** ବିଦ୍ୟୁତ୍ ବିତରଣ କମ୍ପାନୀମାନେ ସେମାନଙ୍କୁ ବିଜୁଳି ଖୁଣ୍ଟରେ ବିଭିନ୍ନ କମ୍ପାନୀର ତାର ଟାଣିବା ବାବଦରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବାବେଳେ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଲୋକେ ହଇରାଣ ହରକତ ହେଉଛନ୍ତି। ଛିଣ୍ଡା ତାର ଓ ମୁଣ୍ଡ ଉପରେ ଝୁଲୁଥିବା ବିଭିନ୍ନ କମ୍ପାନୀର ଲୋକଙ୍କ ପାଇଁ ଏବେ କାଳ ହେଲାଣି।
ରାଜ୍ୟର ସହରାଞ୍ଚଳଗୁଡ଼ିକରେ ବିଭିନ୍ନ ଟେଲିକମ୍, କେବୁଲ ଟିଭି ଯୋଗାଣକାରୀଙ୍କ ସମେତ ଆଉ କେତେକ ସଂସ୍ଥା ସେମାନଙ୍କ ତାର ଟାଣିବାପାଇଁ ବିଦ୍ୟୁତ୍ ଖୁଣ୍ଟକୁ ବ୍ୟବହାର କରୁଛନ୍ତି। ବିଶେଷରେ ଘରୋଇ ଟେଲିଫୋନ୍ ଓ ଇଣ୍ଟରନେଟ୍ ସେବା ଯୋଗାଣ କରୁଥିବା ସଂସ୍ଥାମାନେ ଏ କ୍ଷେତ୍ରରେ ଆଗରେ ରହିଛନ୍ତି। ରାଷ୍ଟ୍ରାୟତ ସଂସ୍ଥା ବିଏସଏନଏଲ୍ ମଧ୍ୟ ବିଜୁଳି ଖୁଣ୍ଟରେ ନିଜର ଅପ୍ଟିକାଲ ଫାଇବର ଟାଣି ଗ୍ରାହକଙ୍କ ଘରେ ପହଞ୍ଚୁଛି।
ତେବେ ଏହିସବୁ ସଂସ୍ଥାମାନେ ବିଦ୍ୟୁତ୍ ବିତରଣ କମ୍ପାନୀ ଠାରୁ ଅନୁପତି ପାଇ ତାର ଟାଣିବାପରେ ପରବର୍ତ୍ତୀ ସମୟରେ ଏହି ତାରର କି ସ୍ଥିତି ରହୁଛି ତାହାକୁ ଆଉ ଅନୁଧ୍ୟାନ କରୁନାହାନ୍ତି। ଏହାର ରକ୍ଷଣା ବେକ୍ଷଣ ତ ଦୂରରକଥା ଆଉ ସେହିସବୁ ଅଞ୍ଚଳକୁ ଆସୁନାହାନ୍ତି। ସେହିଭଳି ଘରୋଇ କମ୍ପାନୀ ଠାରୁ ବିଦ୍ୟୁତ୍ ଖୁଣ୍ଟ ଭଡା ବାବଦରେ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବା ବିଜୁଳି ବିତରଣ କମ୍ପାନୀ ବି ଏହି ତାରକୁ ନିଜର ନୁହେଁ ବୋଲି କହି ଝାଡିଝୁଡି ହୋଇ ବସୁଛନ୍ତି।
ମିଳିଥିବା ସୂଚନା ଅନୁଯାୟୀ ବିତରଣ କମ୍ପାନୀ ଟିପିସିଓଡିଏଲ୍ ୨୦୨୨-୨୩ ବର୍ଷରେ ନିଜର ବିଜୁଳି ଖୁଣ୍ଟକୁ ତାର ଟାଣିବା ବାବଦରେ ଭଡା ଲଗାଇ ୨କୋଟି ୨୨ଲକ୍ଷ ଟଙ୍କାରୁ ଅଧିକ ଆୟ କରିଥିବାବେଳେ ୨୦୨୪-୨୫ ବର୍ଷରେ ଏକ କୋଟି ୩୪ଲକ୍ଷ ଟଙ୍କାରୁ ଅଧିକ ଆଦାୟ କରିସାରିଛି। ସେହିଭଳି ଟିପିଡବ୍ଲ୍ୟୁଓଡିଏଲ୍ ୨୦୨୧-୨୨ ବର୍ଷରୁ ଲଗାତାର ଭାବେ ଏ ବଦରେ ଟଙ୍କା ଆଦାୟ କରିବାରେ ଲାଗିଛି। କମ୍ପାନୀ ୨୦୨୩-୨୪ ବର୍ଷରେ ୫୦ଲକ୍ଷରୁ ଅଧିକ ଅର୍ଥ ଆଦାୟ କରିଥିବାବେଳେ ୨୦୨୪-୨୫ ର୍ଷରେ ଏହା ୫୨ଲକ୍ଷ ଟଙ୍କାକୁ ଟପିଛି। ସେହିଭଳି ଆଉ ଦୁଇ ବିତରଣ କମ୍ପାନୀ ଟିପିଏନଓଡିଏଲ୍ ଏବଂ ଟିପିଏସ୍‌ଓଡିଏଲ୍ ମଧ୍ୟ ନିଜ ନିଜର ବିଜୁଳି ଖୁଣ୍ଟକୁ ଭଡାରେ ଲଗାଇ ଲକ୍ଷାଧିକ ଟଙ୍କା ଆଦାୟ କରୁଛନ୍ତି।
ତେବେ କେଉଁ ଖୁଣ୍ଟରେ କେତେ ପରିମାଣର ତାର କିଭଳି ଟଣାଯିବ ସେଥିପ୍ରତି ବିଦ୍ୟୁତ୍ କମ୍ପାନୀଗୁଡିକ ଦୃଷ୍ଟି ନଦେବା ଯୋଗୁଁ ଗୋଟିଏ ଖୁଣ୍ଟରେ ବିଡା ବିଡା ତାର ଝୁଲୁଛି। ଅବସ୍ଥା ଏଭଳି ହୋଇଛି ଯେ ବିଜୁଳି ତାର ମରାମତି କରିବାବେଳେ କର୍ମଚାରୀମାନେ ନିଜ ତାରକୁ ଚିହ୍ନିପାରୁ ନାହାନ୍ତି। ଯେଉଁଠାରେ ଘରୋଇ କମ୍ପାନୀର ତାର ଗୁଡିକ ଝୁଲି ପଡୁଛି କିମ୍ବା ଛିଡିଯାଉଛି ସେଥିରେ ବିଜୁଳି ବିଭାଗର କର୍ମଚାରୀମାନେ ହାତ ମାରୁନାହାନ୍ତି। ସାଧାରଣ ଲୋକେ ଫୋନ୍ କଲେ ଏ ସଂକ୍ରାନ୍ତୀୟ ଅଭିଯୋଗ ବି ରଖୁନାହାନ୍ତି।
କେଉଁ କମ୍ପାନୀର ତାର ଟଣାହୋଇଛି ତାହା ସାଧାରଣ ଲୋକେ ଜାଣିନଥିବା କିମ୍ବା ସମ୍ପୃକ୍ତ କମ୍ପାନୀର ଟେଲିଫୋନ୍ ନମ୍ବର ସର୍ବସାଧାରଣରେ ପ୍ରଦର୍ଶିତ ହେଉନଥିବାରୁ ଲୋକେ ସେମାନଙ୍କୁ ବି ଅଭିଯୋଗ କରିପାରୁ ନାହାନ୍ତି। ଫଳରେ କେତେକ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟରେ ଝୁଲୁଥିବା ତାରକୁ ଲୋକେ ନିଜ ଦାୟିତ୍ୱରେ ଖୁଣ୍ଟରେ ଗୁଡାଉଛନ୍ତି ନହେଲେ ବାଉଁଶ ବାନ୍ଧି ଅଟକାଉଛନ୍ତି। ତେଣୁ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବା ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ଯେଭଳି ନିଜ ଖୁଣ୍ଟରେ ଟଣାଯାଉଥିବା ତାରର ରକ୍ଷଣା ବେକ୍ଷଣ କରିବେ ସେ ଦିଗରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି। (ତଥ୍ୟ)

### ଓଡିଆ ପକ୍ଷରେ ରକ୍ତଦାନ ଶିବିର

## ରାଜଧାନୀରେ ୮୮ ଶିବିରରୁ ୩୭୬୯ ୟୁନିଟ୍ ରକ୍ତ ସଂଗୃହୀତ

**ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦ୍ୱାରା ଚଳିତ ମାସ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ସ୍ୱକୀୟ ଉତ୍କୃଷ୍ଟ ଭାଷା-ଭୂଷଣ, ଭୋଜନ-ଆୟୋଜନ, ଆଚାର-ବିଚାର, ଦାନ-ବିଧାନକୁ ନେଇ ସାରା ରାଜ୍ୟରେ ଓଡିଆ ପକ୍ଷ ପାଳନ କରାଯାଉଅଛି। ଏହି ଅବସରରେ ଆଜି ରକ୍ତଦାନ ଦିବସ ପାଳିତ ହୋଇଛି। ସଦର ମହକୁମାସ୍ଥିତ ମହାବିଦ୍ୟାଳୟ ଓ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ/ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ/କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ଅଧୀନରେ ଥିବା ରକ୍ତ ଭଣ୍ଡାର ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଶିକ୍ଷାର୍ଥୀ ଓ ସ୍ଥାନୀୟ ଯୁବବର୍ଗ ଓ ଅନ୍ୟାନ୍ୟ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଛି। ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଲୋକମାନଙ୍କୁ ସଚେତନ କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ନିମନ୍ତେ ଶିକ୍ଷାର୍ଥୀ ଓ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଆହ୍ୱାନ କରାଯାଇଥିଲା। ଏହି ଆହ୍ୱାନକୁ ସ୍ୱୀକାର କରି କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀମାନେ ବହୁ ମାତ୍ରାରେ ଯୋଗଦାନ କରିବା ସହ ରକ୍ତଦାନ କରିଥିଲେ। ତେଣୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରକ୍ତଦାତାମାନଙ୍କୁ ସାଧୁବାଦ ଜଣାଇବା ସହ ଜଣାଶୁଣା ଲୋକଙ୍କୁ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଅବଗତ କରି ତାଙ୍କ ମଧ୍ୟରେ ପ୍ରେରଣା ସୃଷ୍ଟି କରିବା ପାଇଁ ନିବେଦନ କରାଯାଇଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ/ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ/କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରରେ ଅନୁଷ୍ଠିତ ୮୮ଟି ରକ୍ତଦାନ ଶିବିରରେ ମୋଟ ୩୭୬୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।




Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଦିନକୁ ଦିନ ହୁ ହୁ ହୋଇ ବଢ଼ି ଚାଲିଥିଲା ସୁନା ଦର। ଏମିତିକି ସୁନା କିଣିବା ପୂର୍ବରୁ ୧୦୦ ଥର ଚିନ୍ତା କରୁଥିଲେ ଗ୍ରାହକ। କିନ୍ତୁ, ଆଜି ସୁନା ଦରରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହାସହ ରୂପା ଦର ମଧ କମିଛି। ତେବେ ସୁନା କିମ୍ବା ରୂପା କିଣିବା ପୂର୍ବରୁ ଜାଣି ରଖନ୍ତୁ କେଉଁଠି କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯ ହଜାର ୭୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୨୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯ ହଜାର ୭୩୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୨୫୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୮୯, ୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୨ ,୨୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୮୯, ୮୮୦ ଟଙ୍କା ଓ ୨୨ କ୍ୟାରେଟ୍ ୮୨ ,୪୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୮୯, ୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୨,୨୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୯, ୭୩୦ ଓ ୮୨ ,୨୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୪, ୦୦୦ ଟଙ୍କା ହୋଇଛି।

### ପୁଞ୍ଜି ବଜାରକୁ ଫେରିଲେ ନିବେଶକ, ସବୁ ସେକ୍ଟର ସବୁଜିମାମୟ

# ସେନସେକ୍ସ ୧୨୦୦ ପଏଣ୍ଟ ବୃଦ୍ଧି

ମ୍ବାଇ: ମୁମ୍ବାଇ, ୮।୪: ଲହୁଲୁହାଣ ହେବା ପରେ ଭରିଲା କ୍ଷତ। ଆଜି ଜବରଦସ୍ତ କମବ୍ୟାକ କରିଛି ଭାରତୀୟ ସେୟାର ମାର୍କେଟ। ଆଜି ସେନସେକ୍ସ ପ୍ରାୟ ୧୨୦୦ ପଏଣ୍ଟ ବୃଦ୍ଧି ସହ ସକାଳେ ଖୋଲିଥିଲା ମାର୍କେଟ୍। ସେହିପରି ନିଫ୍ଟି ମଧ ୩୭୦ ପଏଣ୍ଟ ବୃଦ୍ଧି ପାଇଥିଲା। ତେବେ ପରେ ସେନସେକ୍ସ ପୁଣି ଖସିଥିଲା। ପ୍ରାୟ ସମସ୍ତ ଷ୍ଟକ୍ ଗ୍ରୀନ ଜୋନରେ। ହେଭିୱେଟ ସେୟାର ଗୁଡିକ ବଢ଼ିଥିବା ଦେଖିବାକୁ ମିଳିଛି। ସେହିପରି ସ୍ମଲ କ୍ୟାପ ଏବଂ ମିଡ କ୍ୟାପ ଷ୍ଟକ ଗୁଡିକ ମଧ ଭଲ ପ୍ରଦର୍ଶନ କରୁଛନ୍ତି। ଆଜି ନିବେଶକଙ୍କ ପ୍ରାୟ ସାଢ଼େ ଆଠ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ଗତକାଲି ଟ୍ରମ୍ପଙ୍କ ଟାରିଫ ମାଡ଼ରେ ଘାଇଲା ହୋଇଥିଲା ସେୟାର ବଜାର। ନିବେଶକଙ୍କ ୨୦ ଲକ୍ଷ କୋଟି ଉଡ଼ି ଯାଇଥିଲା। କେବଳ ଭାରତ ନୁହେଁ, ପୂରା ବିଶ୍ୱରେ ଦୋହଲି ଯାଇଥିଲା ସେୟାର ବଜାର। ଏସିଆରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା ସେୟାର ମାର୍କେଟ। ଗତକାଲି ଭାରତୀୟ ସେୟାର ବଜାର ସଂଘାତିକ ଭାବେ ତଳକୁ ଖସିଥିବା ବେଳେ ଆଜି ନିବେଶକମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। କାରଣ ସେନସେକ୍ସ ଏବଂ ନିଫ୍ଟି ବୁଧବାର ୧.୫% ବୃଦ୍ଧି ପାଇଥିବା ଜାଣିବାକୁ ମିଳିଛି। ଯାହା ବିଶ୍ୱ ବଜାରକୁ ପୁନରୁଦ୍ଧାରର ସଙ୍କେତ ଦେଇଛି। ଏସୀୟ ସେୟାରଗୁଡ଼ିକ ଦେଢ଼ ବର୍ଷ ମଧରେ ସେମାନଙ୍କର ସର୍ବନିମ୍ନ ସ୍ତରରୁ ପୁନର୍ବାର ଫେରସ୍ତ କରିଛି। ସୂଚନା



ମୁତାବକ, ଆଜି ସକାଳ ୯.୩୫ ସୁଦ୍ଧା ଏ ଆଣ୍ଡ୍ ପି ବିଏସ୍‌ଇ ସେନ୍‌ସେକ୍ସ ୧,୨୧୭.୭୮ ପଏଣ୍ଟ ବୃଦ୍ଧି ପାଇ ୭୪,୩୫୫.୬୮ରେ ପହଞ୍ଚିଛି। ସେହି ସମୟରେ ଏନ୍‌ଏସ୍‌ଇ ନିଫ୍ଟି୫୦ ୩୮୦.୫୦ ପଏଣ୍ଟ ବୃଦ୍ଧି ପାଇ ୨୨,୫୪୨.୧୦ରେ ପହଞ୍ଚିଛି। ଜିଓଜିତ ଫାଇନାନ୍ସିଆଲ୍ ସର୍ଭିସେସର ମୁଖ୍ୟ ନିବେଶ ରଣନୀତିଜ୍ଞ ଡକ୍ଟର ଭି କେ ବିଜୟକୁମାର କହିଛନ୍ତି ଯେ ଭାରତର ମାକ୍ରୋ ସ୍ଥିର ଅଛି, ଏବଂ ଆମେ ଆର୍ଥିକ ବର୍ଷ୨୬ରେ ପ୍ରାୟ ୬% ବୃଦ୍ଧି ପାଇପାରିବୁ। ପ୍ରାରମ୍ଭିକ ବାଣିଜ୍ୟ ଅଧିବେଶନ ଗତକାଲିର ହ୍ରାସ ପରେ ଏକ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରିଛି। ନିବେଶକମାନେ ବିଭିନ୍ନ କ୍ଷେତ୍ରର ବଜାରକୁ ଫେରିଛନ୍ତି।

ଗତକାଲି ବିଏସ୍‌ଇ ଏବଂ ଏସ୍‌ଇ ସେନ୍‌ସେକ୍ସ ୨୫୬୪.୭୪ ପଏଣ୍ଟରୁ ଅଧିକ ହ୍ରାସ ପାଇ ୭୨,୭୯୯.୯୫ରେ ପହଞ୍ଚିଥିବା ବେଳେ ଏନ୍‌ଏସ୍‌ଇ ନିଫ୍‌ଟି ୫୦ ସକାଳ ୯.୨୪ ସୁଦ୍ଧା ୮୩୧.୯୫ ପଏଣ୍ଟକୁ ଖସି ୨୨,୦୭୨.୫୦ରେ ପହଞ୍ଚିଥିଲା। ଗତକାଲି ଭାରତୀୟ ସେୟାର ବଜାର ପାଇଁ କଳା ସୋମବାର ଥିଲା। ସେନ୍‌ସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ କୋଟି କୋଟି ଟଙ୍କା ହରାଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ପାଲଟା ଟିକସ ଲଗାଇବା ପରେ ସମଗ୍ର ବିଶ୍ୱର ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଛି।

## ପେନସନରେ ବିଳମ୍ବ ହେଲେ ୮% ସୁଧ ଦେବେ ଦାୟୀ ବ୍ୟାଙ୍କ

ନୂଆଦିଲ୍ଲୀ, ୮।୪: ସଦ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଜାରି କରିଛି ଏକ ସର୍କୁଲାର। ଅବସରପ୍ରାପ୍ତ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କୁ ପେନସନ ଦେଉଥିବା ବ୍ୟାଙ୍କ ଗୁଡ଼ିକୁ ଦେଇଛି ନିର୍ଦ୍ଦେଶ। ସେମାନେ ପେନସନ ଦେବାରେ ବିଳମ୍ବ କଲେ ୮% ସୁଧ ଦେବା ହୋଇଛି ଅନିବାର୍ଯ୍ୟ । ଆରବିଆଇର ମାଷ୍ଟର ସର୍କୁଲାରରେ ବୃଦ୍ଧିର ଉଦ୍ଦେଶ୍ୟ ପେନସନଭୋକ୍ତାଙ୍କୁ ତାଙ୍କର ଦେୟ ବିଳମ୍ବରେ ଦେଲେ କ୍ଷତି ପୂରଣ ଦେବାକୁ ହେବ। ସର୍କୁଲାର ଅନୁସାରେ , ପେନସନ ଦେୟ ଦେଉଥିବା ବ୍ୟାଙ୍କ ଗୁଡ଼ିକୁ ପେନସନ / ବକେୟା ରାଶି ଜମା କରିବାରେ ବିଳମ୍ବ ହେଲେ, ପେନସନଭୋକ୍ତାଙ୍କୁ ଦେୟର ଦିନ ପରେ ୮ ପ୍ରତିଶତ ପ୍ରତି ବର୍ଷର ନିଶ୍ଚିତ ସୁଧ ଦରରେ କ୍ଷତିପୂରଣ ଦେବା ଉଚିତ୍। ନିର୍ଦ୍ଦେଶରେ ଆହୁରି ସ୍ପଷ୍ଟ କରାଯାଇଛି ଯେ, ଏହି କ୍ଷତିପୂରଣ ପେନସନଭୋକ୍ତାଙ୍କ ଠାରୁ କୌଣସି ବି ଦାବିର ଆବଶ୍ୟକତା ବିନା ଅଟୋମେଟିକ୍ ଭାବେ ପ୍ରଦାନ କରାଯିବ। ସ୍ଥିର ପେମେଣ୍ଟ ଡେଟ୍ ପରେ କୌଣସି ବି ବିଳମ୍ବ ହେଲେ କ୍ଷତିପୂରଣ ୮ ପ୍ରତିଶତ ପ୍ରତି ବର୍ଷର ସ୍ଥିର ସୁଧ ହାରରେ ପ୍ରଦାନ କରାଯିବ ଉଚିତ। ସୁଧ ସେହି ଦିନ ପେନସନଭୋକ୍ତାଙ୍କ ଆକାଉଣ୍ଟରେ ଜମା କରାଯିବ, ଯେଉଁ ଦିନ ବ୍ୟାଙ୍କ ସଂଶୋଧିତ ପେନସନ ବା ପେନସନ ବକେୟା ରାଶି ପ୍ରକ୍ରିୟାକରଣ କରିବ, ଯାହା ୧ ଅକ୍ଟୋବର ୨୦୦୮ରୁ ସବୁ ବିଳମ୍ବିତ ଦେୟ ଉପରେ ଲାଗୁ ହେବ।

## ଶୁଳ୍କ କମାଇବାକୁ ମସ୍କଙ୍କ ଅନୁରୋଧ : ଶୁଣିଲେନି ଟ୍ରମ୍ପ

ନୂଆଦିଲ୍ଲୀ, ୮।୪: ଟ୍ରମ୍ପଙ୍କ ଟାରିଫ ଯୋଗୁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କ ସମ୍ପତ୍ତି କମିବାରେ ଲାଗିଛି। ଏଥିପାଇଁ ମସ୍କ ଟ୍ରମ୍ପଙ୍କୁ ଟାରିଫ ନୀତି ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି। ହେଲେ ଟ୍ରମ୍ପଙ୍କ ତାଙ୍କ ଅନୁରୋଧକୁ ପ୍ରତ୍ୟାକ୍ଷାନ କରି ଦେଇଥିବା ସୂଚନା ମିଳିଛି। ଟ୍ରମ୍ପଙ୍କ ମନ୍ତ୍ରଣାଳୟ ସୂତ୍ରରୁ ଖବର ନେଇ ଆମେରିକା ଗଣମାଧ୍ୟମ ୱାଶିଂଟନ ପୋଷ୍ଟ ଏଭଳ ରିପୋର୍ଟ ପ୍ରକାଶ କରିଛି। ସୋମବାର ପ୍ରକାଶିତ ୱାଶିଂଟନ ପୋଷ୍ଟର ରିପୋର୍ଟ ଅନୁଯାୟୀ, ମସ୍କ ଟ୍ରମ୍ପଙ୍କୁ ଟାରିଫ୍ ନୀତିରେ କିଛି ପରିବର୍ତ୍ତନ କରିବାକୁ ଆବେଦନ କରିଥିଲେ। ବିଶେଷ କରି ଚୀନ ଉପରେ ଶୁଳ୍କ ହ୍ରାସ କରିବାକୁ ସେ ରାଷ୍ଟ୍ରପତିଙ୍କ ପାଖରେ ଅନୁରୋଧ କରିଥିଲେ, କିନ୍ତୁ ଟ୍ରମ୍ପ ଏଥିରେ କୌଣସି ପ୍ରକାର ବୁଝାମଣା କରିବାକୁ ମନା କରିଦେଇଛନ୍ତି। ଏହା ପୂର୍ବରୁ ମଧ ଟ୍ରମ୍ପ ଟାରିଫ ବିରୋଧରେ ମସ୍କ ସ୍ୱର ଉତ୍ତୋଳନ କରି ସାରିଛନ୍ତି। ଇଟାଲୀରେ ଏକ ସମ୍ମିଳନୀରେ ମସ୍କ କହିଥିଲେ ଯେ ଆମେରିକା ଏବଂ ୟୁରୋପ ଶୂନ୍ୟ ଶୁଳ୍କ ନୀତି ଗ୍ରହଣ କରିବା ଉଚିତ। ସେ ଟ୍ରମ୍ପଙ୍କ ଶୁଳ୍କ ନୀତିକୁ ଅବାସ୍ତବ ବୋଲି ମଧ କହିଥିଲେ। ଖର୍ଚ୍ଚ କାଟ ନାଁରେ ବିଭାଗ ଖୋଲି ସମସ୍ତଙ୍କୁ ଚାକିରିରୁ ବିଦା କରୁଥିବା ଏଲନ ମସ୍କ ନିଜେ ହରଡ଼ଘଣାରେ ପଡ଼ିଯାଇଛନ୍ତି। ଟ୍ରମ୍ପଙ୍କ ପାଲଟା ଶୁଳ୍କର ଘୋଷଣା ପରେ, ଏଲନ ମସ୍କଙ୍କ ନେଟ୍ ସମ୍ପତ୍ତି ପ୍ରାୟ ୯୪ ହଜାର କୋଟି ଟଙ୍କା ହ୍ରାସ ପାଇଛି। ୨୦୨୫ ଆରମ୍ଭରୁ ଏହା ୯.୪ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ନଭେମ୍ବର ୨୦୨୪ ପରେ ପ୍ରଥମ ଥର ପାଇଁ ମସ୍କଙ୍କ ସମ୍ପତ୍ତି ୩୦୦ ବିଲିୟନ ଡଲାର ସ୍ତର ତଳକୁ ଖସିଯାଇଛି। ବ୍ଲୁମବର୍ଗ ବିଲିୟନର୍ସ ଇଣ୍ଡେକ୍ସ ଅନୁଯାୟୀ, ମାର୍ଚ୍ଚ ୨୦୨୫ ସୁଦ୍ଧା ମସ୍କଙ୍କ ମୋଟ ସମ୍ପତ୍ତି ୩୩୦ ବିଲିୟନ ଡଲାର ଥିଲା। ସେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହେବାରେ ନିଜର ପୂର୍ବ ସ୍ଥିତି କାଏମ ରଖିଥିଲେ। ସେପଟେ ଆମେରିକା ସରକାର ଚୀନ ଉପରେ ୫୦ ପ୍ରତିଶତରୁ ବି ଅଧିକ ଶୁଳ୍କ ଲଗାଇଥିବା ବେଳେ ଆମେରିକାର ଅଧିକାଂଶ କମ୍ପାନୀ ଚୀନରେ ଉତ୍ପାଦାନ କରୁଛନ୍ତି। ଏଭଳି ସ୍ଥଳରେ ଚୀନ ଉପରେ ଏତେ ଶୁଳ୍କ ଲାଗିଲେ ସେଠାରୁ ରପ୍ତାନୀ ହ୍ରାସ ପାଇବ। ଯେଉଁଥିରେ ଏଲନ ମସ୍କଙ୍କ କମ୍ପାନୀ ଟେସ୍‌ଲାର୍ ମଧ ଏକ ବଡ଼ ଉତ୍ପାଦନ କେନ୍ଦ୍ର ରହିଛି। ତେଣୁ ଚୀନ ଠାରୁ ଶୁଳ୍କ ହ୍ରାସ କରିବାକୁ ମସ୍କ ଟ୍ରମ୍ପଙ୍କୁ ବ୍ୟକ୍ତିଗତ ଭାବେ କହିଥିବା ଜଣାପଡ଼ିଛି। ଅନ୍ୟପଟେ ଟ୍ରମ୍ପ ନିର୍ବାଚନ ରାଲିରେ ଆମେରିକାବାସୀଙ୍କୁ ଦରଦାମ କମ୍ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିଜେ ପାଲଟା ଶୁଳ୍କ ଲଗାଇବା ପରେ ଆମେରିକା ଶେୟାର ମାର୍କେଟ୍‌ର ହ୍ରାସ ହେବା ସହିତ ଦରଦାମ ବଢ଼ିବାରେ ଲାଗିଛି। ଯଦି ଟ୍ରମ୍ପଙ୍କ ଏଭଳି ଧାରା ଜାରି ରହିଲା ତେବେ ଟ୍ରମ୍ପ ସରକାର ଆମେରିକାବାସୀଙ୍କ ଆକ୍ରୋସର ଶିକାର ହୋଇପାରନ୍ତି। ସେପଟେ ଅର୍ଥନୀତିଜ୍ଞମାନେ କିନ୍ତୁ ଟ୍ରମ୍ପଙ୍କର ଏଭଳି ଟାରିଫ ବୃଦ୍ଧି କରିବାକୁ ସମାଲୋଚନା କରିଛନ୍ତି।





## ଆଜିର ପେଟ୍ରୋଲ, ଡିଜେଲ ଦର

ଗାଡ଼ିରେ ପେଟ୍ରୋଲ ଓ ଡିଜେଲ ପକାଇବାକୁ ଚାହୁଁଛନ୍ତି କି? ତେବେ ତା ପୂର୍ବରୁ ଜାଣନ୍ତୁ ଆଜିର ଦର କେତେ? କାରଣ ପେଟ୍ରୋଲ ଦଳରେ ସକାଳୁ ସକାଳୁ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଭାରତରେ ଲଞ୍ଚ ହେଲା କିଆ ଇଭି୬




ମୁମ୍ବାଇ, ୮।୪: ସାଉଥ କୋରିଆ ଅଟୋମେକର୍ କମ୍ପାନୀ କିଆ ଭାରତୀୟ ବଜାରରେ ବିଭିନ୍ନ ସେଗମେଣ୍ଟରେ କାର୍ ସେଲ୍ କରେ। କିଆ ୨୬ ମାର୍ଚ୍ଚ ୨୦୨୫ରେ ଏହାର ପ୍ରିମିୟମ୍ ଇଲେକ୍ଟ୍ରିକ୍ ଏସୟୁଭି କିଆ ଇଭି6ରେ ଏକ ନୂଆ ଭର୍ସନ ଲଞ୍ଚ କରିଛି। ପୁରୁଣା ଭର୍ସନ ତୁଳନାରେ କମ୍ପାନୀ ଏହାକୁ କିଛି ପରିବର୍ତ୍ତନ ସହିତ ଲଞ୍ଚ କରିଛି। ନୂଆ ଇଭି୬ରେ ଅନେକ ପରିବର୍ତ୍ତନ କରାଯାଇଛି। ପୁରୁଣା ଭର୍ସନ ତୁଳନାରେ ଏହାର ଲମ୍ବ ଏବଂ ଫ୍ରଣ୍ଟକୁ ବଢ଼ାଇ ଦିଆଯାଇଛି। ଏହା ବ୍ୟତୀତ ଏଥିରେ ନୂଆ ଡିଜାଇନ୍ ହୋଇଥିବା ହେଡଲାଇଟ୍ ଏବଂ ବମ୍ପର ଦିଆଯାଇଛି। ଏହା ସହିତ, ନୂଆ ଏସୟୁଭିରେ ପୂର୍ବ ଅପେକ୍ଷା ଏକ ବଡ଼ ବ୍ୟାଟେରୀ ଦିଆଯାଇଛି, ଯାହା ଏହାର ରେଞ୍ଜ ବୃଦ୍ଧି କରିଛି। ତେବେ ଆସନ୍ତୁ ଏହା ବିଷୟରେ ବିସ୍ତୃତ ଭାବରେ ଜାଣିବା।ନୂଆ କିଆ ଇଭି୬ ୮୪ କେଡବ୍ଲ୍ୟୁଏଚ କ୍ଷମତା ବିଶିଷ୍ଟ ବ୍ୟାଟେରୀ ସହ ସଜ୍ଜିତ। ଯାହାକୁ ଫୁଲ୍ ଚାର୍ଜ କରିବା ପରେ ୬୬୩ କିଲୋମିଟର ପର୍ଯ୍ୟନ୍ତ ଚଲାଇହେବ। ଏଥିରେ ଡୁଆଲ୍ ମୋଟର ଅଲ୍ ହ୍ୱିଲ୍ ଡ୍ରାଇଭ୍ ସିଷ୍ଟମ୍ ଅଛି ଯାହା ଏହାକୁ ୩୨୫ ପିଏସ ପାୱାର ଏବଂ ୬୦୫ ନ୍ୟୁଟନ୍ ମିଟର ଟର୍କ ଦିଏ। ଏହି ଏସୟୁଭି କାରକୁ ମାତ୍ର ୧୮ ମିନିଟରେ ୧୦ ରୁ ୮୦ ପ୍ରତିଶତ ଚାର୍ଜ କରାଯାଇପାରିବ। ୧୫ ମିନିଟ୍ ଚାର୍ଜ କରିବା ପରେ ଏହାକୁ ୩୪୩ କିଲୋମିଟର ପର୍ଯ୍ୟନ୍ତ ଚଲାଇହେବ। ନୂଆ କିଆ ଇଭି୬ରେ କମ୍ପାନୀ ଦ୍ୱାରା ଅନେକ ଭଲ ଫିଚର୍ସ ପ୍ରଦାନ କରାଯାଇଛି। ଏଥିରେ କନେକ୍ଟେଡ୍ ଏଲଇଡି ଡିଆରଏଲ, ସିକ୍ୱେସନଲ ଇଣ୍ଡିକେଟର୍ସ, ୧୯-ଇଞ୍ଚ ଆଲୟ ହ୍ୱିଲ୍, ଡବଲ ଡି କଟ୍ ଷ୍ଟିଅରିଂ ହ୍ୱିଲ୍, ଡିଜିଟାଲ ରିୟର ଭ୍ୟୁ ମିରର୍, ଅପଡେଟ୍ ହେଡସ-ଅପ୍ ଡିସପ୍ଲେ, ୧୨.୩-ଇଞ୍ଚ କର୍ଭଡ୍ ପାନୋରାମିକ୍ ଡିସପ୍ଲେ, ୱାୟାରଲେସ୍ ଆପଲ୍ କାର୍ ପ୍ଲେ, ଆଣ୍ଡ୍ରଏଡ୍ ଅଟୋ, ୧୫-ୱାଟ୍ ୱାୟାରଲେସ୍ ଫୋନ୍ ଚାର୍ଜର, ରିମୋଟ୍ ପାର୍କିଂ ଆସିଷ୍ଟ, ଓଟିଏ ଅପଡେଟ୍ସ, ୩୬୦-ଡିଗ୍ରୀ କ୍ୟାମେରା ଏବଂ ଲେଭଲ୍-୨ ଏଡିଏଏସ ଭଳି ଫିଚର୍ସ ରହିଛି। ଏହି ଏସୟୁଭିଟି ସ୍ନୋ-ହ୍ୱାଇଟ୍ ପର୍ଲ, ଅରୋରା ବ୍ଲାକ୍ ପର୍ଲ, ୱୁଲ୍ଫ ଗ୍ରେ, ରନୱେ ରେଡ୍ ଏବଂ ୟାଚ୍ ବ୍ଲୁ ମ୍ୟାଟ୍ ଭଳି କଲର୍ ଅପ୍ସନରେ ପ୍ରଦାନ କରାଯାଇଛି। କିଆ ଇଭି୬କୁ ୬୫.୯ ଲକ୍ଷ ଟଙ୍କା ଏକ୍ସ-ସୋରୁମ୍ ମୂଲ୍ୟରେ ଲଞ୍ଚ କରାଯାଇଛି। ଏହି ଏସୟୁଭି କେବଳ ଜିଟି ଲାଇନ ଭାରିଆଣ୍ଟରେ ପ୍ରଦାନ କରାଯାଉଛି। ପୂର୍ବରୁ ଏହି ଏସୟୁଭିକୁ ଜାନୁଆରୀ ୨୦୨୫ରେ ଅନୁଷ୍ଠିତ ଅଟୋ ଏକ୍ସପୋରେ ୧୭ ଜାନୁଆରୀ ୨୦୨୫ରେ ଉପସ୍ଥାପନ କରାଯାଇଥିଲା।



## ମଣିପାଲ ହସ୍ପିଟାଲ୍‌ରେ ରୋଟେଟର୍ କଫ୍ ଟିୟରର ପ୍ରଥମ ଅତ୍ୟାଧୁନିକ ଚିକିତ୍ସା

ଭୁବନେଶ୍ୱର, ୮।୪: ଭୁବନେଶ୍ୱରର ମଣିପାଲ୍ ହସ୍ପିଟାଲ୍ସ ଏକ ବଡ ଉପଲବ୍ଧି ହାସଲ କରିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ରିଜେଣ୍ଟେନ୍ ପ୍ୟାଚ୍ ନାମକ ଏକ କୃତ୍ରିମ ବାୟୋଇଣ୍ଡକ୍ଟିଭ୍ ଇମ୍ପ୍ଲାଣ୍ଟ୍ ବ୍ୟବହାର କରି ରୋଟେଟର୍ କଫ୍ ଟିୟର ଚିକିତ୍ସାର ଏକ ଉନ୍ନତ ଅର୍ଥ୍ରୋସ୍କୋପିକ୍ କୌଶଳ ଗ୍ରହଣ କରିଛି। କାନ୍ଧ ସନ୍ଧିକୁ ଘେରି ରହିଥିବା ମାଂସପେଶୀ ଏବଂ ଟେଣ୍ଡନ ବା ପେଶୀରଜ୍ଜୁର ଗୋଷ୍ଠୀକୁ ରୋଟେଟର୍ କଫ୍ କୁହାଯାଏ। କୌଣସି ଆଘାତ କାରଣରୁ ଫାଟିଗଲେ ଏହାକୁ ରୋଟେଟର୍ କଫ୍ ଟିୟର କୁହାଯାଏ। ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ଅର୍ଥ୍ରୋସ୍କୋପିକ୍ ସର୍ଜନ ତଥା ସ୍ପୋର୍ଟସ୍ ସର୍ଜରି ବିଶେଷଜ୍ଞ ଡାକ୍ତର ସାର୍ଥକ ପଟ୍ଟନାୟକ ଜଣେ ୫୦ ବର୍ଷ ବୟସ୍କ ରୋଗୀଙ୍କ ଠାରେ ଏହି ସଫଳ ଅସ୍ତ୍ରୋପଚାର କରିଛନ୍ତି। ରୋଗୀଜଣକ ରୋଟେଟର୍ କଫ୍ ଟିୟର ହେତୁ ଅସ୍ତ୍ରୋପଚାର ପୂର୍ବରୁ ତାଙ୍କ ଡାହାଣ କାନ୍ଧ ଉଠାଇ ପାରୁନଥିଲେ। ଓଡ଼ିଶାର ଅନ୍ୟ କୌଣସି ଡାକ୍ତରଖାନାରେ ଏହି ଅନ୍ତଃରୋପଣ କୌଶଳ ପ୍ରୟୋଗ କରାଯାଇନାହିଁ ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ରୋଗୀ ସେବାକୁ ଉନ୍ନତ କରିବା ପାଇଁ ଆମେ ସର୍ବଦା ଆଧୁନିକ ଚିକିତ୍ସା ପ୍ରଯୁକ୍ତିର ଅଗ୍ରଗାମୀ ହେବାକୁ ପ୍ରତିବଦ୍ଧ ବୋଲି ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି।

### ଟ୍ରମ୍ପ ଟାରିଫ୍‌କୁ ଚେକ୍ ଦେବାକୁ ମୋଦି ସରକାରଙ୍କ ପଦକ୍ଷେପ

## ୟୁରୋପ ସହ ବାଣିଜ୍ୟ ପାଇଁ ଆଲୋଚନା

ନୂଆଦିଲ୍ଲୀ: ଆମେରିକାର ପାଲଟା ଶୁଳ୍କ କାରଣରୁ ବିଶ୍ୱ ବଜାରରେ ଦେଖାଦେଇଛି ବାଣିଜ୍ୟିକ ଅନିଶ୍ଚିତତା। ଅନେକ ଦେଶ ଏହାକୁ ନେଇ ଏବେ ଚିନ୍ତାରେ। କାରଣ ଟ୍ରମ୍ପ ଲଗାଇଥିବା ଏହି ଉଚ୍ଚ ଶୁଳ୍କ ସେମାନଙ୍କୁ କ୍ଷତିରେ ପକାଇପାରେ। ଏହାରି ମଧରେ ଭାରତ ଟ୍ରମ୍ପଙ୍କ ଏହ ଶୁଳ୍କ ପ୍ରଭାବରୁ ବର୍ତ୍ତିବା ପାଇଁ ବିକଳ୍ପ ବ୍ୟବସ୍ଥା ଉପରେ ଯୋଜନା କରୁଛି। ଏହି କ୍ରମରେ ଭାରତ ଏବେ ୟୁରୋପୀୟ ୟୁନିୟନ (ଇୟୁ) ସହ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ପାଇଁ ଯୋଜନା କରୁଛି। ଜାତୀୟ ଗଣମାଧମରେ ଜଣେ ଅଧିକାରୀ ଦେଇଥିବା ସୂଚନା ଅନୁସାରେ, 'ୟୁରୋପୀୟ ୟୁନିୟନ ସହ ପ୍ରସ୍ତାବିତ ଏଫଟିଏ ଉପରେ ଦୁଇଟି ପର୍ଯ୍ୟାୟ ଆଲୋଚନା ଆରମ୍ଭ ହୋଇସାରିଛି।' ଉଭୟ ପକ୍ଷ ପୂର୍ବରୁ ମାର୍ଚ୍ଚ ମାସରେ ବ୍ରସେଲ୍ସରେ ପ୍ରଥମ ପର୍ଯ୍ୟାୟ ବୁଝାମଣା ପାଇଁ ୧୦ମ ଥର ପାଇଁ ଆଲୋଚନା କରିଥିଲେ। ଆଗାମୀ ଆଲୋଚନା ମେ ମାସରେ ନୂଆଦିଲ୍ଲୀରେ ହୋଇପାରେ। ଏହା ପୂର୍ବରୁ ଭାରତ ଅଷ୍ଟ୍ରେଲିଆ ସହ ମଧ ଦୁଇଟି ପର୍ଯ୍ୟାୟ ବାଣିଜ୍ୟିକ ଆଲୋଚନା କରିଥିଲା। ଦୁଇ ପର୍ଯ୍ୟାୟ ଆଲୋଚନାରେ ଉଭୟ ପକ୍ଷ ଏଭଳି କ୍ଷେତ୍ର ଉପରେ ଆଲୋଚନା କରିଥାନ୍ତି, ଯାହା ଉପରେ ସହଜରେ ସହମତି ହୋଇପାରିବ। ଜଟିଳ ବାଣିଜ୍ୟିକ ପ୍ରସଙ୍ଗକୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ରଖିଦିଆଯାଏ। ଅଧିକାରୀ କହିଛନ୍ତି ଗତ ମାସରେ ବରିଷ୍ଠ ରାଜନୈତିକ ନେତାଙ୍କ ସହ ୟୁରୋପୀୟ ୟୁନିୟନ ଅଧକ୍ଷ ଉର୍ସୁଲା ଭନ ଡେର ଲିଏନ ଭାରତ ଗସ୍ତରେ ଆସିଥିଲେ। ଆଉ ଏହି ସମୟରେ ଏଫଟିଏ ଉପରେ ତାଙ୍କ ସହ ହୋଇଥିବା ହୋଇଥିବା କଥାବାର୍ତ୍ତା ସକାରାତ୍ମକ ଥିଲା। ସେପଟେ ବାଣିଜ୍ୟିକ ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲଗାଯାଇଥିବା ଉଚ୍ଚ ସୀମା ଶୁଳ୍କ, ଭାରତ ଏବଂ ୟୁରୋପୀୟ ୟୁନିୟନ ମଧରେ ଆର୍ଥିକ ସମ୍ବନ୍ଧକୁ ମଜଭୁତ କରିବ। କାରଣ ୟୁରୋପୀୟ ସଂଘ ୮ ବର୍ଷ ପରେ ୨୦୨୨ରେ ଏଫଟିଏ ଉପରେ ପୁଣି କଥାବାର୍ତ୍ତା ଆରମ୍ଭ କରିଛି। ଯାହା ୨୦୧୩ରେ ମୁକ୍ତ ବାଣିଜ୍ୟ ନୀତି ଉପରେ ମତଭେଦ କାରଣରୁ ବନ୍ଦ ହୋଇଥିଲା।

### ୧୦ ବିଲିୟନ ଡଲାର ବୁଡ଼ିଗଲା

# ଭାରତର ୪ ଧନୀ ବି ଘାଇଲା

ମୁମ୍ବାଇ,୭।୪: ସୋମବାର ଷ୍ଟକ୍ ବଜାର ମାଡାରୁ ଦେଶର ସବୁଠାରୁ ଧନୀ ବ୍ୟକ୍ତି ମଧ ବାଦ ପଡ଼ି ନାହାନ୍ତି। ଫୋର୍ବସ୍ ର ରିଅଲ୍-ଟାଇମ୍ ବିଲିୟନିୟର୍ ତାଲିକା ଅନୁଯାୟୀ, ଖୁଚୁରା ନିବେଶକଙ୍କ ସହିତ, ଦେଶର ଶୀର୍ଷ ଚାରି ଜଣ କୋଟିପତି, ମୁକେଶ ଅମ୍ବାନୀ, ଗୌତମ ଆଦାନୀ, ସାବିତ୍ରୀ ଜିନ୍ଦଲ ଏବଂ ପରିବାର ଏବଂ ଶିବ ନାଦର ମିଳିତ ଭାବରେ ୧୦ ବିଲିୟନ ଡଲାରରୁ ଅଧିକ କ୍ଷତି ସହିଛନ୍ତି କାରଣ ସାରା ବିଶ୍ୱର ବଜାର ଦ୍ରୁତ ଭାବରେ ହ୍ରାସ ପାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧକ୍ଷ ଏବଂ ଭାରତର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ସର୍ବାଧିକ କ୍ଷତି କରିଛନ୍ତି। ତାଙ୍କ ସମ୍ପତ୍ତି ୩.୬ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ତାଙ୍କ ମୋଟ ସମ୍ପତ୍ତି ୮୭.୭ ବିଲିୟନ ଡଲାରକୁ ହ୍ରାସ କରିଛି। ଆଦାନୀ ଗ୍ରୁପ୍ ପରିଚାଳନା କରୁଥିବା ଗୌତମ ଆଦାନୀଙ୍କ ସମ୍ପତ୍ତିରେ ୩ ବିଲିୟନ ଡଲାର ହ୍ରାସ ଘଟିଛି।



ତାଙ୍କ ସମ୍ପତ୍ତି ବର୍ତ୍ତମାନ ୫୭.୩ ବିଲିୟନ ଡଲାର। ଓପି ଜିନ୍ଦଲ ଗ୍ରୁପ୍ ର ମାଲିକ ସାବିତ୍ରୀ ଜିନ୍ଦଲ ଏବଂ ପରିବାର ୨.୨ ବିଲିୟନ ଡଲାର ହରାଇଛନ୍ତି। ସେମାନଙ୍କ ସମ୍ପତ୍ତି ଏବେ ୩୩.୯ ବିଲିୟନ ଡଲାର। ସେ ବର୍ତ୍ତମାନ ବିଶ୍ୱ ଧନୀ ତାଲିକାରେ ୪୫ତମ ସ୍ଥାନରେ ଅଛନ୍ତି। ଏଚସିଏଲ ଟେକ୍ନୋଲୋଜିର ପ୍ରତିଷ୍ଠାତା ଶିବ ନାଦର ମଧ ଏକ କ୍ଷତିର ସମ୍ମୁଖୀନ ହୋଇଥିଲେ। ତାଙ୍କ ସମ୍ପତ୍ତି ୧.୫ ବିଲିୟନ ଡଲାର ହ୍ରାସ ପାଇ ୩୦.୯ ବିଲିୟନ ଡଲାର ହୋଇଗଲା। ବିଶ୍‌ବବ୍ୟାପୀ ଶେୟାର ବଜାରରେ ଭୟଙ୍କର ବିକ୍ରୟ ପରେ ଷ୍ଟକ୍ ବଜାର କ୍ରାସ୍ ହେବା ଫଳରେ ସେମାନଙ୍କ ସମ୍ପତ୍ତିରେ ହ୍ରାସ ଘଟିଥିଲା। ବର୍ଦ୍ଧିତ ବାଣିଜ୍ୟ ଉତ୍ତେଜନା ଏବଂ ଯୁକ୍ତରାଷ୍ଟ୍ରରେ ମାନ୍ଦାବସ୍ଥାର ଭୟ ଯୋଗୁଁ ନିବେଶକମାନେ ଚିନ୍ତିତ ଥିଲେ। ସେନସେକ୍ସ ୩,୦୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଲା, ଏବଂ ନିଫ୍ଟି ୨୨,୦୦୦ ପଏଣ୍ଟ ତଳକୁ ଖସିଗଲା। ସମସ୍ତ କ୍ଷେତ୍ରରେ ବିକ୍ରୟ ଦେଖାଦେଇଥିଲା, ଏଥିରୁ କୌଣସି ପ୍ରମୁଖ କ୍ଷେତ୍ର ବାକି ରହିନାହିଁ। ସମସ୍ତ କ୍ଷେତ୍ରୀୟ ସୂଚକାଙ୍କ ବଡ ହ୍ରାସ ପାଇଛି। ନିଫ୍ଟି ମେଟାଲ୍ ୮%, ନିଫ୍ଟି ଆଇଟି ୭% ରୁ ଅଧିକ ହ୍ରାସ ପାଇଛି, ଏବଂ ଅଟୋ, ରିଅଲ୍ଟି ଏବଂ ତୈଳ ଏବଂ ଗ୍ୟାସ୍ ସୂଚକାଙ୍କ ୫% ରୁ ଅଧିକ ହ୍ରାସ ପାଇଛି। ସେହିଭଳି ସ୍ମଲ-କ୍ୟାପ୍ ଷ୍ଟକ୍ ୧୦% ଏବଂ ମିଡ-କ୍ୟାପ୍ ଷ୍ଟକ୍ ୭.୩% ହ୍ରାସ ପାଇଛି।

# ସିନେମା



# ସାମ୍ବାଦିକତାରୁ ନିର୍ଦ୍ଦେଶନା



ନୂଆଦିଲ୍ଲୀସ୍ଥିତ ଭାରତୀୟ ବିଦ୍ୟାଭବନରୁ ୨୦୦୨ ମସିହାରେ ସାମ୍ବାଦିକତା ପାଠ୍ୟକ୍ରମ ଶେଷ କରିବା ପରେ ସ୍ନେହାଶିଷ ଦାସ 'ଡାଉନ୍ ଟୁ ଆର୍ଥ' ପତ୍ରିକାରେ ସାମ୍ବାଦିକ ଭାବେ କ୍ୟାରିଅର୍ ଆରମ୍ଭ କରିଥିଲେ। ତା'ପରେ ସେ ଘଟଣାକ୍ରମେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣରେ ମନୋନିବେଶ କଲେ। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ପ୍ରାମାଣିକ ଚଳଚ୍ଚିତ୍ର ଥିଲା କାଶ୍ମୀରର ଡାଲ୍ ହ୍ରଦ ଉପରେ ପର୍ଯ୍ୟବସିତ 'ଦ ଲେକ୍ ଡେସ୍ପେଆର୍'। ଏହାପରେ ସ୍ନେହାଶିଷ ପ୍ରସାରଭାରତୀ ଲାଗି ମାତୃ ମୃତ୍ୟୁ ପ୍ରସଙ୍ଗ ଉପରେ 'ନେମିସିସ୍ ଅଫ୍ ମଦରହୁଡ୍' ଶୀର୍ଷକ ଆଉ ଏକ ପ୍ରାମାଣିକ ଛବି ନିର୍ମାଣ କରିଥିଲେ, ଯାହାର ସୁଟିଂ ମାଲକାନାଗିରିରେ କରାଯାଇଥିଲା। ପ୍ରାମାଣିକ ଚିତ୍ରର ନିର୍ମାଣ ଲାଗି ସେ ଲଣ୍ଡନ୍, ଇଣ୍ଡୋନେସିଆ, ନେପାଳ, ଭୁଟାନ୍ ଆଦି ଦେଶ ଗସ୍ତ କରିଛନ୍ତି।

କିନ୍ତୁ ସ୍ନେହାଶିଷ ଅନୁଭବ କଲେ ଯେ ସାଧାରଣ ଦର୍ଶକଙ୍କ ନିକଟତର ହେବା ଲାଗି ମ୍ୟୁଜିକ୍ ଭିଡିଓ ଓ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ବା ୱେବ୍ ସିରିଜ୍ ନିର୍ମାଣ କରିବାକୁ ପଡ଼ିବ। ଏଣୁ ସେ କଣ୍ଟାବାଞ୍ଜିର ମରୁଡ଼ି ଓ ଦାଦନ ସମସ୍ୟା ଉପରେ ଏକ ହିନ୍ଦୀ ମ୍ୟୁଜିକ୍ ଭିଡିଓ ନିର୍ମାଣ କଲେ। ତା'ପରେ ୧୯୯୯ ମହାବାତ୍ୟା ପରେ ମହିଳାମାନେ ଝାଉଁବଣ ସୃଷ୍ଟି କରି କିପରି ପରିବେଶକୁ ସୁରକ୍ଷା ପ୍ରଦାନ କରୁଛନ୍ତି ତାହା ଉପରେ ମଧ୍ୟ ଏକ ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତ କଲେ।

ସର୍ବଦା ସାମାଜିକ ସଚେତନତାଧର୍ମୀ କାମରେ ବିଶ୍ୱାସ ରଖୁଥିବା ସ୍ନେହାଶିଷ ୨୦୧୬ରେ ସେ ଅଙ୍ଗଦାନ (ଅର୍ଗାନ୍ ଡୋନେସନ୍) ଉପରେ 'ସ୍ପନ୍ଦନ' ଶୀର୍ଷକରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଏଥିରେ ଉଚ୍ଚକୋଟିର ଅଭିନୟ ଲାଗି ଅଭିନେତ୍ରୀ ଗାର୍ଗୀ ମହାନ୍ତି ଲାଭ କରିଥିଲେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ଏହାପରେ ୨୦୧୮ରେ 'କୋକୋଲି' ଶୀର୍ଷକ ଏକ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ନିର୍ମାଣ କଲେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ କିପରି ମତ୍ସ୍ୟଜୀବୀମାନେ କ୍ଷତିଗ୍ରସ୍ତ ହୁଅନ୍ତି, ତାହାକୁ ନିଖୁଣ ଭାବେ 'କୋକୋଲି'ରେ ସେ ଦର୍ଶାଇଥିଲେ। ଏହି ସିନେମାଟି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କାର ମଧ୍ୟ ଲାଭ କରିଥିଲା।

୨୦୨୦ରେ ସ୍ନେହାଶିଷ 'ଶୁକ ଭାଇର ଶୋଲେ' ଶୀର୍ଷକରେ ଆଉ ଏକ ସିନେମାର ନିର୍ଦ୍ଦେଶନା ଦେଇଥିଲେ, ଯାହା ସେନ୍‌ସର୍ ହୋଇଥିଲା। ମାତ୍ର ତାକୁ ପ୍ରଯୋଜନା ସଂସ୍ଥା ପ୍ରେକ୍ଷାଳୟରେ ରିଲିଜ୍ ନ କରି 'ଆଓ ନେକ୍ସଟ୍ ଓଟିଟି'ରେ ରିଲିଜ୍ କରିଥିଲେ। ଏହା ମଧ୍ୟ ଦର୍ଶକଙ୍କ ଦ୍ୱାରା ଆଦୃତି ଲାଭ କରିଥିଲା। ସଂପ୍ରତି ସ୍ନେହାଶିଷ 'ନାଲି ଚା'- ଦ ଟେଷ୍ଟ ଅଫ୍ ଲାଇଫ୍' ଶୀର୍ଷକରେ ଏକ ୱେବ୍ ସିରିଜ୍‌ର ନିର୍ଦ୍ଦେଶନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମର କୁପ୍ରଭାବ କିପରି ଜଣେ ଯୁବତୀ ଉପରେ ପଡ଼ିଛି, ତାହା ଏଥିରେ ଚିତ୍ରିତ କରିଛନ୍ତି ନିର୍ଦ୍ଦେଶକ ସ୍ନେହାଶିଷ। ଆଗକୁ ତାଙ୍କ ଆଖିରେ ଓଡ଼ିଆ ମନୋରଞ୍ଜନ ଜଗତକୁ ନେଇ ଅନେକ ସ୍ୱପ୍ନ ରହିଛି।



# ଦୀପ୍ତିରେଖା ଓ ସୌରଭଙ୍କ 'ଆମେ ଖାଣ୍ଟି ଓଡ଼ିଆ ଆମ ଭାଷା ବଢ଼ିଆ'

ଓଡ଼ିଶାର ଜଣାଶୁଣା ମ୍ୟୁଜିକ୍ ପ୍ରଡକ୍ସନ ହାଉସ୍ ସାବିତ୍ରୀ ମ୍ୟୁଜିକ୍ ପକ୍ଷରୁ ଉତ୍କଳ ଦିବସ ଉପଲକ୍ଷେ ଓଡ଼ିଶାର କଳାସଂସ୍କୃତିକୁ ନେଇ ନୂଆ ଓଡ଼ିଆ ଆଲବମ 'ଆମେ ଖାଣ୍ଟି ଓଡ଼ିଆ ଆମ ଭାଷା ବଢ଼ିଆ' ପ୍ରସ୍ତୁତ ହୋଇଛି। ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଓ ସୌରଭ ଭରଦ୍ୱାଜ ଏଥିରେ କଣ୍ଠଦାନ କରିଛନ୍ତି। କୃଷ୍ଣଚନ୍ଦ୍ର ଏହାର ସଙ୍ଗୀତ ନିର୍ଦ୍ଦେଶକ ଓ ଗୀତ ରଚନା କରିଛନ୍ତି ବିଭୁତି ସ୍ୱାଇଁ। ଉତ୍କଳ ଦିବସ ଅବସରରେ ସାବିତ୍ରୀ ମ୍ୟୁଜିକ୍‌ର ୟୁଟ୍ୟୁବ ଚ୍ୟାନେଲ୍‌ରେ ଏହା ମୁକ୍ତିଲାଭ କରିଛି।

# ବର୍ଷର ପ୍ରଥମ ତ୍ରିମୁଖୀ ଲଢ଼େଇ

ଡକ୍ଟର ଶ୍ରୁତି ମହାପାତ୍ରଙ୍କ ଜୀବନୀ ଆଧାରିତ ସିନେମା 'ପାଦେ ଆକାଶ'ରେ ଅର୍ଚ୍ଚିତା ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ବେଳେ ତାଙ୍କ ବିପକ୍ଷରେ ଅଛନ୍ତି ଅଙ୍କିତ କୁମାର। କାହାଣୀ ଅନୁଯାୟୀ, ନାୟିକା ଦୁର୍ଘଟଣାର ଶିକାର ହୁଅନ୍ତି ଓ ପକ୍ଷାଘାତରେ ପୀଡ଼ିତ ହୋଇଯାଆନ୍ତି। ତା'ପରେ ନାୟିକାଙ୍କ ଜୀବନରେ କ'ଣ ସବୁ ଘଟେ ତାହା ସିନେମାର ବିଷୟବସ୍ତୁ। ଏଥିରେ ଅର୍ଚ୍ଚିତା ପ୍ରଭାବଶାଳୀ ଅଭିନୟ କରିଥିବା ଚର୍ଚ୍ଚା ହେଉଛି। ତରଙ୍ଗ ସିନେ ପ୍ରଡକ୍ସନ୍ ପ୍ରଯୋଜିତ ଏହି ଛବିରେ ଅଙ୍କିତ୍ ନାୟିକାଙ୍କ ଭାବୀ ପତି ଭୂମିକାରେ ଥିବା ବେଳେ ଏଥିରେ ବଲିଉଡ୍ ଅଭିନେତା ରାଜେଶ ଜୈସ୍, ହର ରଥ, ସ୍ମିତା ମହାନ୍ତି, ମୋହନ ମଜିଠିଆ, ମଧୁମିତା ଓ ବିଜୟଲକ୍ଷ୍ମୀ ପ୍ରମୁଖ ଅଭିନୟ କରିଛନ୍ତି। ସୁଶାନ୍ତ ମଣି ନିର୍ଦ୍ଦେଶିତ 'ପାଦେ ଆକାଶ'ର ସଂଳାପ ଭରଦ୍ୱାଜ ପଣ୍ଡା ଲେଖିଥିବା ବେଳେ ଚିତ୍ରନାଟ୍ୟ ରଚନା କରିଛନ୍ତି ବିପ୍ଳବ ସିଂହ ଓ ଦେବୀଦତ୍ତ ମହାନ୍ତି। ପ୍ରେମ୍ ଆନନ୍ଦ ଏହାର ସଙ୍ଗୀତକାର ଓ ଗୀତିକାର ବିଜୟ ମଲ୍ଲ।

'ପାଦେ ଆକାଶ' ଭଳି ନାରୀ ସଂଘର୍ଷ କାହାଣୀ ସହିତ ଟକ୍କର ଦେବାକୁ ଆସୁଛି ନାରୀ ଶିକ୍ଷା ଉପରେ ଆଧାରିତ ଦ୍ୱିଭାଷୀ ଛବି 'ଆଜିର ରେବତୀ'। ସିନେମାର ମୁଖ୍ୟ ନାରୀ ଚରିତ୍ରର ଶିକ୍ଷାକୁ କେନ୍ଦ୍ରକରି କାହାଣୀ ଗତିଶୀଳ ହୋଇଛି। ରମେଶ ବାରିକଙ୍କ ପ୍ରଯୋଜିତ ତଥା ଶୁଭ୍ରାଂଶୁ ଦାସଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ବଙ୍ଗୀୟ ନାୟକ ବନ୍ନି ସେନଗୁପ୍ତ, ଶୀତଲ୍, ପୃଥ୍ୱୀରାଜ ନାୟକ, ଉଷସୀ ମିଶ୍ର ଓ ପୁଷ୍ପା ପଣ୍ଡା ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ବଦ୍ରୀ ମିଶ୍ରଙ୍କ କାହାଣୀ ଆଧାରିତ ଏହି ସିନେମାର ସଂଳାପକାର ହେଲେ ଶ୍ୟାମାପ୍ରସାଦ ମିଶ୍ର। 'ଆଜିର ରେବତୀ'ରେ ବି ଦର୍ଶକ ପ୍ରେମ୍ ଆନନ୍ଦଙ୍କ ସଙ୍ଗୀତ ଶୁଣିବାକୁ ପାଇବେ। ଏହା ଉଭୟ ଓଡ଼ିଆ ଓ ବଙ୍ଗଳା ଭାଷାରେ ଏକାସଙ୍ଗେ ମୁକ୍ତିଲାଭ କରୁଛି।

ଏହି ଦୁଇ ଛବି ସହ ସମାନ ତାରିଖରେ ପ୍ରେକ୍ଷାଳୟକୁ ଆସୁଛି ଲଭ୍, ରୋମାନ୍ସ ଓ ଆକ୍ସନ୍‌ରେ ଭରପୂର ସସ୍‌ପେନ୍ସ ଥ୍ରିଲର୍ 'ଡଷ୍ଟବିନ୍'। କେ. କେ. ସାହୁଙ୍କ ପ୍ରଯୋଜିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ, ସଂଗୀତ ଓ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଜଣାଶୁଣା ଅଭିନେତା ପପୁ ପମ୍‌ପମ୍। ଡ. ଦୀପକ ଜେନା ଏହାର ସଂଳାପ ରଚନା କରିଥିବା ବେଳେ ଡ. ନିର୍ମଳ ନାୟକ, ଡ. ଦୀପକ ଜେନା ଓ ରଞ୍ଜନ ନାୟକ ଗୀତ ରଚନା କରିଛନ୍ତି। ଏଥିରେ ପପୁ ପମ୍‌ପମ୍‌ଙ୍କ ବିପକ୍ଷରେ ନବାଗତା ପ୍ରାଚୀ ଥିଲା ବେଳେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ସୁକୁମାର ଟୁଡୁ, ଦୀପନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ୍ ଓ ମନୋଜ ସ୍ୱାଇଁ ଅଭିନୟ କରିଛନ୍ତି।



ପାଦେ ଆକାଶ

ଡଷ୍ଟବିନ୍



ଆଜିର ରେବତୀ

'ପାଦେ ଆକାଶ' ଜରିଆରେ ବଲିଉଡ୍ ଅଭିନେତା ରାଜେଶ ଜୈସ୍ ପ୍ରଥମ ଥର ଲାଗି ଓଡ଼ିଆ ଛବିରେ ଅଭିନୟ କରିଛନ୍ତି। ସେହିପରି 'ଆଜିର ରେବତୀ' ଜରିଆରେ ବଙ୍ଗୀୟ ନାୟକ ବନ୍ନି ସେନଗୁପ୍ତ ଓଲିଉଡ୍‌ରେ ପଦାର୍ପଣ କରିଛନ୍ତି। ତେଣେ କାହାଣୀକାର ଭାବେ ବଦ୍ରୀ ମିଶ୍ର ଓ ସଂଳାପକାର ଭାବେ ଶ୍ୟାମାପ୍ରସାଦ ମିଶ୍ରଙ୍କର ବି 'ଆଜିର ରେବତୀ' ପ୍ରଥମ ସିନେମା। ଏଣେ ନାୟିକା ଭାବେ ପ୍ରାଚୀ ଓ ନିର୍ଦ୍ଦେଶକ ଭାବେ ପପୁ ପମ୍‌ପମ୍ 'ଡଷ୍ଟବିନ୍'ରେ ଡେବ୍ୟୁ କରିଛନ୍ତି।



# ଆସୁଛି 'ସଉତୁଣୀ ନଂ ୱାନ୍'

ସତ୍ୟନାରାୟଣ ପ୍ରଡକ୍ସନ ପ୍ରଯୋଜିତ ଟେଲି ସିନେମା 'ସଉତୁଣୀ ନଂ ୱାନ୍'ର ୱାର୍ଲଡ ଟିଭି ପ୍ରିମିୟର୍ ଖୁବ୍ ଶୀଘ୍ର ତରଙ୍ଗ ଚ୍ୟାନେଲରେ ହେବାକୁ ଯାଉଛି। ଶୁଭେନ୍ଦ୍ର ମଲ୍ଲ ଓ ପ୍ରଦ୍ୟୁମ୍ନ ଲେଙ୍କା ଏହାର ପ୍ରଯୋଜନା କରିଥିବା ବେଳେ ଓଡ଼ିଆ ସିନେମା 'କାଇଁଚମାଳି' ଫେମ୍ ମହେଶ ହାଜରା ଏହାର ନିର୍ଦ୍ଦେଶକ। ଫିଲ୍ମର ନାୟକ ନିଲ୍‌ଙ୍କ ବିପକ୍ଷରେ ଦୁଇ ନାୟିକା ଜସ୍ମିନ ରଥ ଓ ଲାବ୍ରିନ ଖାନମଙ୍କୁ ଦେଖିବାକୁ ପାଇବେ ଦର୍ଶକ। ଏମାନଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ପୁଷ୍ପଲତା ମିଶ୍ର, ମିଲି ମହାନ୍ତି, ଇଲୁ ବାନାର୍ଜୀ ଓ ହାଡୁ ପ୍ରମୁଖ ଅଭିନୟ କରିଛନ୍ତି। ଭରପୂର ମାତ୍ରାରେ ସସ୍‌ପେନ୍ସ ଓ କମେଡି ଥିବା 'ସଉତୁଣୀ ନଂ ୱାନ୍'ର ସୁଟିଂ ନିକଟରେ ଶେଷ ହୋଇଛି। ବିରଜା ପ୍ରସାଦ ଏହାର ସଙ୍ଗୀତ ନିର୍ଦ୍ଦେଶକ ଏବଂ ଗୀତ ରଚନା କରିଛନ୍ତି ନିର୍ମଳ ନାୟକ ଓ ଦୀପକ ଜେନା।

# ଓଟିଟି ଡେବ୍ୟୁ ପାଇଁ ୧୨୫କୋଟି



ବଲିଉଡ୍‌ର ସିଙ୍ଘମ୍ ଭାବେ ଜଣାଶୁଣା ଅଭିନେତା ଅଜୟ ଦେବଗନ୍‌ଙ୍କୁ ନେଇ ଏକ ନୂଆ ଚର୍ଚ୍ଚା ସାମ୍ନାକୁ ଆସିଛି। ଏହା କୌଣସି ଫିଲ୍ମକୁ ନେଇ ନୁହେଁ, ନିଜର ଏକ ୱେବ୍ ସିରିଜ୍ ପାଇଁ ଖବରକୁ ଆସିଛନ୍ତି ସେ। ଓଟିଟି ଡେବ୍ୟୁ ପାଇଁ ସେ ନେଇଥିବା ପାରିଶ୍ରମିକ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ୨୦୨୨ରେ ସିରିଜ୍‌ଟି ରିଲିଜ୍ ହୋଇଥିବା ବେଳେ ଏବେ ତାଙ୍କ ପାରିଶ୍ରମିକକୁ ନେଇ ଖୁଲାସା ହୋଇଛି। ୨୦୨୨ରେ ସେ ସେ 'ରୁଦ୍ରଃ ଦି ଏଜ୍ ଅଫ୍ ଡାର୍କନେସ୍' ସିରିଜ୍ ମାଧ୍ୟମରେ ଓଟିଟିରେ ଡେବ୍ୟୁ କରିଥିଲେ। କୁହାଯାଉଛି, ସଫଳ ବଲିଉଡ୍ ଷ୍ଟାର୍ ଅଜୟ ସସ୍‌ପେନ୍ସ ଥ୍ରିଲର୍ ସିରିଜ୍‌ର ପ୍ରତି ଅଧ୍ୟାୟ ପାଇଁ ୧୮ କୋଟି ଟଙ୍କା ପାରିଶ୍ରମିକ ନେଇଥିଲେ। ସମଗ୍ର ସିରିଜ୍ ପାଇଁ ତାଙ୍କୁ ୧୦୦ କୋଟି ଟଙ୍କାରୁ ଅଧିକ ପାରିଶ୍ରମିକ ମିଳିଥିଲା। 'ରୁଦ୍ର' ସିରିଜ୍‌ରେ ସମୁଦାୟ ୭ଟି ଅଧ୍ୟାୟ ଥିବାରୁ ସେ ମୋଟ୍ ୧୨୫ କୋଟି ଟଙ୍କା ନେଇଥିବା ଆକଳନ କରାଯାଇଛି, ଯାହା ଓଟିଟି ପ୍ଲାଟ୍‌ଫର୍ମ ପାଇଁ ସର୍ବାଧିକ ବୋଲି ଚର୍ଚ୍ଚା ହେଉଛି।

'ରୁଦ୍ରଃ ଦି ଏଜ୍ ଅଫ୍ ଡାର୍କନେସ୍'ରେ ଅଜୟ ଡିସିପି ରୁଦ୍ରବୀର ସିଂହ ଚରିତ୍ରରେ ଅଭିନୟ କରିଥିଲେ। ଏହି ଥ୍ରିଲର୍ ସିରିଜ୍‌ରେ ଅଜୟଙ୍କ ସହ ଅଭିନେତ୍ରୀ ରାଶି ଖାନ୍ନା, ଈଶା ଦେଓଲ୍, ଅଶ୍ୱିନୀ କଲ୍‌ସେକର୍, ଅତୁଲ କୁଲ୍‌କର୍ଣ୍ଣି, ତରୁଣ ଗେହଲଟ୍‌ଙ୍କ ଭଳି କଳାକାର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ଏହି ସିରିଜ୍‌ଟି ଏବେ ଜିଓ ହଟ୍‌ଷ୍ଟାର୍‌ରେ ପ୍ରସାରିତ ହେଉଛି।

# ସିନେମାଟୋଗ୍ରାଫିରୁ ନିର୍ଦ୍ଦେଶନା



ସିନେମାଟୋଗ୍ରାଫରରୁ ନିର୍ଦ୍ଦେଶକ ବନିଥିବା ଏକେ ବୀର୍, ରାଜୁ ମିଶ୍ର, ଯୁଗଳ ଦେବତା, ପ୍ରଭାକର, ଶୁଭ୍ରାଂଶୁ ଦାସ ଓ ପ୍ରତାପ ରାଉତ ପ୍ରମୁଖଙ୍କ ତାଲିକାରେ ଏବେ ଆଉ ଏକ ନାମ ଯୋଡ଼ି ହୋଇଛି। 'ଅଜାତଶତ୍ରୁ' ଓ 'ଅଭିସାର' ଭଳି ଓଡ଼ିଆ ଚଳଚ୍ଚିତ୍ରରେ ଦୃଶ୍ୟଗ୍ରହଣ କରିଥିବା ପ୍ରସନ୍ନ କୁମାର 'ଜହ୍ଲାଦ' ଶୀର୍ଷକ ଛବିରେ ନିର୍ଦ୍ଦେଶନା ଦେଇ ଏହି କ୍ଲବ୍‌ରେ ସାମିଲ ହୋଇଛନ୍ତି। ୧୯୯୪ ମସିହାରେ ପ୍ରସନ୍ନ ଚଳଚ୍ଚିତ୍ର ଶିଳ୍ପରେ ପ୍ରବେଶ କରିଥିଲେ। କେତେକ ସିନେମାରେ ସହକାରୀ ଭାବେ କାମ କରିବା ପରେ 'ଅଜାତଶତ୍ରୁ'ରେ ସିନେମାଟୋଗ୍ରାଫର୍ ବନିଥିଲେ। ତା'ପରେ ରଣଜିତ ମହାନ୍ତିଙ୍କ ନିର୍ଦ୍ଦେଶିତ 'ଅଭିସାର'ରେ ବି ସିନେମାଟୋଗ୍ରାଫି କରିଥିଲେ। ଏହାଛଡ଼ା ଦେଢ଼ଶହରୁ ଅଧିକ ମ୍ୟୁଜିକ୍ ଭିଡିଓରେ ସେ ଚିତ୍ରୋତ୍ତୋଳନ କରିଛନ୍ତି।

**ଓଲିଉଡ୍‌ରେ ଆଉ ଜଣେ ସିନେମାଟୋଗ୍ରାଫର୍ ଟର୍ଣ୍ଡ୍ ଡିରେକ୍ଟରଙ୍କ ଆବିର୍ଭାବ ଘଟିଛି। ସେ ହେଉଛନ୍ତି ପ୍ରସନ୍ନ କୁମାର। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଛବି 'ଜହ୍ଲାଦ' ଏବେ ମୁକ୍ତି ପ୍ରତୀକ୍ଷାରେ।**

ଏହାଛଡ଼ା ସେ 'ଷ୍ଟୁପିଡ୍ ଲଭ୍', 'ହେଲମେଟ୍ ଲଭ୍', 'ଲଭ୍ ଟିକିଏ ହଟ୍‌କେ' ଓ 'କାନ୍ଦୁଛି ହୃଦୟ' ଆଦି ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏଥିସହ କ୍ୟାମେରାମ୍ୟାନ୍ ଭାବେ ଇଟିଭି ଓ ମଞ୍ଜରୀ ଆଦି ଚ୍ୟାନେଲରେ ବି ପ୍ରସନ୍ନ କାମ କରିଛନ୍ତି। ଅଶୋକ କୁମାର ନାୟକଙ୍କ ପ୍ରଯୋଜନାରେ ଡକ୍ଟର ଜନ୍ମେଜୟ ପଣ୍ଡାଙ୍କ କାହାଣୀକୁ ଆଧାର କରି ନିର୍ମିତ 'ଜହ୍ଲାଦ'ରେ ନିର୍ଦ୍ଦେଶକ ଭାବେ ପଦାର୍ପଣ କରିଛନ୍ତି ପ୍ରସନ୍ନ। ସେ ଏହାର ଚିତ୍ରନାଟ୍ୟ ରଚନା କରିବା ସହ ଚିତ୍ରୋତ୍ତୋଳନ ଦାୟିତ୍ୱ ବି ତୁଲାଇଛନ୍ତି। 'ଜହ୍ଲାଦ' ପରେ ପ୍ରସନ୍ନ କୁମାର ବାପ-ପୁଅ ସଂପର୍କ ଉପରେ ଆଧାରିତ ଏକ ଓଡ଼ିଆ ସିନେମା ନିର୍ଦ୍ଦେଶନା ଦେବାକୁ ପ୍ରସ୍ତୁତ ହେଉଛନ୍ତି।

